ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.51 Bhubaneswar Thursday, April 01, 2021 | ୨୪ତମ ବର୍ଷ ସଂଖ୍ୟା-୫୧ ଭୁବନେଶ୍ୱର, ଗୁରୁବାର, ଅପ୍ରେଲ ୦୧, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

# ବିଦ୍ୟୁତ ଦର ବୃଦ୍ଧି ପ୍ରସଙ୍ଗରେ ହଟ୍ଟଗୋଳ, ହୋଇ ପାରିଲା ନାହିଁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ

## ବାଚସ୍ପତି ଡାକିଲେ ସର୍ବଦଳୀୟ ବୈଠକ, ଗୃହ ବାରମ୍ବାର ମୁଲତବୀ

ଭୁବନେଶ୍ୱର, ୩୧ ।୩(ପି.ଏନ): ବିଜୁଳି ଦର ବୃଦ୍ଧି ପ୍ରସଙ୍ଗକୁ ନେଇ କଂଗ୍ରେସ ବିଧାୟକ ମାନଙ୍କର ହଟ୍ଟଗୋଳ କାରଣରୁ ଆଜି ବିଧାନସଭାରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇ ପାରି ନ ଥିଲା । ଗୃହରେ ଅଚଳାବସ୍ଥାକୁ ଏଡାଇବାକୁ ଯାଇ ବାଚସ୍ପତି ଗୃହକୁ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ବୁଧବାର ଦିନ ନିର୍ଦ୍ଧାରିତ ୧୦.୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ ବିଧାୟକ ମାନେ ବିଜୁଳି ଦର ବୃଦ୍ଧି ପ୍ରସଙ୍ଗରେ ଗୃହର ମଧ୍ୟ ଭାଗକୁ ଯାଇ ପାଟିତୁଣ୍ଡ କରିବା ଦେଖା ଦେଇଥିଲା । କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଓ ଅନ୍ୟ ମାନେ ବର୍ଦ୍ଧିତ ବିଜୁଳି ଦରକୁ ହ୍ରାସ କରିବା ଦାବିରେ ନାରାବାଜୀ କରିଥିଲେ । ଅନ୍ୟ ପକ୍ଷରେ ବିରୋଧୀ ଦଳର ନେତା ପ୍ରଦୀପ୍ତ ନାଏକ ମଧ୍ୟ କେନ୍ଦ୍ର ସରକାରଙ୍କର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବିଜୁ ପକ୍କା ଘରର ଲୋଗୋ ଲାଗି ପାରିବ ନାହିଁ ବୋଲି ଦେଇଥିବା ପ୍ରସଙ୍ଗ ଉଠାଇଥିଲେ । ତେବେ କଂଗ୍ରେସ ବିଧାୟକ ମାନଙ୍କର ହଟ୍ଟଗୋଳ କାରଣରୁ ତାଙ୍କର କଥା ଠିକ ଭାବେ ଶୁଣା ଯାଇ ନ ଥିଲା । ବାଚସ୍ପତି କଂଗ୍ରେସ ବିଧାୟକ ମାନଙ୍କୁ ସେମାନଙ୍କ ନିଜ ନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ ହେଁ ଏହି ଅନୁରୋଧର କଂଗ୍ରେସ ବିଧାୟକ ମାନଙ୍କ ଉପରେ କୌଣସି ପ୍ରଭାବ ପଡି ନ ଥିଲା । ଏହା ଫଳରେ ବାଚସ୍ପତି ଶ୍ରୀ ପାତ୍ର ଗୃହକୁ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ୧୧.୩୦ରେ ଗୃହ କାର୍ଯ୍ୟ ପୁଣି ଥରେ ଆରମ୍ଭ ହେଲାଉମାତ୍ରେ ସେହି ସମାନ ସ୍ଥିତି ଦେଖା ଦେଇଥିଲା । କଂଗ୍ରେସ ବିଧାୟକ ମାନେ ଗୃହର ମଧ୍ୟ ଭାଗକୁ ଆସି ପୁଣି ଥରେ ବିଜୁଳି ଦର ବୃଦ୍ଧିର ପ୍ରତିବାଦ କରିଥିଲେ । ଅନ୍ୟ ପକ୍ଷରେ ବିଧାନସଭାର ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ବିରୋଧୀ ଦଳର ନେତା ପ୍ରଦୀପ୍ତ ନାଏକଙ୍କୁ କହିବାକୁ ଅନୁମତି ଦେଇଥିଲେ । ଶ୍ରୀ ନାଏକ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ଲେଖିଥିବା ଚିଠିର ଉଲ୍ଲେଖ କରି କହିଥିଲେ ଯେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମାଣ ହୋଇଥିବା ଘରେ ବିଜୁ ପକ୍କାଘର ଲୋଗୋ ଲଗା ଯାଇ ପାରିବ ନାହିଁ । ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ବିଭାଗ ପ୍ରମୁଖ ସଚିବ ନାଗେନ୍ଦ୍ର ନାଥ ସିହ୍ନା ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଚିଠି ଲେଖି ଏବାବଦରେ ଜଣାଇଛନ୍ତି । ସେହିପରି ସେ ବିଜୁଳି ଦର ବୃଦ୍ଧି ପାଇଁ ନିଷ୍ପତିର ପ୍ରତିବାଦ କରିଥିଲେ । ସେ କହିଥିଲେ ବର୍ତ୍ତମାନ ଖରା ଦିନରେ ବିଜୁଳିର ଦର ବୃଦ୍ଧି କରା ଯାଇଛି । ଏହା ଆଦୌ ଗ୍ରହଣୀୟ ନୁହେଁ । ଏହାକୁ ତୁରନ୍ତ ପ୍ରତ୍ୟାହାର କରା ଯିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ଏହା ପରେ କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ମଧ୍ୟ ବିଜୁଳି ଦର ବୃଦ୍ଧି ପ୍ରସଙ୍ଗ ଉଠାଇଥିଲେ ଓ ଏହାକୁ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ । ସେ କହିଥିଲେ ଯେ ଗତ କିଛି ଦିନ ତଳେ ୨୦ ପଇସା ପ୍ରତି ୟୁନିଟ ଦର ବୃଦ୍ଧି ହୋଇଥିଲା ଓ ଏବେ ପୁଣି ଥରେ ୩୦ ପଇସା ଦର ବୃଦ୍ଧି ଘଟିଛି । ଏହା ସାଧାରଣ ଲୋକଙ୍କୁ ଖୁବ ବାଧୁଛି । ପେଟ୍ରୋଲ, ଡିଜେଲ ଠାରୁ ଇନ୍ଧନ ଗ୍ୟାସ ତଥା ଖାଇବା ତେଲର ଅହେତୁକ ଦର ବୃଦ୍ଧି କାରଣରୁ ଲୋକ ମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ରହିଛି । ସେ କହିଛନ୍ତି ଯେ ରାଜ୍ୟ ସରକାର ଏହି ନିଷ୍ପତି ଓଇଆରସିର ବୋଲି କହି ପାରନ୍ତି । ହେଲେ ସରକାର ଏଥି ପାଇଁ ଉତରଦାୟୀ । ସରକାର ଏଥିରୁ ଖସି ଯାଇ ପାରିବେ ନାହିଁ । ଆଜି ବିନି.ଯୋଗ ବିଲ ଥିବାରୁ ଆମେ ଆଲୋଚନା କରିବାକୁ ପ୍ରସ୍ତୁତ ଅଛୁ । ହେଲେ ରାଜ୍ୟର ଲୋକ ମାନଙ୍କର ଏହି ପ୍ରସଙ୍ଗର ସମାଧାନ ହେବା ଜରୁରୀ । ତେଣୁ ବାଚସ୍ପତି ସର୍ବ ଦଳୀୟ ବୈଠକ ଡାକନ୍ତୁ ବୋଲି ସେ କହିଥିଲେ । ଏହା ପରେ ବାଚସ୍ପତି ଗୃହକୁ ୧୫ ମିନିଟ ପାଇଁ ମୁଲତବୀ ରଖି ସର୍ବଦଳୀୟ ବୈଠକ ଡାକିଥିଲେ । ଏହା ପରେ ଗୃହ ଆଉ ତିନିଥର ମୁଲତବୀ ହୋଇଥିଲା । ୧୨.୨୪ରୁ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ ।

## ଆଜିଠାରୁ ୪୫ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଟୀକାକରଣ

ଭୁବନେଶ୍ୱର, ୩୧ ।୩(ପି.ଏନ): ଆସନ୍ତାକାଲି (ଗୁରୁବାର)ଠାରୁ ୪୫ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ କରୋନା ଟୀକା ଦିଆଯିବ । ଅଧିକ ସଂକ୍ରମଣ ହେଉଥିବା ଜିଲ୍ଲାରେ ଟୀକାକରଣକୁ ପ୍ରାଥମିକତା ଦିଆଯିବ । ମାଛ ମାଂସ ବିକ୍ରେତା, ସେଲୁନ, ଷ୍ଟ୍ରିଟ ଭେଣ୍ଡର, ଅଟୋ ଓ ବସ ଡ୍ରାଇଭର,ବିଦ୍ୟାଳୟ ଓ କଲେଜ ଶିକ୍ଷକ, ରେଷ୍ଟୁରାଂଟ କର୍ମଚାରୀଙ୍କ ଭଳି ସମ୍ବେଦନଶୀଳ ବର୍ଗର ବ୍ୟକ୍ତିଙ୍କୁ ପ୍ରାଧାନ୍ୟ ଦିଆଯିବ । ଦୁଇ ସପ୍ତାହ ମଧ୍ୟରେ ଏହି ବର୍ଗର ବ୍ୟକ୍ତିଙ୍କ ଟୀକାକରଣ ସାରିବାକୁ ଲକ୍ଷ୍ୟ ରଖାଯାଇଛି ।

## ତିନି ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୩୧ ।୩(ପି.ଏନ): ମାଲକାନଗିରି ଜିଲ୍ଲା ପୋଲିସ ମୁଖ୍ୟାଳୟ ଠାରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଡି. ରିଷିକେଶ ଖିଲାରୀଙ୍କ ନିକଟରେ ଆଜି ଆନ୍ଧ୍ର-ଓଡ଼ିଶା ବର୍ଡ଼ର ଜୋନାଲ କମିଟି ସିପିଆଇ ମାଓବାଦୀ ସଂଗଠନର ଦୁଇ ଜଣ ଏରିଆ କମିଟି ମେମ୍ବର ଓ ଜଣେ ପାର୍ଟି ମେମ୍ବର ଆତ୍ମସମର୍ପଣ କରିଛନ୍ତି । ସେମାନେ ହେଲେ ଛତିଶଗଡ଼ ବିଜାପୁର ଜିଲ୍ଲା ବାସାଗୁଡ଼ା ଥାନା ଅନ୍ତର୍ଗତ ଚିନ୍ତାରାମ ଗ୍ରାମର ଶମ୍ଭୁ ଡୋଡି (୨୫), ବିଜାପୁର ଜିଲ୍ଲା ଗାଙ୍ଗୁଲୁର ଥାନା କାର୍ନାଲ ଗ୍ରାମର ରାମ ଆପକା (୨୫) ଓ ମାଲକାନଗିରି ଜିଲ୍ଲା ଯୋଡ଼ାମ୍ବ ଥାନା ଅନ୍ତର୍ଗତ ବେଜିଂ ଗ୍ରାମର ରଘୁ ଖରା (୨୧) । ଆଜି ପୂର୍ବାହ୍ନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସପି ଶ୍ରୀ ଖିଲାରୀ ସୂଚନା ଦେଇ କହିଛନ୍ତି ଯେ, ଆତ୍ମସମର୍ପଣ କରିଥିବା ଶମ୍ଭୁ ଓ ରାମ ନାମରେ ଓଡ଼ିଶା ସରକାରଙ୍କ ପକ୍ଷରୁ ୪ ଲକ୍ଷ ଲେଖାଏଁ ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ଉଭୟ ୨୦୦୯ ମସିହାରେ ମାଓବାଦୀ ସଂଗଠନରେ ସାମିଲ୍ ହୋଇ ବର୍ତମାନ ଆନ୍ଧ୍ର-ଓଡ଼ିଶା ବର୍ଡ଼ର ଜୋନାଲ୍ କମିଟିରେ ଏରିଆ କମିଟି ମେମ୍ବର ଭାବେ କାର୍ଯ୍ୟ କରୁଥିଲେ । ସେହିପରି ରଘୁ ନାମରେ ପୂର୍ବରୁ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ସେ ଚିତ୍ରକୋଣ୍ଡା ସ୍ୱାଭିମାନ ଅଂଚଳ ଗୁମ୍ମା ଏରିଆ କମିଟିର ପାର୍ଟି ମେମ୍ବର ଥିଲା । ମାଓ ସଂଗଠନ କ୍ରମଶଃ ନିଜ ଲକ୍ଷ୍ୟ ଓ ଆଦର୍ଶରୁ ବିଚ୍ୟୁତ ହେଉଥିବା ଏବଂ ଆନ୍ଧ୍ର କ୍ୟାଡ଼ର ମାଓବାଦୀ ମାନେ ସ୍ଥାନୀୟ ମାଓବାଦୀଙ୍କୁ ଅଣଦେଖା ଓ ନିର୍ଯାତନା ଦେଉଥିବାରୁ ସେମାନେ ବାଧ ହୋଇ ମାଓ ସଂଗଠନ ଛାଡି ସମାଜର ମୁଖ୍ୟ ସ୍ରୋତର ସାମିଲ୍ ହୋଇ ସାଧାରଣ ଜୀବନ ବିତାଇବା ପାଇଁ ଆତ୍ମ ସମର୍ପଣ କରିଥିବା ସୂଚନା ଦେଇଛନ୍ତି । ଆତ୍ମ ସମର୍ପଣ କରିଥିବା ୩ ମାଓବାଦୀଙ୍କୁ ଓଡ଼ିଶା ସରକାରଙ୍କ ମାଓବାଦୀ ଥଇଥାନ ପ୍ୟାକେଜ୍ ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରାଯିବ ବୋଲି ଏସପି ଶ୍ରୀ ଖିଲାରୀ ପ୍ରକାଶ କରିଛନ୍ତି ।

## ଆହୁରି ବଢିବ ଖରା , ହିଟ୍ ୱେଭ୍ ନେଇ ୨୧ ଜିଲ୍ଲାକୁ ଅରେଂଜ ୱାର୍ଣ୍ଣିଂ

ଭୁବନେଶ୍ୱର, ୩୧ ।୩(ପି.ଏନ): ରାଜ୍ୟରେ ଖରାର ପ୍ରକୋପ ଆହୁରି ବୃଦ୍ଧି ପାଇବ । ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମ ଲହରୀ ଅନୁଭୂତ ହେବ । ଦିନର ତାପମାତ୍ରା ୨ ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବଢିପାରେ । ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ପାଣିପାଗ କେନ୍ଦ୍ର ୨୧ଟି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି । ତେବେ ଏହାର ପରବର୍ତୀ ୨ ଦିନ ରାଜ୍ୟରେ କାଳବୈଶାଖୀ ବର୍ଷା ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଆସନ୍ତା ୨ ତାରିଖ ଯାଏଁ ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, କେନ୍ଦୁଝର,ମୟୁରଭଞ୍ଜ,ଦେବଗଡ଼, ବରଗଡ଼, ଅନୁଗୁଳ, ଢ଼େଙ୍କାନାଳ, ସୁବର୍ଣ୍ଣପୁର, ବୌଦ୍ଧ, କନ୍ଧମାଳ, ନୂଆପଡ଼ା , ବଲାଙ୍ଗୀର, କଳାହାଣ୍ଡି , ନୟାଗଡ଼, ଖୋର୍ଦ୍ଧା,କଟକ , ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଆଦି ଜିଲ୍ଲା ରେ ଗ୍ରୀଷ୍ମପ୍ରବାହ ଦେଖାଦେବ ।

## ଜଳୁଛି ଶିମିଳିପାଳ : ଶିମିଳିପାଳ ସାଉଥରେ ୪୭ଟି ସ୍ଥାନରେ ନିଆଁ ଜଳୁଛି

ବାରିପଦା,୩୧ ।୩(ପି.ଏନ): ଏବେ ମଧ ଶିମିଳିପାଳ ଅଭୟାରଣ୍ୟ ଜଳୁଛି । ଡ଼ି ଡ଼ି ଏସଟିଆର ଯଜ୍ଞଦତ ପତିଙ୍କ ଅଧୀନରେ ରହିଥିବା ଶିମିଳିପାଳ ସାଉଥ ଅଂଚଳରେ ଥିବା ପୋଡ଼ାଡିହା ୱାଇଲଡ଼ ଲାଇଫର ଅନନ୍ତପୁରର ଓ ବାଘନ୍ତା ଅଞ୍ଚଳରେ ୬ଟି ସ୍ଥାନ, ଢୁକୁରା ୱାଇଲଡ଼ ଲାଇଫ ଅଧୀନ ତଳଡିହା ଓ ବହଳଦା ଅଂଚଳରେ ୮ଟି ସ୍ଥାନରେ, ଜେନାବିଲ ୱାଇଲଡ଼ ଲାଇଫ ଅଧୀନ କୁଳିପାଳ, ଗୁରଣ୍ଡିଆ-୩ ଓ ଗୁରୁଣ୍ଡିଆ-୧ , ସାନପୋଖରୀ-୧ ଅଂଚଳର ୧୩ଟି ସ୍ଥାନରେ , ନେସନାଲ ପାର୍କ ୱାଇଲଡ଼ ଲାଇଫ ଅଧୀନ ମହାବୀରସାଲ ଅଂଚଳର ୫ଟି ସ୍ଥାନରେ, ନଅଣା ସାଉଥ ୱାଇଲଡ଼ ଲାଇଫର ଧୁଣ୍ଡୁବସା ଅଂଚଳର ୪ଟି ସ୍ଥାନରେ, ପିଠାବଟା ୱାଇଲଡ଼ ସାଉଥ ଲାଇଫ ଅଧୀନ ପଳାଶିବେଡ଼ା, ପିଠାବଟା-୧ ଅଂଚଳର ୭ଟି ସ୍ଥାନରେ, ପିଠାବଟା ନର୍ଥ ୱାଇଲଡ଼ ଲାଇଫ ଅଧୀନ ବଡ଼ଗାଁ ଅଂଚଳର ୨ଟି ସ୍ଥାନରେ ଏହିପରି ମୋଟ ୪୭ଟି ସ୍ଥାନରେ ନିଆଁ ଜଳୁଥିବାର ଜଣାପଡ଼ିଛି । ତେବେ ଶିମିଳିପାଳରେ ନିଆଁ ଜଳୁଥିବା ବିଷୟରେ ସତ୍ୟାସତ୍ୟ ଜାଣିବା ଏବଂ ନିଆଁକୁ ଲିଭାଇବା ନିମନ୍ତେ କେଉଁ ପଦକ୍ଷେପ ଗ୍ରହଣ କରାଯାଇଛି ସେଥି ନିମନ୍ତେ ଡ଼ିଡ଼ି ଏସଟିଆର ଶ୍ରୀପତିଙ୍କ ସହିତ ୯୪୩୭୯୬୨୬୯୬ରେ ବାରମ୍ବାର ଯୋଗାଯୋଗ ନିମନ୍ତେ ଉଦ୍ୟମ କରାଯାଇଥିଲେ ମଧ ସମ୍ଭବ ହୋଇ ପାରିନଥିଲା । ଏବିଷୟରେ ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ନିଜ ପ୍ରତିକ୍ରିୟାରେ ବାରିପଦା ତଥା ମୟୂରଭଞ୍ଜ ଜିଲ୍ଲାରେ ତାପମାତ୍ରା ବୃଦ୍ଧି ଶିମିଳିପାଳ ଅଭୟାରଣ୍ୟରେ ଲାଗିଥିବା ନିଆଁ କାରଣରୁ ବୋଲି ପ୍ରକାଶ କରିବା ସାଙ୍ଗକୁ ସରକାର ଓ ବନ ବିଭାଗ ଶିମିଳିପାଳରେ ଲାଗିଥିବା ନିଆଁ ନିୟନ୍ତ୍ରଣାଧୀନ ବୋଲି ଦାବୀ କରୁଥିବା ବେଳେ ଆଜି ସେଟ ଲାଇଟ ଚିତ୍ରରୁ ଶିମିଳିପାଳ ଅଭୟାରଣ୍ୟରେ ନିଆଁ ଜଳୁଥିବାର ଜଣାପଡ଼ିଛି ବୋଲି କହିଛନ୍ତି । ସେହିପରି ଶିମିଳିପାଳ ସାଉଥ ଓ ସାଉଥ କୋର ଅଂଚଳରେ ୪୭ଟି ପଏଂଟରେ ନିଆଁ ଜଳୁଛି । ୫୬ ବର୍ଷ ବୟସରେ ଏପରି ନିଆଁ ଲାଗିବା ପ୍ରଥମ ଘଟଣା । କୋର ଏରିଆ ଭିତରେ କୌଣସି ଗ୍ରାମ ବା ଲୋକ ନ ଥିବା ସମୟରେ ସେଠାରେ ନିଆଁ ଲଗାଉଛି କିଏ । ହୁଏତ ବନ ବିଭାଗ ନିଜେ ଲଗାଉଥିବ ଅଥବା ଶିକାରୀମାନେ ନିଆଁ ଲଗାଉଥିବେ । ତେବେ ଶିକାରୀମାନେ ନିଆଁ ଲଗାଇବା ଶତପ୍ରତିଶତ ସତ୍ୟ । କାରଣ ଶିମିଳିପାଳ ଅଭୟାରଣ୍ୟ ଭିତରକୁ ଦୈନିକ ଶତାଧିକ ଶିକାରୀ ପ୍ରବେଶ କରି ଜୀବଜନ୍ତୁ ଶିକାର କରୁଥିବାର ରିପୋର୍ଟ ରହିଛି । ଏଣୁ ଶିମିଳିପାଳରେ ଲାଗିଥିବା ନିଆଁକୁ ନିୟନ୍ତ୍ରଣ କରିବା ନିମନ୍ତେ କମ୍ୟୁନିଟିକୁ ବିଶ୍ୱାସକୁ ନେଇ ସେମାନଙ୍କ ସହିତ ମିଶି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ୱାବଧାରକ ଶ୍ରୀ ଆଚାର୍ଯ୍ୟ ।




ଶ୍ରମ ଓ ରୋଜଗାର ମନ୍ତ୍ରୀ ସନ୍ତୋଷ କୁମାର ଗାଙ୍ଗୱାର ନୂଆଦିଲ୍ଲୀରେ ପ୍ରବାସୀ ଶ୍ରମିକଙ୍କ ଅଲ ଇଣ୍ଡିଆ ସର୍ଭେ ଏବଂ ଅଲ ଇଣ୍ଡିଆ ତ୍ରୈମାସିକ ପ୍ରତିଷ୍ଠାନ ଭିତ୍ତିକ ନିଯୁକ୍ତି ସର୍ବେକ୍ଷଣ କ୍ଷେତ୍ରରେ କାର୍ଯ୍ୟ ଆରମ୍ଭ ପାଇଁ ଫ୍ଲାଗିଂ ସମରୋହରେ ସମ୍ବୋଧିତ କରୁଛନ୍ତି

## ପିପିଲି ଉପନିର୍ବାଚନ ପାଇଁ ୧୫ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ

ଭୁବନେଶ୍ୱର, ୩୧ ।୩(ପି.ଏନ): ୧୧୦-ପିପିଲି ଉପନିର୍ବାଚନ ପାଇଁ ମୋଟ ୧୫ ଜଣ ପ୍ରାର୍ଥୀ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେମାସନ ହେଲେ ଆଶ୍ରିତ ପଟ୍ଟନାୟକ, ସମ୍ବିତ୍ ପଟ୍ଟନାୟକ,ସନ୍ତୋଷ କୁମାର ମହାପାତ୍ର, ଅଶୋକ ପ୍ରଧାନ, ସନ୍ତୋଷ କୁମାର ଦାସ, ରୁଦ୍ର ପ୍ରତାପ ମହାରଥୀ ,ମହମ୍ମଦ ଇମାମ୍ ଉଦ୍ଦିନ୍, ଜୟ ପ୍ରକାଶସେଠୀ, ଅଜିତ୍ ମଙ୍ଗରାଜ, ଦୀପକ କୁମାର ଦାସ, ନଗେନ୍ଦ୍ର ନାଥ ମିଶ୍ର, ସ୍ୱପ୍ନେଶ୍ୱର ନାୟକ, ସୁଲୋଚନା ସାହୁ, ପ୍ରିୟ ରଞ୍ଜନ ମିଶ୍ର ଓ ପିଙ୍କଲିନ୍ ମହାନ୍ତି । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଏହି ସୂଚନା ମିଳିଛି । ସୂଚନା ଅନୁଯାୟୀ ନାମାଙ୍କନ ପତ୍ର ଦାଖଲର ଶେଷ ଦିନ ଅର୍ଥାତ୍ ମାର୍ଚ୍ଚ ୩୦ ତାରିଖରେ ସର୍ବାଧିକ ୧୨ ଜଣ ପ୍ରାର୍ଥୀ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ପୂର୍ବରୁ ୩ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲକରିଥିଲେ । ଆଜି (ବୁଧବାର) ପ୍ରାର୍ଥୀ ପତ୍ର ଗୁଡିକର ଯାଂଚ୍ କରାଯିବ ଓ ଆସନ୍ତା ଏପ୍ରିଲ୍ ୩ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିଛି ।

## ଗୋଟିଏ ଦିନରେ ୨୯୭ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୩୧ ।୩(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୨୧୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୪୦୯୧୭ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୩୬୯୩୦ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୨୦୧୩ ରହିଛି । ଆଜି ଚିହ୍ନଟ ହୋଇଥିବା ୨୯୭ ଜଣଙ୍କ ମଧ୍ୟରୁ ୧୭୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୨୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୪ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କଳାହାଣ୍ଡି ଜିଲ୍ଲାରେ ସବୁଠାରୁ ଅଧିକ ୫୭ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୬ ଜଣ, ବରଗଡ଼ରୁ ୧୮ ଜଣ, ଭଦ୍ରକରୁ ୨ ଜଣ କରୋନା ସଂକ୍ରମିତଙ୍କୁ ଚିହ୍ନଟ କରା ଯାଇଛି । ସେହିପରି ବଲାଙ୍ଗୀରରୁ ୫ ଜଣ, କଟକରୁ ୧୭ ଜଣ, ଢେଙ୍କାନାଳରୁ ୧ ଜଣ, ଗଞ୍ଜାମରୁ ୭ ଜଣ, ଜଗତ୍‌ସିଂହପୁରରୁ ୨ ଜଣ, ଯାଜପୁରରୁ ୫ ଜଣ, ଝାରସୁଗୁଡ଼ାରୁ ୫ ଜଣ, କଳାହାଣ୍ଡିରୁ ୫୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି କେନ୍ଦ୍ରାପଡାରୁ ୨ ଜଣ, କେନ୍ଦୁଝରରୁ ୧୨ ଜଣ, ଖୋର୍ଦ୍ଧାରୁ ୩୩ ଜଣ, କୋରାପୁଟରୁ ୫ ଜଣ, ମୟୂରଭଞ୍ଜରୁ ୭ ଜଣ, ନବରଙ୍ଗପୁରରୁ ୩ ଜଣ, ନୟାଗଡ଼ରୁ ୨ ଜଣ, ନୂଆପଡ଼ାରୁ ୩୧ ଜଣ, କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୬ ଜଣ, ସମ୍ବଲପୁରରୁ ୧୭ ଜଣ , ସୋନପୁରରୁ ୩ ଜଣ, ସୁନ୍ଦରଗଡ଼ରୁ ୩୮ ଜଣ ଓ ଷ୍ଟେଟ୍ ପୁଲ୍‌ରୁ ୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

### ଓଡ଼ିଶା ଦିବସ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା



ପବିତ୍ର ଉତ୍କଳ ଦିବସ – ୨୦୨୧ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମୁଁ ଆହ୍ୱାନ ଜଣାଉଛି ।

କରୋନା ବିରୋଧରେ ଓଡ଼ିଶାର ଲଢ଼େଇ ବେଶ୍ ଉତ୍ସାହପ୍ରଦ । ଆସନ୍ତୁ, ନିର୍ଣ୍ଣାୟକ ନିଷ୍ପତ୍ତି ପର୍ଯ୍ୟନ୍ତ ଏହାକୁ ଜାରି ରଖିବା ।

(ଗଣେଶୀ ଲାଲ)

DADLS-84
15001/13/0136/2021

### ବାର୍ତ୍ତା



ପବିତ୍ର ଉତ୍କଳ ଦିବସ-୨୦୨୧ ଉପଲକ୍ଷେ ବଡ଼ଚଣା-ଧର୍ମଶାଳା ଅଞ୍ଚଳ ତଥା ଯାଜପୁର ଜିଲ୍ଲା ଓ ରାଜ୍ୟର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୁଁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
ବଡ଼ଚଣା-ଧର୍ମଶାଳା, ଯାଜପୁର, ଓଡ଼ିଶା

### ଓଡ଼ିଶା ଦିବସ-୨୦୨୧ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଓଡ଼ିଶା ଦିବସ ଅବସରରେ ଆପଣମାନଙ୍କୁ ସମସ୍ତଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ୱପ୍ନକୁ ସାକାର କରିଥିବା ମହାପୁରୁଷମାନଙ୍କ ପ୍ରତି ଏହି ଅବସରରେ ମୋର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଗୌରବ ବୃଦ୍ଧି କରିଥିବା ଆମର ବରପୁତ୍ରମାନଙ୍କ ପ୍ରତି ମଧ ମୋର ସମ୍ମାନ ଜଣାଉଛି । ଆଜି ବିଭିନ୍ନ କ୍ଷେତ୍ରରେ ଓଡ଼ିଶା ସାରା ଦେଶ ପାଇଁ ପଥ ପ୍ରଦର୍ଶକ ହୋଇପାରିଛି । ଓଡ଼ିଶାର ଗୌରବକୁ ନୂତନ ଶିଖରରେ ପହଞ୍ଚାଇବା ପାଇଁ ଆସନ୍ତୁ, ଆଜିର ଏହି ପବିତ୍ର ଦିବସରେ ଶପଥ ନେଇ କାମ କରିବା ।

ଏହି ଅବସରରେ ଆପଣମାନଙ୍କୁ ମୋର ଅନୁରୋଧ କରୋନା ସଂକ୍ରମଣ ରୋକିବା ପାଇଁ କୋଭିଡ ନିୟମାବଳୀ କଡ଼ାକଡ଼ି ଭାବରେ ପାଳନ କରନ୍ତୁ । 'ଘରେ ରୁହନ୍ତୁ', ନିଜକୁ, ନିଜ ପରିବାରକୁ ଏବଂ ବନ୍ଧୁ ପରିଜନଙ୍କୁ ସୁରକ୍ଷିତ ରଖନ୍ତୁ ।

ବନ୍ଦେ ଉତ୍କଳ ଜନନୀ

(ନବୀନ ପଟ୍ଟନାୟକ)

DADLS-84
15001/13/0136/2021

### ଓଡ଼ିଶା ଦିବସ ପାଳନ ଅବସରରେ ବାର୍ତ୍ତା



ଓଡ଼ିଶା ଦିବସ – ୨୦୨୧ ପାଳନର ଶୁଭ ଅବସରରେ ରାଜ୍ୟବାସୀ ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଆମର ପୂର୍ବସୂରୀ, ଯେଉଁମାନଙ୍କ ଅମୂଲ୍ୟ ଅବଦାନ ବଳରେ ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା, ଏହି ଅବସରରେ ସେମାନଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ସ୍ୱତନ୍ତ୍ର ପରିଚିତି ରହିଛି । ଏସବୁର ସଂରକ୍ଷଣ, ସମୃଦ୍ଧି ଏବଂ ପ୍ରଚାର ପ୍ରସାର ପାଇଁ ଆସନ୍ତୁ, ଆଜିର ଏହି ମହାର୍ଘ ଦିବସରେ ସଂକଳ୍ପ ନେବା ।

ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା କରୋନା କଟକଣା କଡାକଡି ଭାବେ ପାଳନ କରନ୍ତୁ । ନିଜକୁ ଏବଂ ନିଜ ପରିବାରକୁ ସୁରକ୍ଷିତ ରଖନ୍ତୁ ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

DADLS-84
15001/13/0136/2021










# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି

ବାପା-କିଏ କିଏ ଆସୁଛନ୍ତି ?

ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

---

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।

ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।

ହରି-କିପରି ?

ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ପୁରାଣ କାହାଣୀ

# ଅଂହକାରରୂପୀ ସାପ

ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱିନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା



ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବଡ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଶ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଟକଙ୍କ ଭିଡ। ଏହି ଉଦେଶ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟରେ ସାହାଯ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା



ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବ୍ୟତୀତ ଅନ୍ୟ ରାଜ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖ୍ୟାରେ ପର୍ଯ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯ୍ୟଟକଙ୍କ ବର୍ଦ୍ଧିତ ସଂଖ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ୱଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯ୍ୟଟକଙ୍କ ଭିଡକୁ ଲକ୍ଷ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚ୍ୟୁତି ହେବି ନାହିଁ।

# କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟ ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଡ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚାର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡା ଦେଶ ହେବାର ନିୟମ ରହିଥାଏ ।

# କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ଏପ୍ରିଲ୍ ୦୧

# ମାନବାଧିକାର ସୁରକ୍ଷାରେ ବ୍ୟତିକ୍ରମ !

ମାନବାଧିକାରର ସୁରକ୍ଷା ଆମ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏବେ ଅଗ୍ରାଧିକାର ପାଇଛି । ସେଥିପାଇଁ ଶାସନ ଓ ସରକାରଙ୍କୁ ଉତ୍ତରଦାୟୀ କରାଯାଇଛି । ଏହି ମାନବାଧିକାର ପ୍ରସଙ୍ଗଟିର ପରିସର ଅତି ବ୍ୟାପକ ଏବଂ ଏଥିରେ ଅନେକ କଥା ଅନ୍ତର୍ଭୁକ୍ତ । ସରକାର ଯେଉଁ ଢ଼ଙ୍ଗରେ କାମକରେ ଓ ଶାସନ ଯେପରି ଚାଲେ ସେଥିରେ ମାନବାଧିକାରର ସଂପୂର୍ଣ୍ଣ ସୁରକ୍ଷା କଥା ଚିନ୍ତା କରିବା କଷ୍ଟସାଧ । ଅଧିକାଂଶ କ୍ଷେତ୍ରରେ କେବଳ ବିଧି ପାଳନ ପାଇଁ ସରକାର କିଛି ବ୍ୟବସ୍ଥା କରି ପଦକ୍ଷେପ ନିଅନ୍ତି । ଓଡ଼ିଶାରେ ମଧ ସେଭଳି ଚାଲିଛି । ମୋଟାମୋଟି ଦେଖିଲେ ମାନବାଧିକାର ସୁରକ୍ଷା କ୍ଷେତ୍ରରେ ଓଡ଼ିଶାର ପ୍ରଦର୍ଶନ ଏତେ ଭଲ ନୁହେଁ । ଯେତେବେଳେ କିଛି ଅତି ସଂବେଦନଶୀଳ ଘଟଣା ବାରମ୍ବାର ଘଟେ ଏବଂ ବ୍ୟକ୍ତିର ଅଧିକାର ଅସୁରକ୍ଷିତ ହୁଏ, ସେତେବେଳେ ବୁଝାପଡ଼େ ଯେ ସରକାର ଏହାର ମୁକାବିଲା କରିବାରେ ବିଫଳ ହେଉଛନ୍ତି । ଏହାକୁ ନେଇ ରାଜନୈତିକ ସ୍ତରରେ ବାଦବିବାଦ ଦେଖାଦିଏ ଏବଂ ଘଟଣାକୁ କୌଣସି ପ୍ରକାର ଚପାଇ ଦେବାକୁ ବା ସମାଧାନ କରିବାକୁ ସରକାର ତତ୍ପର ହୁଅନ୍ତି । ଓଡ଼ିଶାରେ ଗତ କିଛିବର୍ଷ ଧରି କ୍ରମାଗତ ଏଭଳି କେତେକ ଘଟଣା ଘଟିଛି ଯାହା ଉଭୟ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ଚର୍ଚ୍ଚାର ବିଷୟ ହୋଇଛି । ସେସବୁର ଉଦାହରଣ ଅନାବଶ୍ୟକ । ଏହି ଘଟଣାରେ ସରକାର ଯେ ସଂପୂର୍ଣ୍ଣ ନିର୍ଦ୍ଦୋଷ ଏବଂ ବିରୋଧୀ ତଥା ଗଣମାଧ୍ୟମ ଏହାକୁ ତିଳରୁ ତାଳ କରିଛନ୍ତି ଏହା କୁହାଯାଇ ନ ପାରେ । ଏହି ପରିପ୍ରେକ୍ଷୀରେ ଜାତୀୟ ମାନବାଧିକାର ଆୟୋଗର ଅଧକ୍ଷ ତଥା ସୁପ୍ରିମକୋର୍ଟର ଅବସରପ୍ରାପ୍ତ ପ୍ରଧାନ ବିଚାରପତି ଏଚ.ଏଲ୍ ଦତ୍ତୁ ନିକଟଅତୀତରେ ଓଡ଼ିଶା ସରକାରଙ୍କ ମାନବାଧିକାର ସୁରକ୍ଷା ପଦକ୍ଷେପ ସମ୍ପର୍କରେ ଯେଉଁ ପ୍ରତିକୂଳ ଟିପ୍‌ପଣୀ ଦେଇଛନ୍ତି ତାହା ପ୍ରଣିଧାନଯୋଗ୍ୟ । ଶ୍ରୀ ଦତ୍ତୁ ଜଣେ ଅଣରାଜନୈତିକ ବ୍ୟକ୍ତି ଓ ସେବାନିବୃତ୍ତ ପ୍ରଧାନ ବିଚାରପତି । ସେ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ପଦରେ ଅଛନ୍ତି । ଅତଏବ କୌଣସି ଘଟଣାକୁ ସେ ଭଲଭାବେ ଅନୁଧାନ ନ କରି ଉପରଠାଉରିଆ ଭାବେ କିଛି ଯେ କହିବେ ନାହିଁ ଏ ବିଶ୍ୱାସଟି ଲୋକଙ୍କର ତାଙ୍କ ଉପରେ ଅଛି । ତେଣୁ ସେ ଓଡ଼ିଶା ସରକାରଙ୍କ ମାନବାଧିକାର ସୁରକ୍ଷା ସଂକ୍ରାନ୍ତ କାର୍ଯ୍ୟାବଳୀ ଅନୁଧାନ କରିବା ପରେ ଯେଉଁ ମତାମତ ଦେଇଛନ୍ତି ତାହା ଯଥାର୍ଥ ମନେହୁଏ । ସେ ରାଜନେତାଙ୍କ ଭଳି ଇଆଡୁସିଆଡୁ କିଛି କହିପାରିବେ ନାହିଁ । ଯାହା କହିବେ ସତ କହିବେ । ତଥ୍ୟାବଳୀ ଦେଖି ସେ ଯାହା ଅନୁଭବ କରିଛନ୍ତି ତାହା ହିଁ କହିଛନ୍ତି । ତାଙ୍କ ମତାମତକୁ ସରକାର ଗୁରୁତ୍ୱର ସହ ଗ୍ରହଣ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି । ଯେଉଁ କେତେକ ମାମଲାର ଶୁଣାଣି କରି ଆୟୋଗ ରାଜ୍ୟ ସରକାରଙ୍କୁ ବିଭିନ୍ନ ନିର୍ଦ୍ଦେଶ ଦେଇଛନ୍ତି ସେଥିମଧ୍ୟରୁ ଅଧିକାଂଶ ମାମଲା ସହିତ ସରକାରଙ୍କ ନୀତି, ପଦକ୍ଷେପ ଓ କାର୍ଯ୍ୟକ୍ରମ ଜଡ଼ିତ । ନୂଆ ମେଡ଼ିକାଲଗୁଡ଼ିକୁ ଶୀଘ୍ର କାର୍ଯ୍ୟକାରୀ କରିବା ହେଉ ଅଥବା ସାଧାରଣ ବଣ୍ଟନବ୍ୟବସ୍ଥା କେନ୍ଦ୍ରଗୁଡ଼ିକରେ ପିଏସଓ ଲଗାଇବା ପ୍ରଶ୍ନ ହେଉ ଅଥବା ଶିଶୁଶ୍ରମିକ ଓ ଅଗ୍ନିବିପନ୍ନଙ୍କୁ ସହାୟତା ପ୍ରସଙ୍ଗ ଏସବୁ କ୍ଷେତ୍ରରେ ସରକାରଙ୍କ ନୀତି ଓ ନିର୍ଦ୍ଦେଶାବଳୀ ଅନୁସାରେ ପଦକ୍ଷେପ ନିଆଯିବା କଥା । ତାହା ହୋଇନି ବା ହେବାରେ ବିଳମ୍ବ ହେଉଛି ଅର୍ଥ ଶାସନର ଉଦାସୀନତା ପ୍ରତି ଅଙ୍ଗୁଳି ଉଠିବା ସ୍ୱାଭାବିକ । ରାଜ୍ୟରେ ବିରୋଧୀଦଳ ଦୁର୍ବଳ । ବିରୋଧୀ ଦୁର୍ବଳ ହେଲେ ଶାସକଦଳର ଅହମିକା ବଢ଼େ ଏବଂ ଶାସନ ଢ଼ିଲା ହୁଏ । ଶାସନ ଢ଼ିଲା ହେଲେ ପ୍ରଶାସନିକ ପକ୍ଷାଘାତ ଦେଖାଦିଏ । ଶାସକ ଦୃଢ଼ ହେଲେ ରାଜନୈତିକ ଦାୟିତ୍ୱହୀନତା ଦୂର ହୁଏ ଓ ଶାସନ ସକ୍ରିୟ ରହେ । ବିରୋଧୀଦଳ ନିଜର ସଂଖ୍ୟା ଓ ସାଂଗଠନିକ ଦୁର୍ବଳତା ସତ୍ତ୍ୱେ ଚିତ୍କାର କରି ସରକାରୀ ଅପାରଗତାକୁ ପଦାରେ ପକାଇବାକୁ ଉଦ୍ୟମ କରୁଥିଲେ ମଧ ଶାସକଦଳ ତାହାକୁ ହେୟଜ୍ଞାନ କରି ଚାଲିଆସୁଛି । ସବୁ କଥାରେ ପ୍ରଶଂସା ଗୋଟାଇବାକୁ ପ୍ରୟାସୀ ସରକାର ନିଜ ବିଫଳତା ପାଇଁ ଅନ୍ୟ ମୁଣ୍ଡରେ ଦୋଷ ଲଦିବାର ପ୍ରୟାସ ନ କରିବା ଉଚିତ । ଶାସନର ସ୍ଥିରତା, ଦୀର୍ଘତା ଓ ନିରନ୍ତରତା ବିଧି ବ୍ୟବସ୍ଥାରେ ଉନ୍ନତି, ଶାସନରେ ଶୃଙ୍ଖଳା ଓ ବ୍ୟବସ୍ଥାରେ ଉନ୍ନତି ଆଣେ । ଶାସନ ଅଧିକ ସମ୍ବେଦନଶୀଳ ଓ ମାନବବାଦୀ ହୁଏ । ଏହାକୁ ପୁଞ୍ଜି କରି ସରକାର ସଫଳତାର ପାହାଚ ଚଢ଼େ ଓ ସୁଶାସନର ସୁଯୋଗ ସୃଷ୍ଟିହୁଏ । ତେଣୁ ନିରନ୍ତର ଦୀର୍ଘ ୧୯ ବର୍ଷକାଳ କ୍ଷମତାରେ ଥିବା ବିଜେଡ଼ି ମାନବାଧିକାର ସୁରକ୍ଷା ପ୍ରସଙ୍ଗରେ ସାରା ଦେଶରେ ଏକ ନମ୍ବର ହେବା ଆଶା କରିବା ସ୍ୱାଭାବିକ । ତାହାର ବ୍ୟତିକ୍ରମ ଅନେକ ପ୍ରଶ୍ନ ଉଠାଇବା ସ୍ୱାଭାବିକ । ଆଶା କରିବା ଜଷ୍ଟିସ ଦତ୍ତୁଙ୍କ ତାଗିଦା ପରେ ସରକାରଙ୍କ ନିଦ ଭାଙ୍ଗିବ ଏବଂ ପ୍ରଶଂସା ସାଉଁଟିବାର ମୋହ ଭଙ୍ଗ ହେବ । ଯେଉଁସବୁ ପ୍ରମୁଖ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କର ପାରିବାରପଣିଆ, ଭାବମୂର୍ତ୍ତି ଓ ମର୍ଯ୍ୟାଦା ନିର୍ଭର କରୁଛି ସେସବୁକୁ ଅଗ୍ରାଧିକାର ଦେଇ କାର୍ଯ୍ୟ କଲେ ଏଭଳି ପରିସ୍ଥିତିର ମୁକାବିଲା ଭବିଷ୍ୟତରେ କରିବାକୁ ପଡ଼ିବ ନାହିଁ ।

## ଆଜିର ଅନୁଚିନ୍ତା

**ତୁମେ ଅନ୍ୟଠାରୁ ଶିଖୁ ଶିଖୁ, ତୁମଠାରୁ ଅନ୍ୟମାନେ ମଧ ଶିଖିଯିବେ ।**

# ଈଶ୍ୱରଙ୍କ ଅବସ୍ଥାନ

ଆଧାତ୍ମିକ ଶିକ୍ଷଣ ସ୍ତମ୍ଭ

**କଳ୍ପବଟ ....**

ବ୍ରହ୍ମା ସୃଷ୍ଟି ସଂରଚନା କଲେ । ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ଭାବେ ଧରାପୃଷ୍ଠରେ ମନୁଷ୍ୟର ଆତଯାତ, ହସଖୁସି ଦେଖି ସୃଷ୍ଟି ସଂରଚନାର ଉଦ୍ଦେଶ୍ୟ ସାର୍ଥକ ହୋଇଛି ବୋଲି ମନେମନେ ଭାବି ନେଲେ । ବ୍ରହ୍ମାଙ୍କ ଏହି ଆନନ୍ଦ କିନ୍ତୁ ବେଶୀଦିନ ରହିନଥିଲା । ମାତ୍ର ଦିନ କେଇଟା ଯାଇନି ମଣିଷର ଉତ୍‌ପାତ ଆରମ୍ଭ ହୋଇଗଲା । ମଣିଷ-ମଣିଷ ଭିତରେ ଅସୂୟା, ଅଶାନ୍ତି, ଅସନ୍ତୋଷ ବୃଦ୍ଧି ପାଇଲା । ଯେ କୌଣସି ସଂକଟର ସମାଧାନ ମଣିଷ ବ୍ରହ୍ମାଙ୍କ ଦ୍ୱାରସ୍ଥ ହେଲା ଏହାର ସମାଧାନ ପାଇଁ ଓ ଆବଶ୍ୟକତା ପୂରଣ ନିମନ୍ତେ କିଛି ମାଗିବା ପାଇଁ । ଅହରହ ବ୍ରହ୍ମାଙ୍କ କୃପାପ୍ରାର୍ଥୀ ହେବାରୁ ଏହି ସମସ୍ୟାରୁ ଉଦ୍ଧାର ପାଇବା ପାଇଁ ଦିନେ ବ୍ରହ୍ମଲୋକରେ ସକଳ ଦେବତାମାନଙ୍କୁ ଡକାଇ ପରାମର୍ଶ ମାଗିଲେ- ମନୁଷ୍ୟକୁ ସୃଷ୍ଟି କରିବା ପରେ ମୁଁ ବଡ଼ ଦ୍ୱିଧାରେ ପଡ଼ିଯାଇଛି । ପ୍ରତ୍ୟହ ମୋ ନିକଟକୁ ଆସି ସେ ତା'ର ସଂକଟ ବଖାଣୁଛି । ଏହା ଫଳରେ ମୁଁ ଶାନ୍ତିରେ ରହିପାରୁନି । ଏଭଳି ଏକ ସ୍ଥାନ କୁହନ୍ତୁ ଯେଉଁଠି ମନୁଷ୍ୟ ପହଞ୍ଚି ପାରିବ ନାହିଁ, ସେଠାରେ ମୁଁ ଶାନ୍ତିରେ ରହି ତପ ଆଚରଣ କରିବି । ସର୍ବପ୍ରଥମେ ଗଣନାଥ ମତଦେଲେ- ଭଗବାନ ! ହିମାଳୟର ଶିଖର ପ୍ରଦେଶ ହିଁ ଆପଣଙ୍କ ପାଇଁ ଉପଯୁକ୍ତ ସ୍ଥାନ । ସେହିଠାରେ ସ୍ଥାନ ଗ୍ରହଣ କରନ୍ତୁ । ଏହା ଶୁଣି ବ୍ରହ୍ମା କହିଲେ- ନା ଗଣେଶ, ସେହି ସ୍ଥାନରେ ମନୁଷ୍ୟ ପହଞ୍ଚିବା ନିମନ୍ତେ ତା'କୁ ବେଶୀ ସମୟ ଲାଗିବ ନାହିଁ । ଇନ୍ଦ୍ରଦେବ ନିଜ ମତରଖି କହିଲେ-ଭଗବାନ୍ ! ଆପଣ କୌଣସି ମହାସାଗରରେ ବାସ କରନ୍ତୁ । ବ୍ରହ୍ମା ହସିହସି କହିଲେ- ଦିନେ ନା ଦିନେ ମନୁଷ୍ୟ ସେଠାରେ ପହଞ୍ଚିଯିବ । ଏହା ତା ପାଇଁ ଅପହଞ୍ଚ ନୁହେଁ ଆଦୌ । ବରୁଣ ଦେବତା ମତ ଦେଲେ-ଭଗବାନ୍ ! ଆପଣ ଅନ୍ତରୀକ୍ଷକୁ ନିଜ ଆବାସସ୍ଥଳ ରୂପେ ଗ୍ରହଣ କରିନିଅନ୍ତୁ । ଏହା ଶୁଣି ବ୍ରହ୍ମା କହିଲେ-ନା, ଏହା ନିରାପଦ ନୁହେଁ । ମନୁଷ୍ୟ ଦିନେ ଅନ୍ତରୀକ୍ଷରେ ପହଞ୍ଚିବା ଅସମ୍ଭବ ନୁହେଁ ଜମା । ଶାନ୍ତିରେ ରହିବା ନିମନ୍ତେ କୌଣସି ପ୍ରକୃଷ୍ଟ ସ୍ଥାନ ନ ମିଳିବା କାରଣରୁ ଚିନ୍ତିତ ହୋଇପଡ଼ିଲେ ବ୍ରହ୍ମା । ଶେଷରେ ସୂର୍ଯ୍ୟଦେବ କହିଲେ- ଆପଣ ଏଣେତେଣେ କାହିଁକି ରହିବେ, ମନୁଷ୍ୟର ହୃଦୟରେ କାହିଁକି ବା ନ ରହିବେ ? ମନୁଷ୍ୟର ହୃଦୟରେ ଅବସ୍ଥାନ କଲେ ସେ ସର୍ବଦା ଆପଣଙ୍କୁ ଖୋଜିବାକୁ ବ୍ୟସ୍ତ ରହିବ । ସୂର୍ଯ୍ୟଙ୍କ ଏହି ମତ ସୃଷ୍ଟିକର୍ତ୍ତାଙ୍କ ମନକୁ ପାଇଲା ଓ ସେ ଏହାକୁ ସ୍ୱୀକାର କରିନେଲେ । ତଦନୁଯାୟୀ ବ୍ରହ୍ମା ମନୁଷ୍ୟର ହୃଦୟରେ ଅବସ୍ଥାନ କଲେ । ସେହିଦିନଠାରୁ ମନୁଷ୍ୟ ଦୁଃଖ ଦୁର୍ଦ୍ଦଶା, ଯନ୍ତ୍ରଣାର ନିରାକରଣ ନିମନ୍ତେ ବ୍ରହ୍ମାଙ୍କୁ ଆକାଶ, ପୃଥିବୀ, ଗିରିକାନନ, ନିର୍ଜନ ସ୍ଥାନ, ସର୍ବତ୍ର ଖୋଜୁଛି, କିନ୍ତୁ ନିଜର ହୃଦୟ ଭିତରେ ଅବସ୍ଥାନ କରିଥିବା ବ୍ରହ୍ମାଙ୍କୁ (ଈଶ୍ୱରଙ୍କୁ) ସେ ଦେଖିପାରୁନି । ଏହାର ତାତ୍ପର୍ଯ୍ୟ ହେଲା, ପ୍ରତ୍ୟେକ ମଣିଷର ହୃଦୟ ଈଶ୍ୱରଙ୍କ ବାସସ୍ଥଳ, ଏହି କାରଣରୁ ନର-ନାରାୟଣ ବୋଲି କୁହାଯାଏ, କିନ୍ତୁ ମୋହାନ୍ଧ, ମଦମତ୍ତ ମନୁଷ୍ୟର ସେହି ସତ୍ତାକୁ ଖୋଜି ପାଇବା ପାଇଁ ଆଗ୍ରହ ନାହିଁ ଅଥବା ଭ୍ରମବଶତଃ ସେ ପଥଭ୍ରଷ୍ଟ ହୋଇ ଏଣେତେଣେ ଖୋଜୁଛି ।

**ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।**

E-mail: editorpbkc@gmail.com
9853400829 (M), Fax: 0674-2550504

# ଇତିହାସର ବିଡ଼ମ୍ବନା ଓ ସଂକଟର କାଳଖଣ୍ଡ

...........ସତ୍ୟବାଦୀ ବଳିଆରସିଂହ...........



ଭାଷା ସାହିତ୍ୟ, ସଂସ୍କୃତି ଗୋଟିଏ ଜାତି ବୈଭବର ପରିଚୟ ଦିଏ । ଆମ ଓଡ଼ିଆ ଭାଷା ସେହିଭଳି ଏକ ବୈଭବମୟ ଭାଷା । ଆର୍ଯ୍ୟ ଭାଷାମାନଙ୍କ ମଧ୍ୟରେ ସଂସ୍କୃତ ପରେ ପ୍ରାଚୀନ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଛି । ଏହା ଓଡ଼ିଆମାନଙ୍କ ପାଇଁ ଗୌରବର ବିଷୟ । ଆମ ଭାଷା ବଙ୍ଗଳା, ହିନ୍ଦୀ, ତେଲୁଗୁ ଭାଷା ଠାରୁ ପ୍ରାଚୀନ ଓ ସମୃଦ୍ଧ ବୋଲି ଯେ ଡିଣ୍ଡିମ ପିଟିଲେ ବି ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଯେ ବାଧାପ୍ରାପ୍ତ ହେଉଛି ଏହା ନିଃସନ୍ଦେହରେ କୁହାଯାଇପାରେ । ଉପାନ୍ତ ଅଂଚଳରେ ପଡ଼ୋଶୀ ରାଜ୍ୟର ଭାଷା କାୟା ବିସ୍ତାର କରିଥିବା ବେଳେ ସହର ଅଂଚଳରେ ଶିକ୍ଷିତ ଲୋକଙ୍କ ଭାଷା ଇଂରାଜୀ କିମ୍ବା ହିନ୍ଦୀ ପ୍ରଭାବ ବିସ୍ତାର କରୁଛି । ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଓଡ଼ିଆର ଗୁରୁତ୍ୱ ନାହିଁ । ଆସନ୍ତା ୧୦୦ ବର୍ଷ ମଧ୍ୟରେ ଓଡ଼ିଆ ଭାଷା ଲୋପ ପାଇବ ବୋଲି ୟୁନେସ୍କୋ ଯେଉଁ ତଥ୍ୟ ଦେଇଛ ତାହା ଆଶଙ୍କା ସୃଷ୍ଟି କରିଛି । ଆମେ କେତେକାଳ John Beause Comparative Grammar of Modern Aryan Language of Inida and Sir George Greeyar sonଙ୍କ Lingustic Survey of India ପୁସ୍ତକର ଉଦାହରଣ ନେଇ ଆମ ଭାଷାର ମହତ୍ୱର ଡିଣ୍ଡିମ ପିଟିବା କେତେକାଳ ଆମେ ସୁନୀତ କୁମାର ଚଟାର୍ଜିଙ୍କ The People, Language and Culture of Orissaରେ ଓଡ଼ିଆ ଭାଷାର ପ୍ରାଚୀନତା ଓ ମୌଳିକତା ନେଇ ଲୋକଙ୍କୁ ବୁଝାଇବା ?

ଭାଷା କଥିତ ଓ ଲିଖିତ (ବୌଦ୍ଧିକ) । କଥିତ ଭାଷା ମାଟିର ଭାଷା ଅର୍ଥାତ୍ ମାତୃଭାଷା । ଏହା ପୁଣି ଦେଶଜ ଅଂଚଳ ଭିତିରେ ଭିନ୍ନ ଭିନ୍ନ ହୋଇପାରେ । ଲିଖିତ ଭାଷା ବୁଦ୍ଧିଜୀବୀଙ୍କ ଭାଷା, କିନ୍ତୁ ସାହିତ୍ୟିକଙ୍କ ଭାଷାର ପରିସର ବ୍ୟାପକ । ଏବେ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ହେଉଛି । ଏହା ଓଡ଼ିଆ ଅଂଚଳ ଥିଲା । ପଶ୍ଚିମବଙ୍ଗର ଦକ୍ଷିଣ ଭାଗରେ ଥିବା ପୂର୍ବ ମେଦିନୀପୁର, ପଶ୍ଚିମ ବେଦିନୀପୁର, ବାଙ୍କୁଡ଼ା ବୀରଭୂମି, ତମଲୁକ ଜିଲ୍ଲା ଥିଲା ଉତ୍କଳ ସାମ୍ରାଜ୍ୟ, ପୂର୍ବେ ସେଠି ଲୋକେ କହୁଥିଲେ ଓଡ଼ିଆ ଏବେ କହୁଛନ୍ତି ବଙ୍ଗଳୀ । ସେଠାରେ ମହାନ୍ତି ମାଇତି ହେଲେ ଜେନା ଜାନା ହେଲେ । ମିଶ୍ର ଓ ଅଧିକାରୀ ସାଙ୍ଗା ରହିଛି କିନ୍ତୁ ସେମାନେ ଏବେ ବଙ୍ଗାଳୀ । ଏହି ୫ଟି ଜିଲ୍ଲା ମଧ୍ୟରେ ଘାଟଶୀଳା ବୀରଭୂମି ରାଜା ଉତ୍କଳ ନରେଶଙ୍କର ଏକଦା ପ୍ରଧାନ ସେନାପତି ଥିଲେ । ଏହା ଏବେ ଇତିହାସର ବିଡ଼ମ୍ବନା ।

ଝାଡ଼ଖଣ୍ଡ ରାଜ୍ୟର ସିଂହଭୂମି, ସଢେଇକଳା, ଖରସୁଆଁ ଜିଲା ଆମ ପାଖରେ ନାହିଁ । ସଢେଇକଳା ଓ ଖରସୁଆଁର କିଛି ଲୋକ ଓଡ଼ିଆ କହୁଛନ୍ତି । ଉତ୍କଳ ସମ୍ମିଳନୀ ପକ୍ଷରୁ ସେଠାରେ ଓଡ଼ିଆ ଭାଷାରେ ଶିକ୍ଷାଦାନ ପାଇଁ ବ୍ୟବସ୍ଥା ହେଉଛନ୍ତି । କିନ୍ତୁ ତାହା ସମୁଦ୍ରଙ୍କୁ ଶଙ୍ଖେ ପରି । ଝାଡ଼ଖଣ୍ଡ ଭଳି ଛତିଶଗଡ଼ର ଜଗଦଳପୁର, ବନ୍ଧିଗାଁ, ଜନଓ୍ୱାରୀ, କଂଟା, ବିନ୍ଦ୍ରା ନୂଆଗଡ଼, ରାଇଗଡ଼, ଦେଓଗଡ଼, ଶଙ୍କରା, ଶକ୍ତ, ଫୁଲଝର, ଚନ୍ଦ୍ରପୁର ଏକଦା ଥିଲା ଖାଂଟି ଓଡ଼ିଆ ଅଂଚଳ । ସେଠାରେ ଏବେ ଓଡ଼ିଆ ଭାଷା ବିପନ୍ନ । ଓଡ଼ିଶାର ଦକ୍ଷିଣକୁ ଗଲେ ଆନ୍ଧ୍ର ଓଡ଼ିଶାର ବୋରକେଭକୁ ଦଖଲରେ ନେଇ ଆନ୍ଧ୍ରର କରିଦେଇଛି । କୋଟିଆର ୩ଟି ଗାଁରେ ନିର୍ବାଚନ କରି ତା'ର ବୋଲି ଦାବି କରିଛ । ଆନ୍ଧ୍ରରେ ଥିବା ଶ୍ରୀକାକୁଲମ, ମଞ୍ଜୁଷା, ଇଛାପୁର, ପଲାସା, କଂଟିବୁଗା, ସୋମପେଣ୍ଠ, ଟିକିଲି, ଚମ୍ପାପୁର, ମୁକ୍ତାପୁର, ତରଳା, ପୁରୁଣାପାଟଣା, ବାରୁଆ, ପାର୍ବତୀପୁର, ନୂଆପଡ଼ା, ଜୟନ୍ତୀଗଡ଼, ବୁଢ଼ାରସିଂ, ଗୋପିଲି, ମଠସାରିଆପଲ୍ଲୀ, ମର୍ଦ୍ଦରାଜପୁର, ଟଙ୍କପଡ୍ଡ, ପୁଡ଼ାଙ୍ଗି, ସନ୍ତୋଷପୁର, କରଜଡ଼ା, ବ୍ରାହ୍ମଣ ଚରକ, କୁରୁପମ ଆଦି ଓଡ଼ିଆ ଅଂଚଳ ଥିଲା । ସେଠାରେ ଅନେକ ଲୋକ ଘରେ ଓଡ଼ିଆ କହନ୍ତି । ମଞ୍ଜୁଷାରେ ଥିବା ଓଡ଼ିଆ ପାଠାଗାର ମଧ୍ୟ ଅତି ପ୍ରାଚୀନ । ସେ ଅଂଚଳରେ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଅପରିହାର୍ଯ୍ୟ । ଓଡ଼ିଶାର ସୀମାନ୍ତ ଗଂଜାମ, ଗଜପତି, କୋରାପୁଟ, ମାଲକାନଗିରି, ନବରଗଙ୍ଗପୁର, ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଂଜର ସୀମାନ୍ତ ଗ୍ରାମମାନଙ୍କ ପ୍ରତି ଓଡ଼ିଶା ସରକାରଙ୍କର ଗୁରୁ ଦାୟିତ୍ୱ ରହିଛି । ସେ ଅଂଚଳର କିଭଳି ଓଡ଼ିଆ ଭାଷାରେ ଶିକ୍ଷା ପାଇବେ ସେ ଦିଗରେ ଦୃଷ୍ଟି ଦେବା ଆବଶ୍ୟକ । ଗଜପତି ଓ କୋରାପୁଟ ଜିଲ୍ଲାର ସୀମାନ୍ତ ଗ୍ରାମର ପିଲାମାନେ ପ୍ରାଥମିକ ଶିକ୍ଷା ପାଇଁ ଓଡ଼ିଶା ଛାଡ଼ି ଆନ୍ଧ୍ରକୁ ତେଲୁଗୁ ପଢିବା ପାଇଁ ଚାଲି ଯାଉଥିବା ସମ୍ବାଦ ଅତ୍ୟନ୍ତ କ୍ଷୋଭର ବିଷୟ ।

ଓଡ଼ିଶା ବାହାରେ ଥିବା ଓଡ଼ିଆ ଭାଷାଭାଷୀ ଅଂଚଳ ଏବଂ ପଡ଼ୋଶୀ ରାଜ୍ୟକୁ ଲାଗିଥିବା ଓଡ଼ିଶାର ଉପାନ୍ତ ଅଂଚଳରେ ରହିଛି । ଏ ପ୍ରସଙ୍ଗରେ ଆମକୁ ମନେପକାଇ ଦେବାକୁ ପଡ଼ିବ ଉତ୍କଳର ମହାପରାକ୍ରମୀ ସମ୍ରାଟ୍ କପିଳେନ୍ଦ୍ର ଦେବ ୧୪୩୫ରୁ ୧୪୬୫ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସେ ସଂସ୍କୃତ ଭାଷା ଓ ସାହିତ୍ୟ ପରିବର୍ତ୍ତେ ଓଡ଼ିଆ ଭାଷାକୁ ରାଜଭାଷାର ମାନ୍ୟତା ଦେଇଥିଲେ । ତାଙ୍କ ସମୟରେ




ସାରଳା ଦାସ (ସିଦ୍ଧେଶ୍ୱର ପରିଡ଼ା) ଓଡ଼ିଆ ମହାଭାରତ ଲେଖିଥିଲେ । ପ୍ରାଦେଶିକ ଭାଷାରେ ମହାଭାରତ ଲେଖାଯିବାରେ ଭାରତରେ ଏହା ପ୍ରଥମ । ଏହା ପୂର୍ବରୁ ସଂସ୍କୃତରେ ମହାଭାରତ ଲେଖାହୋଇଥିଲା ।

ବିହାର-ଓଡ଼ିଶା ବିଧାନସଭାରେ ୧୯୨୧ ମସିହା ନଭେମ୍ବର ୨୫ ତାରିଖରେ ଓଡ଼ିଶାରୁ ବିଧାୟକ ଭାବେ ପ୍ରତିନିଧିତ୍ୱ କରୁଥିବା ବାଗ୍ମୀ ବିଶ୍ୱନାଥ କର ଓଡ଼ିଆରେ ଭାଷଣ ଦେଇ ସ୍ୱତନ୍ତ୍ର ଓଡ଼ିଶା ଗଠନ ପ୍ରସ୍ତାବ ଦେଇଥିଲେ । ସେହିପରି ୧୯୬୭ ମସିହାରେ ପୁରୀରୁ ସଂସ୍ଥା ସଂଯୁକ୍ତ ସୋସିଆଲିଷ୍ଟ ପାର୍ଟି ଟିକେଟରେ ନିର୍ବାଚିତ ରବି ରାୟ ଲୋକସଭାରେ ଓଡ଼ିଆରେ ଭାଷଣ ଦେଇ ଭାଷା ସ୍ୱାଭିମାନର ପରାକାଷ୍ଠା ଦେଖାଇଥିଲେ । କଳିଙ୍ଗ ସମ୍ରାଟ ଖାରବେଳ ଓ ଉତ୍କଳ ସମ୍ରାଟ କପିଳେନ୍ଦ୍ର ଦେବ ଆମ ଓଡ଼ିଆ ମାଟିର ଯେଉଁ ଟେକ ରଖିଥିଲେ ତାହା ଆମେ କିଂଚିତ ଭାବେ ମନେପକାଉଛେ କି ?

ବିଶାଳ ଉତ୍କଳର ଅତୀତ ଗୌରବଶାଳୀ ଥିଲେ ହେଁ ଖ୍ରୀ: ୧୫୬୮ରେ ପରାଧୀନ ହେବା ପରେ ଆଫଗାନ, ମୋଗଲ, ମରହଟ୍ଟା ଓ ଇଂରେଜ ଓଡ଼ିଆ ଭାଷାଭାଷୀ ଅଂଚଳ ଖଣ୍ଡ ବିଖଣ୍ଡିତ ହୋଇ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶରେ ରହିଗଲା । ଓଡ଼ିଆ ଭାଷାକୁ ଲୋପ କରିବା ପାଇଁ ବହୁ ଚକ୍ରାନ୍ତ ହେଲା । ବଙ୍ଗଳା ଭାଷାକୁ ବାଲେଶ୍ୱର ଜିଲ୍ଲାର ଶିକ୍ଷା ବ୍ୟବସ୍ଥାରେ ଲଦି ଦେବାକୁ ବସିଲେ । ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରଚେଷ୍ଟାରେ ଭାଷା ଉପରେ ଅନୁଧ୍ୟାନ କରି ଇଂରେଜ ପ୍ରଶାସନ ସାର୍ ଜନ କମ୍‌ସ ସରକାରଙ୍କୁ ରିପୋର୍ଟ ଦେଲେ- "Looked at from the purity Linguistic side there is no doubt the oriya has examplary proof of its identy. At a period when oriya was already a settled and fixed language Bengal did not exist at all." ପ୍ରାଜ୍ଞ ପୁରୁଷ ଡ. ମାୟାଧର ମାନସିଂହ ତାଙ୍କ ଓଡ଼ିଆ ସାହିତ୍ୟର ଇତିହାସରେ ଲେଖିଛନ୍ତି- "ଅନ୍ୟ କୌଣସି ଭାରତୀୟ ଭାଷାକୁ କେବଳ ନିଜର ସ୍ଥିତି ପାଇଁ ଏପରି କଠିନ ସଂଗ୍ରାମ କରିବାକୁ ପଡ଼ିନାହିଁ, ଯେପରି ଘଟିଛି ବିଚାରି ଓଡ଼ିଆ ଭାଷା ଉପରେ ।" ଓଡ଼ିଆ ସରକାରୀ ଭାଷା କାର୍ଯ୍ୟକାରିତା ନେଇ ବହୁ ଅନୁଷ୍ଠାନ ପକ୍ଷରୁ ଆନ୍ଦୋଳନ ଚାଲିଛି । ରାଜ୍ୟ ସରକାର ଧୀର ମନ୍ଥର ଗତିରେ କିଛି କିଛି କାର୍ଯ୍ୟକାରୀ କରୁଛନ୍ତି । କିନ୍ତୁ ମୂଳ ଚାବିଟି ରଖିଛନ୍ତି ହାତରେ । ଅର୍ଥାତ୍ ଭାଷା ଉଲ୍ଲଂଘନକାରୀଙ୍କ ପାଇଁ ଯେ ପର୍ଯ୍ୟନ୍ତ ଦଣ୍ଡ ବ୍ୟବସ୍ଥା ନହୋଇଛି, ସେ ପର୍ଯ୍ୟନ୍ତ ଓଡ଼ିଆ ଭାଷା ସଙ୍କଟରେ । ଏଣୁ ଭାଷା ଆୟୋଗ ଗଠନ କରି ଦଣ୍ଡ ବ୍ୟବସ୍ଥା ଲାଗୁ କରିବା ଅପରିହାର୍ଯ୍ୟ । ସରକାରୀ କାଗଜପତ୍ର ବି ଓଡ଼ିଆରେ ନହେବା ବିଡ଼ମ୍ବନାର ବିଷୟ । ଦ୍ୱିତୀୟ କଥାଟି ହେଲା, ଆମ ଓଡ଼ିଆମାନଙ୍କର ସ୍ୱାଭିମାନ ଓ ଅସ୍ମିତା । ଏ ସବୁ ନ ରହିଲେ ସବୁ ନିଷ୍ଫଳ । ଭାଷାର ମହତ୍ୱ ପ୍ରତିଷ୍ଠା ପ୍ରତ୍ୟେକ ଓଡ଼ିଆ ସଂକଳ୍ପ ନେବା ଧ୍ୟେୟ ହେଉ । ଏ ପ୍ରସଙ୍ଗରେ ମଧୁବାବୁଙ୍କ 'ଉତ୍କଳ ସନ୍ତାନ'ର ଉକ୍ତି ଉଲ୍ଲେଖ କରୁଛି ।

*"ତୁ ପରା ବୋଲାଉ ଉତ୍କଳ ସନ୍ତାନ*
*ତେବେ କିମ୍ପା ତୁହି ଭୀରୁ*
*ତୋହର ଜନନୀ ରୋଦନ କରିଲେ*
*କହିବାକୁ କିମ୍ପା ଡରୁ ।"*

*-ସଭାପତି, ଖୋର୍ଦ୍ଧା ଜିଲା ଭାଷା ସୁରକ୍ଷା ସମ୍ମିଳନୀ, ବକ୍ସି ଜଗବନ୍ଧୁ ନଗର, ଖୋର୍ଦ୍ଧା, ଶୂନ୍ୟଭାଷ: ୯୨୩୭୦୮୯୫୦୯*

# ଅପ୍ରିୟ

## ଆଚରଣ ଓ ଉଚ୍ଚାରଣ

•••ଦାସେ•••

ଖାନ୍‌ବାବୁ ଜଣେ ବାବୁଙ୍କୁ ଦେଖେଇ ପଚାରିଲେ, 'ଏ ବାବୁଙ୍କୁ ଜାଣିଛ ?' ରାଧାଶ୍ୟାମବାବୁ କହିଲେ, ''ଏ ମହୋଦୟଙ୍କୁ ଛକ ବଜାରରେ ବହୁବାର ଦେଖିଛି, ମାତ୍ର ଜାଣିନି ବା ଜାଣିବାର ଅବକାଶ ପାଇନି ।'' ଖାନ୍‌ବାବୁ କହିଲେ, ''ଏ ହେଉଛନ୍ତି ଜଣେ 'ସାହସ'କୁ 'ସାହାସ' ଲେଖୁଥିବା ଓଡ଼ିଆ ବିଭାଗର ବରିଷ୍ଠ ଅଧ୍ୟାପକ ।'' ଏ କଥା ଶୁଣି ବରିଷ୍ଠ ଅଧ୍ୟାପକ ମହୋଦୟ ଚିଡ଼ି ଉଠି କହିଲେ, ''ଆପଣ ମୋର ଏପରି ପରିଚୟ ଦେବାର ଅଭିପ୍ରାୟ ? ମୋତେ ଆପଣ ଆଧୁନିକ କବି, ଖାଲି ଓଡ଼ିଆ ଅଧ୍ୟାପକ କି ମୋର ଏତେଖଣ୍ଡ ଆଧୁନିକ କବିତା ସଂକଳନ ଦ୍ରୁତ ପ୍ରସ୍ତୁତି ପଥେ ବୋଲି କହିପାରିଥା'ନ୍ତେ, ମାତ୍ର ମୋତେ ଏପରି ପରିଚୟ ଭାରି ଆଘାତ ଦେଲା ।'' ଖାନ୍‌ବାବୁ ଜାଣିଲେ କଥାର ଆକ୍ଷେପଟା ଠିକ୍ ଜାଗାରେ ଲାଗିଚି । ତେଣୁ ସେ କଥାକୁ ସମ୍ଭାଳୁ ସମ୍ଭାଳୁ କହିଲେ, ''ମୁଁ ତ' ଆପଣଙ୍କର ପରିଚୟ ପର୍ବ ଆରମ୍ଭ କରୁଥିଲି, ମାତ୍ର ଆପଣ ଆପଣଙ୍କର ସଂପୂର୍ଣ୍ଣ ପରିଚୟ ନିଜେ ନିଜେ ଦେଇଦେଲେ । ଆଉ ମୋତେ ଦେବାକୁ ପଡ଼ିବ ନାହିଁ ।'' ବରିଷ୍ଠ ଅଧ୍ୟାପକ ଜଣକ ପୁଣି କହିଲେ, ''ଆପଣ ଯେଉଁ ଢଙ୍ଗରେ ମୋ' ପରିଚୟ ପର୍ବ ଆରମ୍ଭ କଲେ, ମୋତେ ଲାଗିଲା ଆପଣ ମୋତେ ଟିଟ୍‌କାରୀ ମାରୁଛନ୍ତି । ତେଣୁ ବାଧ ହୋଇ ମୋତେ ମୋ' ନିଜ ପରିଚୟ ଦେବାକୁ ପଡ଼ିଲା ।''

ଖାନ୍‌ବାବୁ ଭାରି ମଜାଳିଆ ଲୋକ । ସେ ଖରାପ ଲୋକଙ୍କୁ ଯେନତେନ ପ୍ରକାରେଣ ଖରାପ ବୋଲି କହିବାକୁ କେବେ କୁଣ୍ଠିତ ନୁହଁନ୍ତି ଅବା ଭଲ ଲୋକଙ୍କୁ ସମ୍ମାନ ଓ ପ୍ରଶଂସା କରିବାକୁ କେବେ ବି ଦ୍ୱିଧା ବୋଧ କରନ୍ତି ନାହିଁ । ଖାନ୍‌ବାବୁ ସିନା ସେଦିନ ପରିସ୍ଥିତି ଅଣାୟ□ ଦେଖି ବରିଷ୍ଠ ଓଡ଼ିଆ ଅଧ୍ୟାପକଙ୍କୁ ପରିଚୟ ପର୍ବ କହି ବୁଝାଇଦେଲେ, ମାତ୍ର ସେ ଓଡ଼ିଆ ଅଧ୍ୟାପକ ଜଣକ କ'ଣ ସେ 'ସାହସ' ଶବ୍ଦର ଗୁରୁତ୍ୱ ବୁଝିପାରିଲେ ? ବୁଝିପାରି ନ ଥିଲେ, କାରଣ ବୁଝିଥିଲେ ହୁଏତ ଅନ୍ୟ ଲେଖାମାନଙ୍କରେ ସେ ମଧ୍ୟ 'ସାହସ' ବନାନ୍‌କୁ 'ସାହାସ' ଲେଖୁ ନ ଥା'ନ୍ତେ ଏଯାବତ୍ ! ଯଦି ଜଣେ ମହାବିଦ୍ୟାଳୟରେ ଓଡ଼ିଆ ଅଧ୍ୟାପକଙ୍କର ଜ୍ଞାନର ସରହଦ ଏଇଆ ୟୁଜିସି ହାରରେ ଦରମା ପାଇ, ତେବେ ଚିନ୍ତା କରନ୍ତୁ ତ' ତାଙ୍କ ପାଠ ପଢ଼ାପଢ଼ି ଉପରେ ! ନିଶ୍ଚିତ ଭାବେ କପିଟପି କରି ଏଭଳି ଅଧ୍ୟାପକମାନେ ସାହିତ୍ୟ ବିଭାଗକୁ ମାଡ଼ି ବସିଛନ୍ତି । ବେଶୀ ଦୁଃଖ ଲାଗୁଛି, ଏମାନେ ସାହିତ୍ୟ ପାଇଁ କିଛି ଅବଦାନ ଛାଡ଼ି ଯାଉନାହାନ୍ତି ଥୋଡ଼ାଏ ବାଜେ ଆଧୁନିକ କବିତା ବହି ବ୍ୟତୀତ ! ଯେଉଁ ବହି ପୁଣି ଗୁଡ଼ିଏ କିମ୍ଭୂତକିମାକାର ନାମ ନେଇ ପ୍ରକାଶିତ । ଭାଷଣ ଦେବାର ଅଭିଳାଷ ଏମାନଙ୍କୁ ଏପରି ସ୍ତରରେ ପହଂଚାଇଛି ଯେ ଏମାନେ ଖେଳ, ଡ୍ରାମା, ଶୋକସଭା ଇତ୍ୟାଦି କାର୍ଯ୍ୟକ୍ରମରେ କିଛି ପଇସା ପକେଟ୍‌ରୁ ଖର୍ଚ୍ଚ କରି ଭାଷୁଛନ୍ତି, ମଂଚଞ୍ଚପରିଚାଳନା କରୁଛନ୍ତି ଅବା ସଂଯୋଜନା କରୁଛନ୍ତି । ନିଗଦରେ ମଧ 'ସମସ୍ୟା' ଶବ୍ଦକୁ 'ସମାସ୍ୟା', 'ସାହାଯ୍ୟ' ଶବ୍ଦକୁ 'ସାହାଯ୍ୟ' ଶବ୍ଦ କହିବା ପାଇଁ ଭୁଲୁନାହାନ୍ତି । ପାଠ ପଢେଇଲାବେଳେ କବିବର ରାଧାନାଥ ରାୟଙ୍କର 'ଚିଲିକା' କାବ୍ୟର 'ସୁନ୍ଦରେ ତୃପ୍ତିର ଅବସାଦ ନାହିଁ'କୁ 'ସୁନ୍ଦର ତୃପ୍ତିର ଅବସାଦ ନାହିଁ' ବୋଲି କହିବା, 'ଗାନ୍ଧାରୀର ଆଶୀର୍ବାଦ' କବିତାରେ 'ଅକ୍ଷର ହେଉ ପୁଣ୍ୟ ଜଗତେ'କୁ 'ଅକ୍ଷୟ ହେଉ ପୁଣ୍ୟ ଜଗତେ' ବୋଲି ପଢାଇବା ବା ଘୋଷି କି ମନେରଖିବା ସେମାନଙ୍କର ସାହିତ୍ୟପ୍ରୀତିକୁ ସୂଚେଇ ଦେଉଛି । ଏପରିକି ବିନା ପାଠ୍ୟପୁସ୍ତକରେ ଗୋଟେ ଗୋଟେ ବର୍ଷ ପିଲାଙ୍କୁ ଇଆଡୁ ସିଆଡୁ ଗପି ଭୁଆଁ ବୁଲେଇ ପାରୁଥିବା ଅଧ୍ୟାପକଙ୍କର ମଧ୍ୟ ଅଭାବ ନାହିଁ ଆମ ସମୟରେ । ଏ ବିଷୟରେ ଦୃଷ୍ଟିଆକର୍ଷଣ କଲେ ସେମାନେ ଯାହା କୁହନ୍ତି, ତାହା ସବୁ ଅଧ୍ୟାପକମାନେ ପାଳିଲେ ମହାବିଦ୍ୟାଳୟମାନଙ୍କରେ ଆଉ ବାଧତାମୂଳକ ସାହିତ୍ୟର ଆବଶ୍ୟକତା ଥିଲା ପରି ଲାଗୁନାହିଁ କହିଲେ ଚଳେ । ''ଯୁକ୍ତ ଦୁଇ ପ୍ରଥମ ବର୍ଷର କୌଣସି ବିଷୟ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ପରୀକ୍ଷାରେ ପଡୁନାହିଁ ଆମ ଓଡ଼ିଶାରେ । ତେଣୁ ଯୁକ୍ତ ଦୁଇ ପ୍ରଥମ ବର୍ଷ ନ ପଢ଼ିଲେ ବା ନ ପଢାଇଲେ ଚଳିବ'' ବୋଲି ମନ୍ତବ୍ୟ ପ୍ରଦାନ କରୁଥିବା ଓଡ଼ିଆ ଅଧ୍ୟାପକଗଣ କେତେ ଯେ ପାଠପଢାକୁ ଭଲ ପାଆନ୍ତି ଏବଂ ସେମାନେ କେଉଁ ଧରଣର ଅଧ୍ୟାପକୀୟ ମୂଲ୍ୟବୋଧକୁ ଜାବୁଡ଼ି ଧରିଛନ୍ତି, ତାହା ସହଜରେ ଅନୁମେୟ ।

ଆମ ମତରେ, ଏଭଳି ଅଧ୍ୟାପକ-ମାନଙ୍କର ପରିଚୟ ଖାନ୍‌ବାବୁଙ୍କ ଭଳି ଭାଷାରେ କରେଇଲେ ହୁଏତ ଏମାନେ ଚେତନ୍ତେ ଅବା ସଚେତନ ହୁଅନ୍ତେ ! ଖାନ୍‌ବାବୁଙ୍କ ଭଳି ଲୋକ ବି ମିଳିବା ଏଠାରେ ବହୁତ କମ୍, କାରଣ ଲୋକଚରିତ୍ର ଆଜି କାହା ପାଖରେ ଅପ୍ରିୟ ହେବା ପାଇଁ ଚାହୁଁନାହିଁ, ବରଂ ଚାହୁଁଛି ସମସ୍ତଙ୍କ ପାଖରେ ପ୍ରିୟପାତ୍ର ହେବାପାଇଁ । ତୋଷାମଦିଆ ପ୍ରିୟପାତ୍ର ହେବା ଅପେକ୍ଷା ଅପ୍ରିୟ ହେବାରେ ଯେଉଁ ଆନନ୍ଦ ଅଛି ଓ ସଚେତନତା ଅଛି, ତାହାକୁ ବୁଝାଇବାକୁ ବୋଧହୁଏ ଆହୁରି ଅପ୍ରିୟ ହେବାକୁ ପଡ଼ିବ । ନା, କ'ଣ କହୁଛନ୍ତି ଆଜ୍ଞା ?

# ଜଣେ ମହାନ ବୈଜ୍ଞାନିକଙ୍କୁ ମନେପକାଇ...

-------ହିମାଂଶୁଶେଖର ଆଚାର୍ଯ୍ୟ-------



ଊନବିଂଶ ଶତାବ୍ଦୀର ଶେଷ ପର୍ଯ୍ୟାୟରେ ଯେଉଁ କତିପୟ ଯୋଗଜନ୍ମା ଉତ୍କଳ ଜନନୀର କୋଳମଣ୍ଡନ କରି ସେମାନଙ୍କ କୃତି ଓ କୀ□ ବଳରେ ଭାରତ କାହିଁକି ସମଗ୍ର ବିଶ୍ୱରେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଯାଇଛନ୍ତି ସେମାନଙ୍କ ମଧ୍ୟରେ ଡକ୍ଟର ପ୍ରାଣକୃଷ୍ଣ ପରିଜା ହେଉଛନ୍ତି ଅନ୍ୟତମ । ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ସେ । ଡକ୍ଟର ପରିଜା ଏକାଧାରରେ ଥିଲେ ଜଣେ ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ବୈଜ୍ଞାନିକ, ପ୍ରବୀଣ ଶିକ୍ଷାବିତ୍, ଦକ୍ଷ ପ୍ରଶାସକ, ସୁସାହିତ୍ୟିକ ଓ ସର୍ବୋପରି ଆଦର୍ଶ ଜନନାୟକ । ଆଧୁନିକ ଓଡ଼ିଶାରେ ସମସ୍ତ କ୍ଷେତ୍ରରେ ସେ ନିଜର ଅମୂଲ୍ୟ ପଦାଙ୍କ ଛାଡ଼ିଯାଇଛନ୍ତି । ଯଥାର୍ଥରେ ସେ ଥିଲେ ପ୍ରଜ୍ଞାପୁରୁଷ ।

ଏହି ଯୋଗଜନ୍ମା ବରପୁତ୍ର ୧୮୯୧ ମସିହା ଏପ୍ରିଲ ଏକ ତାରିଖରେ ବ□ମାନର ଜଗତିସଂହପୁର ଜିଲ୍ଲା ଅନ୍ତର୍ଗତ ବାଲିକୁଦା ବ୍ଲକର ଇଛାପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ବିଶ୍ୱନାଥ ପରିଜା ଓ ମାତାଙ୍କ ନାମ ଜୟନ୍ତୀ ଦେବୀ । ବାଲ୍ୟକାଳରୁ ପରିବାରର ଆର୍ଥିକ ଦୁରବସ୍ଥା ଓ ପ୍ରତିକୂଳ ପରିସ୍ଥିତି ତାଙ୍କ ପ୍ରତିଭାର କଣ୍ଠରୋଧ କରିପାରିନଥିଲା । ନିଜର ମେଧା, ସଂକଳ୍ପ ଓ ବିଦ୍ୱ□ା ବଳରେ ସେ ଜୀବନର ଶୀର୍ଷତମ ସୋପାନରେ ପହଞ୍ଚିପାରିଥିଲେ । ୧୯୦୪ ମସିହାରେ ମାଇନର ପରୀକ୍ଷାରେ ବାଲିକୁଦା ସ୍କୁଲରୁ ସମଗ୍ର ଓଡ଼ିଶାରେ ପ୍ରଥମ ହେବାପରେ ସେ ଆଉ ପଛକୁ ଫେରି ଚାହିଁନଥିଲେ । ଏହାପରେ ୧୯୦୯ ମସିହାରେ ଏଣ୍ଟ୍ରାନ୍ସ ପରୀକ୍ଷାରେ ଏବଂ ରେଭେନ୍ସା କଲେଜରୁ ଆଇ.ଏସ୍‌ସି ପରୀକ୍ଷାରେ ଯଥାକ୍ରମେ ସପ୍ତମ ଓ ପଞ୍ଚମ ସ୍ଥାନ ଲାଭ କରି ବୃ□ ପାଇ ନିଜର ଅଧ୍ୟୟନ ଅବ୍ୟାହତ ରଖିଥିଲେ । ସେହିପରି କଲିକତାର ପ୍ରେସିଡ଼େନ୍ସି କଲେଜରୁ ବି.ଏସ୍‌ସି ପାଶ୍ ଓ ପରେ କଲିକତା ବିଶ୍ୱବିଦ୍ୟାଳୟରେ ଏମ୍.ଏସ୍‌ସି ପଢ଼ିବା ସମୟରେ ପ୍ରାଣକୃଷ୍ଣ ପରିଜା ବିହାର-ଓଡ଼ିଶା ସରକାରଙ୍କ ତରଫରୁ ରାଷ୍ଟ୍ରୀୟ ବୃ□ପାଇ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ।

ଜଣେ ବୈଜ୍ଞାନିକ ଭାବେ ଡକ୍ଟର ପରିଜାଙ୍କ ଦାନ ଅତୁଳନୀୟ । ସାରାଜୀବନ ଉଦ୍ଭିଦ ବିଜ୍ଞାନ ଉପରେ ଗବେଷଣା କରି ସେ ଯେଉଁ ନୂତନ ତଥ୍ୟ ଦେଇଯାଇଛନ୍ତି ତାହା ବହୁ ବିଜ୍ଞାନୀଙ୍କର ଆଖି ଖୋଲି ଦେଇଛି । କେମ୍ବ୍ରିଜରେ ଅଧ୍ୟୟନ କରିବା ସମୟରେ ସେ ଏଫ୍.ଏଫ୍ ବ୍ଲାକମ୍ୟାନ୍‌ଙ୍କ ଅଧୀନରେ ଗବେଷଣା କରି ସେଓର ଶ୍ୱାସକ୍ରିୟା ସଂପର୍କରେ ଯେଉଁ ନିବନ୍ଧ ରଚନା କରିଥିଲେ ତାହା "ପରିଜା-ବ୍ଲାକମ୍ୟାନ"ଥିଓରି ନାମରେ ଖ୍ୟାତ । ଏହି ଗବେଷଣା ପ୍ରସୂତ ତଥ୍ୟ ଲଣ୍ଡନର ପ୍ରସିଦ୍ଧ 'ରୟାଲ ସୋସାଇଟି' ପତ୍ରିକାରେ ପ୍ରକାଶିତ ହେଲାପରେ ପ୍ରାଣକୃଷ୍ଣ ପରିଜାଙ୍କ ଖ୍ୟାତି ସମଗ୍ର ବିଶ୍ୱରେ ବ୍ୟାପିଯାଇଥିଲା । ଉଦ୍ଭିଦର ଶ୍ୱାସକ୍ରିୟା ସମ୍ବନ୍ଧୀୟ ଏହି ମୌଳିକ ତଥ୍ୟ ଭାରତ ସମେତ ପୃଥିବୀର ବହୁ ପାଠ୍ୟପୁସ୍ତକରେ ପ୍ରକାଶିତ ହୋଇଅଛି । ଏଥିସହିତ ପରିଜା ସାହେବ ବିଲାତି ଦଳ ଉପରେ ଗବେଷଣା କରିଛନ୍ତି । ସେହିପରି ବିଭିନ୍ନ ଉଦ୍ଭିଦ କିଭଳି ଭାବରେ ମାଧ୍ୟାକର୍ଷଣ ଶକ୍ତି, ଆଲୋକ, ଉ□ାପ ଓ ଜଳୀୟ ବାଷ୍ପ ପ୍ରଭୃତି ବାହ୍ୟଶକ୍ତି ଦ୍ୱାରା ପ୍ରଭାବିତ ହୁଅନ୍ତି ସେ ବିଷୟରେ ମଧ୍ୟ ଗବେଷଣା କରିଛନ୍ତି ପ୍ରାଣକୃଷ୍ଣ ପରିଜା ।



ଜଣେ ସୁନାମଧନ୍ୟ ଅଧ୍ୟାପକ ଓ ଦକ୍ଷ ପ୍ରଶାସକ ରୂପେ ଡକ୍ଟର ପରିଜା ନିଜ ପାଇଁ ଏକ ନିଆରା ପରିଚୟ ସୃଷ୍ଟି କରିଥିଲେ । ୧୯୨୧ ମସିହାରେ ଇଂଲଣ୍ଡରେ ଭାରତୀୟ ଶିକ୍ଷାସେବା (ଆଇ.ଇ.ଏସ୍)ରେ ନିଯୁକ୍ତି ପାଇ ସେତେବେଳର ରେଭେନ୍ସା କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ଭାବରେ ଅବସ୍ଥାପିତ ହେଲେ ପ୍ରାଣକୃଷ୍ଣ । ପରାଧୀନ ଭାରତବର୍ଷରେ ୧୯୩୮ ମସିହାରେ ରେଭେନ୍ସା କଲେଜର ଅଧକ୍ଷ ପଦ ଅଳଙ୍କୃତ କରି ୧୯୪୩ ପର୍ଯ୍ୟନ୍ତ ସେହି ପଦବୀରେ ରହି ନିଜ କାର୍ଯ୍ୟକୁଶଳତାର ପ୍ରମାଣ ଦେଇଥିଲେ । ସେତେବେଳେ ଜଣେ ଓଡ଼ିଆ ପୁଅ ଏପରି ପଦବୀ ପାଇବା କମ୍ ଗୌରବର କଥା ନଥିଲା । ଏହାପରେ ୧୯୪୪ ମସିହାରୁ ୧୯୪୮ ମସିହା ପର୍ଯ୍ୟନ୍ତ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଓ ପରେ ୧୯୫୧, ୧୯୫୫ ଏବଂ ୧୯୬୧ ମସିହାରେ ଏହିପରି ସର୍ବମୋଟ ଚାରିଥର କୁଳପତି ହେବାର ସୌଭାଗ୍ୟ ଲାଭ କରିଥିଲେ ସେ । ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଉପ-କୁଳପତି ଦାୟିତ୍ୱ ବହନ କରିବା ତାଙ୍କ ପାରିବାପଣିଆର ଆଉ ଏକ ନମୁନା ଥିଲା । ଏଥିସହିତ ଜାତୀୟ ବିଜ୍ଞାନ କଂଗ୍ରେସର ସଭାପତି, ଓଡ଼ିଶାର ପ୍ରଥମ କୃଷି ନିର୍ଦ୍ଦେଶକ, ଜାତୀୟ ଭାଷା କମିଶନର ସଦସ୍ୟ, ବିଶ୍ୱବିଦ୍ୟାଳୟ ମଂଜୁରୀ କମିଶନ ସାଧାରଣ ଶିକ୍ଷା କମିଟିର ଅଧକ୍ଷ ଏବଂ ବହୁ ଜାତୀୟ ଓ ଅନ୍ତର୍ଜାତୀୟ ଅନୁଷ୍ଠାନରେ ଉଚ୍ଚ ପଦବୀରେ ରହି ନିଷ୍ଠା ଓ ଦକ୍ଷତାର ସହ ଦାୟିତ୍ୱ ତୁଲାଇଥିଲେ । ଏପରିକି ୧୯୫୨ ମସିହାରେ ବାଲିକୁଦା ନିର୍ବାଚନମଣ୍ଡଳୀରୁ ନିର୍ଦ୍ଦଳୀୟ ବିଧାୟକ ରୂପେ ନିର୍ବାଚିତ ହୋଇ ଜନତାର ସେବା କରିବାର ସ୍ୱପ୍ନକୁ ସାକାର କରିଥିଲେ ।

ପ୍ରଫେସର ପରିଜା ଜଣେ ସୁସାହିତ୍ୟକ ଥିଲେ । ଛାତ୍ରାବସ୍ଥାରେ ସେ ଶିଶୁମାନଙ୍କ ପାଇଁ ଗପ ଓ ପଦ୍ୟ ଲେଖୁଥିଲେ । ପରବ□ୀ ପର୍ଯ୍ୟାୟରେ ସେ ନୀଳକଣ୍ଠ ଦାସଙ୍କ ଦ୍ୱାରା ସଂପାଦିତ ନବଭାରତ ପତ୍ରିକାରେ କେତେଗୁଡ଼ିଏ ବିଜ୍ଞାନ ପ୍ରବନ୍ଧ ପ୍ରକାଶ କରିଥିଲେ । ଏଥିସହିତ ସେ ଚିନ୍ତାମଣି ଆଚାର୍ଯ୍ୟଙ୍କ ସଂପାଦନରେ ପ୍ରକାଶିତ ହେଉଥିବା ପିଲାଙ୍କ ପତ୍ରିକା ପଞ୍ଚାମୃତରେ ଖଜୁରୀ ଗଛ ଓ ଛତୁ ପ୍ରଭୃତି ବିଷୟରେ ଲେଖିଥିଲେ । ସେହିପରି ଓଡ଼ିଆ ଭାଷାକୋଷ ପ୍ରଣୟନ ପାଇଁ ଡକ୍ଟର ମାୟାଧର ମାନସିଂହଙ୍କୁ ମୁଖ୍ୟ ସଂକଳକ ରୂପେ ନିଯୁକ୍ତ କରି ଓଡ଼ିଆ ଭାଷାର ଶୁଦ୍ଧ, ନିର୍ଭୁଲ ଓ ଅତ୍ୟାଧୁନିକ ଭାଷାକୋଷ ପ୍ରତିଷ୍ଠାର ପ୍ରଥମ ପଦକ୍ଷେପ ନେଇଥିଲେ ସେ । ଏଥିସହିତ ସମୟାନୁବ□ିତାର ମୂ□ିମନ୍ତ ପ୍ରତୀକ ଥିଲେ ପ୍ରାଣକୃଷ୍ଣ ପରିଜା । ଅଫିସ୍ କାର୍ଯ୍ୟ, ସଭାସମିତି, ବୈଠକ ଏପରିକି ନିଜର ଦୈନନ୍ଦିନ କାର୍ଯ୍ୟରେ ଡକ୍ଟର ପରିଜା ସର୍ବଦା ସମୟର ସଦୁପଯୋଗ କରୁଥିଲେ । ଏହାହିଁ ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ ।

ଡକ୍ଟର ପରିଜାଙ୍କ ଛାତ୍ରବତ୍ସଳତା ଥିଲା ଅସାଧାରଣ । ବିଶେଷତଃ ଯେଉଁମାନେ ଗରିବ ଘରର ପିଲା, କିନ୍ତୁ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି ତାଙ୍କର ହୃଦ୍‌ବୋଧ ହୁଏ ସେଥିପାଇଁ ଡକ୍ଟର ପରିଜା ଆପଣାର ଅତୀତ କଥା ସ୍ମରଣ କରି ସେମାନଙ୍କୁ ଯଥାସମ୍ଭବ ସାହାଯ୍ୟ କରିଥା'ନ୍ତି । ବହୁ ଜ୍ଞାନୀ, ଗୁଣୀ, ଲବ୍‌ଧପ୍ରତିଷ୍ଠ ବ୍ୟକ୍ତି, ପରିଜା ସାହେବଙ୍କର ପ୍ରତ୍ୟକ୍ଷ ସାହାଯ୍ୟରେ ହିଁ ତାଙ୍କର ଛାତ୍ରଜୀବନ ଅତିବାହିତ କରିଛନ୍ତି । ବିଶେଷ କରି ସେ ଛାତ୍ରଛାତ୍ରୀମାନଙ୍କୁ ନିଜର ପୁଅ-ଝିଅ ଓ ନାତି-ନାତୁଣୀ ସଙ୍ଗେ ବ୍ୟବହାର କଲାଭଳି ବ୍ୟବହାର କରୁଥିଲେ । ତାଙ୍କଠାରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଅନୁରାଗ, ମହାନୁଭବତା ଓ କ□ବ୍ୟପରାୟଣତାର ଏକ ଅସରନ୍ତି ଉତ୍ସ ଭରପୂର ହୋଇ ରହିଥିଲା ପରି ମନେହେଉଥିଲା । ଏଥିପାଇଁ ପ୍ରଫେସର ପରିଜା ତାଙ୍କ ଦରମା ଟଙ୍କାରୁ ପ୍ରତିମାସରେ କିଛି ଟଙ୍କା ଗରିବ, ଅଭାବଗ୍ରସ୍ତ ଅଥଚ ମେଧାବୀ ଛାତ୍ରମାନଙ୍କ ପାଇଁ ଅଲଗା କରି ରଖିଦେଉଥିଲେ । ଏପରି ଗୁରୁ ଆଧୁନିକ ସମାଜରେ ବିରଳ ।

ବିଭିନ୍ନ ବିଭାଗରେ ସାମଗ୍ରିକ କୃତିତ୍ୱ ବିଶେଷତଃ ବିଜ୍ଞାନ କ୍ଷେତ୍ରରେ ପରାକାଷ୍ଠା ପାଇଁ ପ୍ରାଣକୃଷ୍ଣ ପରିଜାଙ୍କୁ ଭାରତ ସରକାର ଭାରତ ସରକାର ୧୯୫୫ ମସିହାରେ ପଦ୍ମଭୂଷଣ ଉପାଧି ପ୍ରଦାନ କରି ତାଙ୍କ ପ୍ରତିଭାର ଉପଯୁକ୍ତ ମୂଲ୍ୟାୟନ କରିଥିଲେ । ଏହାପୂର୍ବରୁ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସେ ଡକ୍ଟରେଟ୍ ସମ୍ମାନ ଲାଭ କରିଥିଲେ । ଜଣେ ବିଶିଷ୍ଟ ଉଦ୍ଭିଦ ବିଜ୍ଞାନୀଭାବେ ଅନେକ ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନଜନକ ଡି.ଏସ୍‌ସି ଉପାଧି ପ୍ରଦାନ କରିଥିଲେ । ଏତଦ୍‌ବ୍ୟତୀତ ଭାରତୀୟ ଉଦ୍ଭିଦ ବିଜ୍ଞାନ ସମିତି ତରଫରୁ ଡକ୍ଟର ପରିଜା ବୀରବଲ ସାହାଣୀ ସ୍ୱର୍ଣ୍ଣପଦକ ପ୍ରାପ୍ତ ହୋଇଥିଲେ । ସେହିପରି କଲିକତା ରୟାଲ ଏସିଆଟିକ୍ ସୋସାଇଟି ତାଙ୍କୁ ବର୍କଲେ ମେମୋରିଆଲ ସ୍ୱର୍ଣ୍ଣ ପଦକରେ ସମ୍ବର୍ଦ୍ଧିତ କରିଥିଲେ । ଅଜସ୍ର ଖ୍ୟାତି ଓ ସମ୍ମାନର ଅଧିକାରୀ ହୋଇ ମଧ୍ୟ ଗର୍ବ ଓ ଅହଂକାର ତାଙ୍କୁ ସ୍ପର୍ଶ କରିନଥିଲା । ବାସ୍ତବିକ୍ ସେ ଥିଲେ ଏକ ଫଳନ୍ତି ଜ୍ଞାନବୃକ୍ଷ, ଯିଏକି ଜ୍ଞାନଭାରରେ ନଇଁ ପଡୁଥିଲେ ।

୧୯୭୮ ମସିହା ଜୁନ୍ ୦୨ତାରିଖରେ ଏହି ପ୍ରଜ୍ଞାପୁରୁଷଙ୍କର ମହାପ୍ରୟାଣ ହେଲା । କିନ୍ତୁ ସାମଗ୍ରିକ ଭାବେ ତାଙ୍କର ଅବଦାନକୁ ଓଡିଶାବାସୀ ମନେରଖିବେ ଏଥିରେ ସନ୍ଦେହର ଅବକାଶ ନାହିଁ । ଡକ୍ଟର ପରିଜାଙ୍କ ଅବଦାନକୁ ଉ□ରପିଢ଼ି ପାଖରେ ପହଞ୍ଚାଇବା ପାଇଁ ସବୁସ୍ତରରେ ଉଦ୍ୟମ ହେଉ, ଏହାହିଁ ଆଜିର ଅନୁଚିନ୍ତା ।

*-ଅବସରପ୍ରାପ୍ତ ଅଧ୍ୟାପକ, ତି□ୋଲ, ଜଗତସିଂହପୁର, ମୋ: ୯୯୩୭୧୫୧୦୫୨*




# ଗୋପିନାଥପୁର ଶାସନ ଉଚ୍ଚ ବିଦ୍ୟାଳୟର ୧୯୮୨ବ୍ୟାଚ ବନ୍ଧୁ ମିଳନ



କେନ୍ଦ୍ରାପଡା : ଗୋପିନାଥପୁର ଶାସନ ଉଚ୍ଚ ବିଦ୍ୟାଳୟର ୧୯୮୨ବ୍ୟାଚ ଛାତ୍ରମାନଙ୍କର ଦୀର୍ଘ ୪୦ବର୍ଷ ବ୍ୟବଧାନ ପରେ ପ୍ରଥମ ବନ୍ଧୁମିଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ବନ୍ଧୁମିଳନର ଆବାହକ ରଶ୍ମିରଞ୍ଜନ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ପ୍ରାକ୍ତନ ଶିକ୍ଷକ ନୃସିଂହ ଚରଣ ଲେଙ୍କା, ବନମାଳି ରାଉତ ଓ ଶିକ୍ଷୟତ୍ରୀ ପ୍ରତିଭା ମହାପାତ୍ରଙ୍କୁ ୧୯୮୨ବ୍ୟାଚର ପୁରାତନ ଛାତ୍ରମାନେ ଗୁରୁପୂଜନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ପ୍ରାକ୍ତନ ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ପୁରାତନ ଛାତ୍ରମାନଙ୍କୁ ଆଶ୍ରିର୍ବାଦ ପ୍ରଦାନ ପୂର୍ବକ ଛାତ୍ରମାନଙ୍କ ଭବିଷ୍ୟତ ମଙ୍ଗଳମୟ ହେଉ ବୋଲି କାମନା କରିଥିଲେ । ପ୍ରଥମେ ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ରଣଜିତ ଦାସ,ବରିଷ୍ଠ ଶିକ୍ଷକ, ଚତୁର୍ଥ ଶ୍ରେଣୀ କର୍ମଚାରୀ ଓ ଏହି ବ୍ୟାଚର ୩ଜଣ ଛାତ୍ରବନ୍ଧୁଙ୍କ ତିରୋଧାନ ଅବସରରେ ୧ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ବହୁ ପୁରାତନ ଛାତ୍ର ସେମାନଙ୍କ ସ୍କୁଲ ଜୀବନର ସ୍ମୃତିକୁ ରୋମନ୍ଥନ କରିଥିଲେ । ପୁରାତନ ଛାତ୍ର କୃଷ୍ଣଚନ୍ଦ୍ର ପଣ୍ଡା ପୁରୁନା ସ୍ମୃତିକୁ ଅବତାରଣା ବେଳେ 'ମୋ ସ୍କୁଲ ଅଭିଯାନ'ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇ ୧୯୮୨ବ୍ୟାଚର ଏକ କର୍ପସ ପାଣ୍ଠି ଗଠନ କରାଯିବାକୁ ପ୍ରସ୍ତାବ ଦେଇ ସେଥିରୁ ବିଦ୍ୟାଳୟର ଉନ୍ନତିକରଣ କାର୍ଯ୍ୟ ସମେତ ବ୍ୟାଚର କୌଣସି ବନ୍ଧୁଙ୍କ ସ୍ୱାସ୍ଥ୍ୟ ଓ ପିଲାମାନଙ୍କ ଶିକ୍ଷା ନିମନ୍ତେ ଏହି ପାଣ୍ଠି ଉଦ୍ଦିଷ୍ଟ ରହିବ ବୋଲି ଅବଗତ କରାଇଥିଲେ । ଆସନ୍ତା ଡିସେମ୍ବରମାସରେ ଆଗାମି ବନ୍ଧୁ ମିଳନ ସ୍କୁଲ ପରିସରରେ ହେବାକୁ ପ୍ରସ୍ତାବ ଗୃହିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ନବଘନ ନାଥ, ଅଭୟ କୁମାର ସାହୁ, ରବିନ୍ଦ୍ର ସ୍ୱାଇଁ, ପ୍ରେମାନନ୍ଦ ମାହାଳି, ସୁଶୀଲ, ଗୋବର୍ଦ୍ଧନ, ସୁବାଷ, ବାନାମ୍ବର, ଜ୍ଞାନେନ୍ଦ୍ର, ସଞ୍ଜୟ ଦାଶ, ଅରୁଣ ପ୍ରମୁଖ ବହୁ ପୁରାତନ ଛାତ୍ର ସମାରୋହ ପାଇଁ ସହଯୋଗର ହାତ ବଢାଇଥିଲେ । ଶେଷରେ ମନୋରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ହନୁମାନ ଜୀଉ ସ୍କୁଲକୁ ମିଶ୍ର ଚେରିଟେବୁଲ ଟ୍ରଷ୍ଟର ସହାୟତା

ଭଦ୍ରକ: ଚରମ୍ପା ବରାଳ ପୋଖରୀଠାରେ ମିଶ୍ର ଚେରିଟେବୁଲ ଟ୍ରଷ୍ଟ ଓ ରୋଟାରୀ କ୍ଲବ ମିଡ଼ଟାଉନ ପକ୍ଷରୁ ହନୁମାନ ଜୀଉ ଉ.ପ୍ରା.ବିଦ୍ୟାଳୟରେ ସ୍ୱର୍ଗ ଆଶାଲତା ମିଶ୍ର ସ୍ମାରକୀ ହସ୍ତ ପ୍ରକ୍ଷାଳନ ଗୃହର ଉଦ୍‌ଘାଟନ ହେବା ସହିତ ମେଧାବୀ ଛାତ୍ରଛାତ୍ରୀଙ୍କୁ ୭୫ ହଜାର ଟଙ୍କାର ଅର୍ଥ ରାଶି ସହ ପୁରସ୍କାର ପ୍ରଦାନ କରାଯାଇଛି । ରାଜ୍ୟ ଓଡ଼ିଆ ଭାଷା ସାହିତ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଭଦ୍ରକ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଏହି ଉଦ୍‌ଘାଟନ କାର୍ଯ୍ୟ ସମ୍ପନ୍ନ କରିଛନ୍ତି । ପ୍ରଥମେ ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ପାଣିଗ୍ରାହୀ,ସାଂସଦ ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ସଂଜୀବ ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଯୋଗ ଦେଇ ବିଗତ ଦିନରେ ମିଶ୍ର ପରିବାର ଉକ୍ତ ବିଦ୍ୟାଳୟକୁ ବିଭିନ୍ନ ପ୍ରକାରର ସହଯୋଗର ହାତ ବଢାଇଛନ୍ତି । ଚେରିଟେବୁଲ ଟ୍ରଷ୍ଟ କରି ବିଦ୍ୟାଳୟର ଉନ୍ନତି ସାଧନ କରିବା ସହ ଛାତ୍ରଛାତ୍ରୀଙ୍କ ମନବଳ ବୃଦ୍ଧି ଓ ଶିକ୍ଷା ପ୍ରତି ଆଗ୍ରହୀ କରାଇବା ପାଇଁ ବିଭିନ୍ନ କ୍ଷେତ୍ରରେ ଆର୍ଥିକ ସହଯୋଗ କରିବା ଏକ ଅନନ୍ୟ ଉଦାହରଣ ବୋଲି କହିଥିଲେ । ଟ୍ରଷ୍ଟ ମୁଖ୍ୟ ରୋଟାରିଆନ ଶିଶିର ମିଶ୍ର ଓ ତାଙ୍କ ପରିବାରର ଏଭଳି ସାଧୁ ଉଦ୍ୟମକୁ ଭୂୟସୀ ପ୍ରଶଂସା କରାଯାଇଥିଲା ।

# ମା ତାରାତାରିଣୀଙ୍କ ଚୈତ୍ର ଯାତ୍ରା ଆରମ୍ଭ

ଗଞ୍ଜାମ: ଗଞ୍ଜାମ ଜିଲ୍ଲାର ଆରାଧ୍ୟ ତଥା ଇଷ୍ଟ ଦେବୀ ମା' ତାରାତାରିଣୀଙ୍କ ଚୈତ୍ର ଯାତ୍ରା ଆଜିଠାରୁ ଆରମ୍ଭ ହୋଇଛି । ଚୈତ୍ର ମାସର ୫ଟି ମଙ୍ଗଳବାର ଏହି ଯାତ୍ରା ଅନୁଷ୍ଠିତ ହେବ । ସେଗୁଡିକ ହେଲା ମାର୍ଚ୍ଚ ୩୦, ଅପ୍ରେଲ ୬, ୧୩, ୨୦ ଓ ୨୭ ତାରିଖ । ଏହି ଦିନ ମାନଙ୍କରେ ମାଙ୍କ ଚୈତ୍ର ମେଳା ଅନୁଷ୍ଠିତ ହେବ । ପୁରୁଷୋତମପୁର ନିକଟସ୍ଥ କୁମାରୀ ପାହାଡ଼ ଉପରେ ଅଧିଷ୍ଠିତ୍ରୀ ମା' ତାରାତାରିଣୀଙ୍କ ଭବ୍ୟ ମନ୍ଦିର ରହିଛି । ଆଜି ଚୈତ୍ର ଯାତ୍ରା ପରିପ୍ରେକ୍ଷୀରେ ପ୍ରତ୍ୟୁଷରୁ ଦ୍ୱାରଫିଟା ଓ ମଙ୍ଗଳ ଆଳତୀ ପରେ ଶ୍ରଦ୍ଧାଳୁଙ୍କ ନିମନ୍ତେ ଦର୍ଶନ ଆରମ୍ଭ ହୋଇଛି । ଭକ୍ତ ମାନେ କୋଭିଡ୍ କଟକଣା ମାନି ମୁହଁରେ ମାସ୍କ ପିନ୍ଧି, ସାମାଜିକ ଦୂରତା ରକ୍ଷା କରି ମାଙ୍କ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରୁଛନ୍ତି । ଆଜି ବିଳମ୍ବିତ ରାତି ପର୍ଯ୍ୟନ୍ତ ଭକ୍ତ ବ୍ୟାରିକେଡ୍ ରେ ଧାଡ଼ିରେ ଯାଇ ମାଙ୍କ ଦର୍ଶନ କରିପାରିବେ । ଚୈତ୍ର ମାସର ଏହି ମଙ୍ଗଳବାର ଗୁଡିକରେ ଗଞ୍ଜାମ ଜିଲ୍ଲା ତଥା ଓଡ଼ିଶା ବାହାରୁ ମଧ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଆସି ନିଜ ସନ୍ତାନ ମାନଙ୍କର ମୁଣ୍ଡନ କରି ପ୍ରଥମ କେଶ ଦେବୀଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଥାନ୍ତି । ଏହାଦ୍ୱାରା ଦେବୀଙ୍କ ଆର୍ଶିବାଦ ସର୍ବଦା ସେମାନଙ୍କର ସନ୍ତାନ ଉପରେ ରହିବ ବୋଲି ବିଶ୍ୱାସ ରହିଛି । ପ୍ରଶାସନର କଟକଣା ସତ୍ତ୍ୱେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମନ୍ଦିର ଆସି ଦେବୀଙ୍କ ଦର୍ଶନ କରିବା ସହ ସେମାନଙ୍କ ସନ୍ତାନ ମାନଙ୍କର ମୁଣ୍ଡନ କରୁଛନ୍ତି । ଏହା ପୂର୍ବରୁ ପ୍ରଶାସନ ପକ୍ଷରୁ ୪୯ ଜଣ ସେବାୟତଙ୍କର ଆଂଟିଜେନ୍ ଟେଷ୍ଟ କରାଯାଇଛି । ସମସ୍ତଙ୍କର ଟେଷ୍ଟ ରିପୋର୍ଟ ନେଗେଟିଭ୍ ଆସିଛି । ସେହିପରି ଆଗକୁ ଅନ୍ୟ ୪ ପାଳି ମଙ୍ଗଳବାର ପୂର୍ବରୁ ମଧ ସେମାୟତ ମାନଙ୍କର କୋଭିଡ୍ ଟେଷ୍ଟ କରାଯିବ । ଏହି ଯାତ୍ରାରେ ବୟସ୍କ, ଗର୍ଭବତୀ ଓ ଶିଶୁ ସାମିଲ୍ ନହେବାକୁ ପ୍ରଶାସନିକ ନିର୍ଦ୍ଦେଶ ରହିଛି । ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ୧୦ ପ୍ଲାଟୁନ୍ ପୋଲିସ ଫୋର୍ସ, ୧୦ ଜଣ ମାଜିଷ୍ଟ୍ରେଟ, ୬ ଜଣ ବରିଷ୍ଠ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି । କୌଣସି ଖାଦ୍ୟ ପଦାର୍ଥ ତାରାତାରିଣୀ ମନ୍ଦିରକୁ ନିଆଯିବ ନାହିଁ କିମ୍ବା ପାହାଡ଼ ନିକଟରେ କୌଣସି ଭୋଜିଭାତର ଆୟୋଜନ କରାଯିବ ନାହିଁ, ସେନେଇ ପ୍ରଶାସନର ନିଶେଧାଦେଶ ରହିଛି । ତାରାତାରିଣୀଙ୍କ ନିକଟକୁ ଯିବା ପାଇଁ ୪ ପ୍ରବେଶ ପଥରେ ଯଥା ତାରାତାରିଣୀ ଛକ, କେଶପୁର ଛକ, ବଡ଼ ମାଧପୁର ରାସ୍ତା ଓ ରାୟପୁର ଛକରେ ପୋଲିସ ଓ ପ୍ରଶାସନ ପକ୍ଷରୁ ଯାଂଚ୍ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ମାଙ୍କ ଦର୍ଶନ ପାଇଁ ପାହାଡ଼ ଉପରକୁ ଯିବା ପାଇଁ ସ୍ୱତନ୍ତ୍ର ବସ୍ ର ବ୍ୟବସ୍ଥା କରାଯାଇଛି । ଅନ୍ୟ କୌଣସି ବ୍ୟକ୍ତିଗତ ଯାନବାହନ ପାହଡ଼ ଉପରକୁ ଯାଇପାରିବ ନାହିଁ । ଏଣୁ ପାଦଚଲା ରାସ୍ତା ଓ ରୋପ ୱେ ଯୋଗେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ପାହାଡ଼ ଉପରକୁ ଯାଇ ମାଙ୍କ ଦର୍ଶନ କରୁଛନ୍ତି । ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ମନ୍ଦିର ଟ୍ରଷ୍ଟ ବୋର୍ଡ଼ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଆଜି ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ମଧ ମା' ତାରାତାରିଣୀଙ୍କ ଦର୍ଶନ କରିଛନ୍ତି ।

# ଓସିଏ 'ଭିଜନ-୨୦୨୪' ଆନ୍ତଃ ଜିଲ୍ଲା କ୍ଲବ ସିନିୟର ଲିଗ୍ ଟୁର୍ଣ୍ଣାମେଣ୍ଟ, ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟ୍‌ସ ଲାକେଡମୀ ଓ ବିଜୟଭାନୁ ରେଡ ବିଜୟୀ

ଭଦ୍ରକ: ଚରମ୍ପା ରେଲୱେ ଗ୍ରାଉଣ୍ଡ ଓ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡ଼ିଆ ଦୁଇଟି ସ୍ଥାନରେ ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୁଲ୍ୟରେ 'ଭିଜନ-୨୦୨୪' ପରିପ୍ରେକ୍ଷୀରେ ଜିଲା କ୍ରିକେଟ ଆସୋସିଏସନ ପକ୍ଷରୁ ଆୟୋଜିତ ଆନ୍ତଃ ଜିଲ୍ଲା ସିନିୟର କ୍ଲବ ଲିଗ ଟୁର୍ଣ୍ଣାମେଣ୍ଟର ଦୁଇ ଦିନ ହୋଲି ବିରତି ପରେ ଆଜି ପୁଣି ଲିଗ୍ ପର୍ଯ୍ୟାୟର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଗୋଟିଏ ମ୍ୟାଚରେ ବିଜୟଭାନୁ ରେଡ ବିଜୟୀ ହୋଇଥିବା ବେଳେ ଅନ୍ୟ ମ୍ୟାଚରେ ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟସ ଏକାଡେମୀ ବିଜୟୀ ହୋଇଛି । ଭଦ୍ରକ କଲେଜ ପଡ଼ିଆରେ ଅନୁଷ୍ଠିତ ମ୍ୟାଚ ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟ୍‌ସ ଏକାଡେମୀ ଓ ଗାନ୍ଧୀ କ୍ଲବ ମଧ୍ୟରେ ଖେଳା ଯାଇଥିଲା । ରେଲୱେ ଏକାଡେମୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୩୪. ଓଭରରେ ୩୧୨ ରନ କରି ସବୁ ଖେଳାଳୀ ଆଉଟ ହୋଇ ଯାଇଥିଲେ । ଦଳ ପକ୍ଷରୁ ନୀହାର ରଞ୍ଜନ ଭୁୟାଁ ୮୪, ହର୍ଷିତ ରାଠୋଡ ୭୯ ଓ ଜ୍ୟୋତିରଂଜନ ମହାରଣା ୫୭ରନ କରିଥିଲେ । ଗାନ୍ଧୀ କ୍ଲବ ପକ୍ଷରୁ ନିର୍ଣ୍ଣେକ ଘୋଷ ୩ଟି, ମାନସ ସାହୁ ୩ଟି ଓ ଅନନ୍ତ ନାୟକ ୨ଟି ଉଇକେଟ ନେଇଥିଲେ । ପର ବ୍ୟାଟିଂ କରି ଗାନ୍ଧୀ କ୍ଲବ ୨୪.୨ ଓଭରରେ ୧୧୩ ରନ କରି ଅଲ୍ ଆଉଟ ହୋଇଥିଲେ । ଦଳ ୨୦୦ ରନରେ ପରାଜିତ ହୋଇଥିଲା । ଦଳ ପକ୍ଷରୁ ଗଣେଶ ସାହୁ ଲଢୁଆ ୪୮ ରନ କରିଥିଲେ । ରେଲୱେ ଏକାଡେମୀ ପକ୍ଷରୁ ମୃଣ୍ମୟ ତ୍ରିପାଠୀ ୫ଟି, ହରେକୃଷ୍ଣ ବାରିକ ୩ଟି ଓ ଆଶୁତୋଷ ସାମଲ ଗୋଟିଏ ଉଇକେଟ ନେଇଥିଲେ । ଏହି ମ୍ୟାଚରେ ମୃଣ୍ମୟ ତ୍ରିପାଠୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା । ମ୍ୟାଚକୁ ଲଲାଟକେଶରୀ ନନ୍ଦ ଓ ରଞ୍ଜନ ମହାନ୍ତି ଅମ୍ପାୟାର ଭାବେ ପରିଚାଳନା କରିଥିଲେ । ସେହିଭଳି ଭାବେ ଆଉ ଏକ ମ୍ୟାଚ ଚରମ୍ପା ରେଲୱେ ପଡ଼ିଆରେ ଖେଳା ଯାଇଥିଲା । ଏହି ମ୍ୟାଚ ବିଜୟଭାନୁ ମେମୋରିଆଲ କ୍ରିକେଟ ଏକାଡେମୀ ରେଡ ଓ ୟୁନାଇଟେଡ ଏକାଡେମୀ ମଧ୍ୟରେ ଖେଳା ଯାଇଥିଲା । ବିଜୟଭାନୁ ରେଡ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ୩୨୩ ରନ କରିଥିଲା । ଦଳର ଆକାଶ ମହାପାତ୍ର ୧୨୬ରନ କରିଥିବା ବେଳେ ପାର୍ଥ ସାରଥୀ ନାୟକ ୧୧୭ରନ କରିଥିଲେ । ସଞ୍ଜୟ ରାଉଳ ୨୦ ରନ କରିଥିଲେ । ସେହିପରି ୟୁନାଇଟେଡ ଦଳର ସାହାନୱାଜ କାଦ୍ରୀ ୪ଟି, ସେକ୍ ବୁଟୁ ୩ଟି ଓ ସେକ୍ ଆଲାଉଦ୍ଦିନ ଗୋଟିଏ ଉଇକେଟ ନେଇଥିଲେ । ପରେ ବ୍ୟାଟିଂ କରି ୟୁନାଇଟେଡ ଦଳ ୩୩.୩ ଓଭର ଖେଳି ୧୫୦ରନରେ ସମସ୍ତ ଖେଳାଳୀ ଆଉଟ ହୋଇଯାଇଥିଲେ । ଦଳ ପକ୍ଷରୁ ସାହିଲ ଖାନ ୩୩, ବ୍ୱକ୍ ସବୁର ବାଦ୍‌ଶାହ ୩୦ ଓ ଶହାନୱାଜ କାଦ୍ରୀ ୧୮ ରନ କରିଥିଲେ । ବିଜୟଭାନୁ ରେଡ ପକ୍ଷରୁ କୁମାର କୌଶିକ ସାହୁ ୩ଟି, ପ୍ରକାଶ ଜେନା ୩ଟି ଓ ଅବିନାଶ ସିଂ ୨ଟି ଉଇକେଟ ନେଇଥିଲେ । ଦଳ ୧୭୩ରନରେ ପରାଜିତ ହୋଇଥିଲା । ଏହି ମ୍ୟାଚରେ ଆକାଶ ମହାପାତ୍ରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା । ମ୍ୟାଚକୁ ଦେବବ୍ରତ ଦାଶ ଓ ଅବଦୁଲ ରହିମ ଖାଁ ଅମ୍ପାୟାର ଭାବେ ପରିଚାଳନା କରିଥିଲେ ।

## ଗବସାହି ଦୁର୍ଗାମଣ୍ଡପରେର ରାଧାକୃଷ୍ଣଙ୍କ ହୋଲି ମେଲଣ

ଭଦ୍ରକ: ବହୁ ବର୍ଷ ଧରି ହୋଇ ଆସୁଥିବା ଗବସାହି ହୋଲି ମେଲଣ ଉତ୍ସବ ସ୍ଥାନୀୟ ଦୁର୍ଗା ମଣ୍ଡପରେ କୋଭିଡ଼ କଟକଣା ମଧ୍ୟରେ ସମ୍ପନ୍ନ ହୋଇଛି । ୫୦ରୁ ଉର୍ଦ୍ଧ୍ୱ ରାଧାକୃଷ୍ଣଙ୍କ ବିମାନ ଶୋଭାଯାତ୍ରାରେ ଆସିମେଲଣ ମଣ୍ଡପରେ ପହଞ୍ଚିଥିଲା । ବହୁ ଶ୍ରଦ୍ଧାଳୁ ଦର୍ଶନ କରିଥିବା ବେଳେ ପୂଜାର୍ଚ୍ଚନା ହୋଇଥିଲା । ଭଦ୍ରକ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଆଖପାଖ ବିଭିନ୍ନ ସ୍ଥାନରୁ ଠାକୁର ବିମାନ ସବୁ ମେଲଣ ମଣ୍ଡପଠାରେ ପହଞ୍ଚିବା ପରେ ମେଲଣ କମିଟି ପକ୍ଷରୁ ବିମାନସବୁକୁ ବନ୍ଦାପନା କରି ପାଛୋଟି ଅଣାଯାଇଥିଲା । ପରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ରାଧାକୃଷ୍ଣଙ୍କ ହୋଲି ଗୀତ ଓ କୀର୍ତ୍ତନ ଗାନ କରାଯାଇଥିଲା । ଅପରାହ୍ନରେ ଠାକୁରଙ୍କ ବିମାନ ଗୁଡ଼ିକ ସେମାନଙ୍କ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲା । ମେଲଣରେ ଗବସାହି ଠାକୁରବାଡ଼ି ମନ୍ଦିର କମିଟି ପକ୍ଷରୁ ଟୁଲୁ ଦାସ, ବାଦଲ ଦାସ, ପ୍ରତାପ ଦାସ, ରାଧା ଦାସ, ପରେଶ ଦାସ, ରାଜେଶ ଦାସ, ଜ୍ଞାନ ପ୍ରକାଶ ପାଣି ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# କାଳେସୀଙ୍କ କଥାରେ ଘର ଭାଙ୍ଗିଲେ, ଆସବାବପତ୍ର ଭଙ୍ଗାରୁଜା କଲେ : ପୀଡ଼ିତ ପରିବାର ପକ୍ଷରୁ ଥାନାରେ ଏତଲା

କନ୍ଧମାଳ: କନ୍ଧମାଳ ଜିଲ୍ଲାରେ ଅନ୍ଧବିଶ୍ୱାସ ଓ କୁସଂସ୍କାରଜନିତ ଘଟଣା ଦିନକୁ ଦିନ ବଢିବାରେ ଲାଗିଛି । ଏଥିଯୋଗୁଁ କେତେକ ସ୍ଥାନରେ ଗୋଷ୍ଠୀ ସଂଘର୍ଷ ଘଟି ଲୋକଙ୍କ ଜୀବନ ହାନି ଘଟିବା ସହ କିଛି ପରିବାର ବାସହରା ହୋଇଥିବାର ନଜିର୍ ରହିଛି । ସେହିପରି ଏକ ଘଟଣା କ୍ରମେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ରୁତୁଙ୍ଗିଆ ପଚାଂୟତର ଡ଼ିଙ୍ଗେଲକିଆ ଗ୍ରାମର ଅନାଦି ମଲ୍ଲିକଙ୍କ ଘର ଉପରକୁ ୨୦ ରୁ ୩୦ ଜଣ ଦୁର୍ବୃତ୍ତ ସଂଘବଦ୍ଧ ଆକ୍ରମଣ କରି ଘର ଭାଙ୍ଗିବା ସହ ଘର ମଧ୍ୟରେ ଥିବା ସମସ୍ତ ଆସବାବପତ୍ର ଓ ଗଚ୍ଛିତ ଥିବା ଖାଦ୍ୟ ଶସ୍ୟ ବାହାରକୁ ଫିଙ୍ଗିଦେବା ସହ ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିବା ନେଇ ବାଲିଗୁଡ଼ା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗକୁ ଭିତି କରି ବାଲିଗୁଡ଼ା ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି । ତେବେ ଗୁଣିଗାରେଡ଼ି ସନ୍ଦେହରେ ଏଭଳି ଅସାମାଜିକ କାର୍ଯ୍ୟକଳାପ ଓ ହିଂସାତ୍ମକ ଘଟଣା ଦେଖିବାକୁ ମିଳିଛି । ଏଠାରେ ଉଲ୍ଲେଖଯୋଗ୍ୟ, କିଛି ଦିନ ପୂର୍ବେ ଅନୁରୂପ ଘଟଣା କ୍ରମେ ଜଣକର ଘର ଭାଙ୍ଗି ଥିଲେ ଦୁର୍ବୃତ୍ତ । ଫଳରେ ସେହି ପରିବାରର ସଦସ୍ୟ ମାନେ ବାସହରା ହୋଇପଡିଥିଲେ । ଘଟଣାରେ ଜଣେ ନିଜକୁ କାଳେସୀ ଦେବୀ କହି ଅନାଦିଙ୍କ ଘର ଭାଙ୍ଗିବା ସହ ତେତେ ବଳି ଦେବି ବୋଲି କହିବା ସହ ଲୁଗାପଟା ଚିରି ଘରେ ରଖିଥିବା ଟଙ୍କା ମଧ ନେଇଯାଇଥିବା ନେଇ ଅଭିଯୋଗ କରିଛନ୍ତି ସେହି ଗ୍ରାମର ଲୋକେ । କାଳେସୀ ଦେବତା ରୂପେ ବାହାରୁ ଥିବା ଯୁବତୀଙ୍କୁ ୧୧ ଜଣ ମହିଳା ସହଯୋଗ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗକୁ ଭିତି କରି ବାଲିଗୁଡ଼ା ଥାନା ପୋଲିସ ଘଟଣାର ତଦନ୍ତ ଚଳାଇଛି । ତେବେ ମାମଲାରେ ବର୍ତମାନ ସୁଦ୍ଧା ପୋଲିସ କାହାରିକୁ ଗିରଫ କରିନଥିବା ଜଣାପଡିଛି । ଅନ୍ୟପକ୍ଷରେ କାଳେସୀ ନାମରେ ପୂର୍ବ ଶତୃତାକୁ କେନ୍ଦ୍ର କରି ଘଟଣା ଘଟିଥିବା ସାଧାରଣରେ ଚର୍ଚ୍ଚା ହେଉଛି ।

# ଭଦ୍ରକ : ବନ୍ଧୁ ସାଜିଲା ବଇରୀ

ଭଦ୍ରକ: କିଏ ବନ୍ଧୁଟିଏ କରେ ସୁବିଧା ଅସୁବିଧାରେ ପାଖରେ ଠିଆ ହେବାକୁ, ହେଲେ ଆଜିକାଲିକା ବନ୍ଧୁ କିପରି ସରୁ କଥା କହି ଚିତା କାଟିଛନ୍ତି, ତାହା ଏବେ ଏ ଅଂଚଳରେ ଆଲୋଚନାର ବିଷୟ ହୋଇଛି । ସୂଚନା ଅନୁସାରେ ନିଆଜପୁର, ପୁରୀର ବାସିନ୍ଦା ଲକ୍ଷ୍ମଣ ଦଳାଇ ରାଣୀତାଳସ୍ଥିତ ଭାରତୀୟ ଖାଦ୍ୟ ନିଗମରେ ଚାକିରୀ କରିଥିଲେ । ଚାକିରୀ ଜୀବନ ମଧ୍ୟରେ ଭଲ ସାଙ୍ଗଟିଏ ପାଇଥିଲେ ଚରମ୍ପା ଅଂଚଳର ବସନ୍ତ କୁମାର ବିଶ୍ୱାଳ । ଏକା ସାଙ୍ଗରେ ଅଫିସ୍ ଯିବା, ଏକା ସାଙ୍ଗରେ ବସି ଦୁଃଖସୁଖ ହେବା ଥିଲା ଦୁଇବନ୍ଧୁଙ୍କର ନୀତିଦିନିଆ ଜୀବନ । ଏହା ମଧ୍ୟରେ ଦୁଇ ସାଙ୍ଗ ଜାନୁଆରୀ ୩୧ ତାରିଖରେ ଅବସର ନେଲେ । ଅବସରର କିଛଦିନ ପରେ ନିଜର ପେନସନ ତଥା ଯାବତୀୟ କାମ ପାଇଁ ମୁଖ୍ୟ କାର୍ଯ୍ୟାଳୟ କଲିକତା ଯିବାକୁ ଦୁହେଁ ସ୍ଥିର କଲେ । ହେଲେ ପରଦିନ ବସନ୍ତ ଆସି ଏକା ଯିବାକୁ କହିଲେ ଓ ଲକ୍ଷ୍ମଣଙ୍କର କାମ କରିଦେବେ ବୋଲି କହିଲେ । ସରଳ ବିଶ୍ୱାସୀ ଲକ୍ଷ୍ମଣ ବନ୍ଧୁର ଛନ୍ଦକପଟ ବୁଝି ନପାରି ବନ୍ଧୁ କହିବା ମୁତାବକ ସବୁ କାଗଜପତ୍ରର ସହ ଏକ ଦସ୍ତଖତ ଥିବା ଚେକ୍ ତାଙ୍କୁ ଦେଇଥିଲେ । ବନ୍ଧୁ ବସନ୍ତ କଲିକତା ଯାଇ ନିଜର ତଥା ନିଜ ବନ୍ଧୁର ଅଫିସ୍ କାମ କରିଆସିଲେ । ତାର କିଛିଦିନ ପରେ ଲକ୍ଷ୍ମଣଙ୍କ ଏସ୍‌ବିଆଇ ଆକାଉଣ୍ଟକୁ ଟଙ୍କା ଆସିବାରୁ ସେ ଖୁସି ହୋଇ ବନ୍ଧୁ ବସନ୍ତଙ୍କୁ ଡାକି ଖୁଆଇ ପିଆଇ ଚର୍ଚ୍ଚା କଲେ । ହେଲେ ବନ୍ଧୁ ଟଙ୍କା ଆସିବା କଥା ଜାଣିବା ପରେ ଆଗରୁ ରଖିଥିବା ଦସ୍ତଖତ ଚେକ୍ ମାଧ୍ୟମରେ ଲକ୍ଷ୍ମଣଙ୍କ ଆକାଉଣ୍ଟରୁ ଗତ ଫେବୃୟାରୀ ୧୯ ତାରିଖରୁ ୭ ଲକ୍ଷ ଟଙ୍କା ଉଠାଇ ନେଇଥିଲେ । ଯାହାକି ଲକ୍ଷ୍ମଣ ନିଜ ବ୍ୟାଙ୍କ ଖାତା ଅପଡେଟ୍ କରିବାକୁ ଆସି ଏହି ବିଷୟ ଜାଣି ପ୍ରତିନିଧିଙ୍କୁ ତାଙ୍କ ଦୁଃଖ ଜଣାଇଥିଲେ । ଅବସର ଟଙ୍କାରେ ଆଗକୁ ଗୋଟିଏ ଝିଅ ଓ ଦୁଇ ପୁଅର ବାହାଘର କରିବାକୁ ସ୍ୱପ୍ନ ଦେଖିଥିବା ଲକ୍ଷ୍ମଣ ଏବେ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଥିବାବେଳେ ଗ୍ରାମାଞ୍ଚଳ ଥାନାଧିକାରୀ ଆଲୋକ ଜେନା ପ୍ରତ୍ୟକ୍ଷ ଭାବେ ଏହି କେଶ୍‌ଟିକୁ ବୁଝୁଥିବା ଜଣାପଡିଛି ।

## ବିଦ୍ୟୁତ୍ ଦରବୃଦ୍ଧି, ଜନମାରଣ ଓ କମ୍ପାନୀ ତୋଷଣ ପାଇଁ ଉଦ୍ଦିଷ୍ଟ

କୋରେଇ: ଓଡିଶାର ବିଦ୍ୟୁତ ଉପଭୋକ୍ତା କମ୍ପାନୀ ଗୁଡିକର ମାଲିକାନା ଟାଟା କମ୍ପାନୀ ହାତକୁ ଯିବା ପରେ କମ୍ପାନୀର ଲାଭ ବଢାଇବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ଅଘୋଷିତ ସମର୍ଥନ କ୍ରମେ ବିଦ୍ୟୁତ୍ ନିୟାମକ ଆୟୋଗ ବିଦ୍ୟୁତ ଦର ୟୁନିଟ ପିଛା ୩୦ ପଇସା ବୃଦ୍ଧି କରିଛନ୍ତି । କରୋନା ମହାମାରୀ ଯୋଗୁ ସାଧାରଣ ଲୋକଙ୍କ ଆୟ ହ୍ରାସ ପାଇ ସେମାନଙ୍କ ଦୁର୍ଦ୍ଦଶା ବଢିଥିବା ବେଳେ ଏହି କ୍ରୁର ହ୍ରାସ ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି । ଏହି ଜନମାରଣ ଓ କମ୍ପାନୀ ତୋଷଣ ନିଷ୍ପତି ବିରୁଦ୍ଧରେ ଓଡିଶାର ବିଦ୍ୟୁତ ଉପଭୋକ୍ତା ମାନେ ପ୍ରତିବାଦ ଜଣାଇବାକୁ ନେସ୍କୋ ଉପଭୋକ୍ତା ମଂଚ ପକ୍ଷରୁ ଏହାର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରଦୀପ ପଣ୍ଡା ଓ ଆବାହକ ସନ୍ତୋଷ ଦାସ ଆହ୍ୱାନ ଦେଇଛନ୍ତି ।

# ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ସପ୍ତାହ ବ୍ୟାପୀ ଅଭିନୟ କର୍ମଶାଳା ଉଦଯାପିତ

ସାକ୍ଷିଗୋପାଳ: ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ କଲେଜର ଡ୍ରାମାଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ସପ୍ତାହ ବ୍ୟାପୀ ଚାଲିଥିବା ଅଭିନୟ କର୍ମଶାଳାର ଉଦଯାପନୀ ଉତ୍ସବ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ରତିକାନ୍ତ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସଙ୍ଗୀତ ନାଟକ ଏକାଡ଼େମୀ, ନୂଆଦିଲ୍ଲୀର ଫେଲୋସିପି ପ୍ରାପ୍ତ ପ୍ରଶିକ୍ଷକ ତଥା ସିଏଟିସିଏଚ ପ୍ରତିଷ୍ଠାନର ସମ୍ପାଦକ ଚିତରଞ୍ଜନ ଶତପଥି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଶ୍ରୀ ଶତପଥିଙ୍କ ଦ୍ୱାରା ନିର୍ଦ୍ଦେଶିତ ଏକ ମୂକ ଅଭିନୟ ନାଟକ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା । ଉତ୍ସବର ପ୍ରାରମ୍ଭରେ ଅଧ୍ୟକ୍ଷ ଡଃ. ପରିଡ଼ା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ପ୍ରତିପାଦନ କରିବାକୁ ଯାଇ ଯୁବବର୍ଗଙ୍କ ମଧ୍ୟରେ ରହିଥିବା ଲୁକ୍କାୟିତ ପ୍ରତିଭାର ଅନ୍ୱେଷଣ ଏବଂ ପୁରାତନ ଲୋକନାଟ୍ୟ ଓ ସଂସ୍କୃତିର ପୁନରୁଦ୍ଧାର କରିବା ଏହି ଦିବସର ମୂଳ ଲକ୍ଷ୍ୟ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ବିଭାଗର ପ୍ରାଧ୍ୟାପିକା ଶ୍ରୀମତୀ ଶୁଶୀଳା ଆଚାର୍ଯ୍ୟ, ବଡ଼ ବାବୁ ରାଜକିଶୋର ପତି ପ୍ରମୁଖ ଉପସ୍ଥିତ ଥିଲେ । ଉତ୍ସବ ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା କଲେଜ ପରିସରରେ ରହିଥିବା ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯିବା ସହିତ ସଂସ୍କୃତ ଅଧ୍ୟାପିକା ଶ୍ରୀମତୀ କଳ୍ପନା ମହାପାତ୍ରଙ୍କ ଦ୍ୱାରା ବେଦଧ୍ୱନୀ କରାଯାଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ଶତପଥିଙ୍କୁ ମହାବିଦ୍ୟାଳୟ ତରଫରୁ ମାନପତ୍ର ଓ ଉପହାର ପ୍ରଦାନ କରିଥିଲେ ଅଧ୍ୟକ୍ଷ ଶ୍ରୀ ପରିଡ଼ା । ଛାତ୍ରୀ କୁମାରୀ ରାଜଲକ୍ଷ୍ମୀ ମିଶ୍ର ଏହି ମାନପତ୍ର ପାଠ କରିଥିଲେ । କାର୍ଯ୍ୟକ୍ରମର ଅନ୍ତିମ ଭାଗରେ ପ୍ରଶିକ୍ଷିତ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଏକ ଘଂଟାର 'ମୂକ ଅଭିନୟ' ଅନୁଷ୍ଠିତ ହୋଇଥିଲା । ଏଥିରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ଓ ଭଲେଟିଂୟର୍ସ ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଡ୍ରାମା ବିଭାଗର ଉପସଭାପତି ତଥା ଦର୍ଶନ ଶାସ୍ତ୍ରର ପ୍ରାଧ୍ୟାପିକା ସୁଷମା କୁମାରୀ ମିଶ୍ର । ଅଧ୍ୟାପକ ମନୋଜ କୁମାର ପରିଡ଼ା, ନଳିନୀଲୋଚନ ଦାଶ, ଧନୁର୍ଦ୍ଧର ମୁଦୁଲି, ରତ୍ନାକର ସାହୁ ଓ ସ୍ୱର୍ଣ୍ଣଲତା ମାହାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ ।

## ସାହୁ ଆକ୍ୱାଟିକ୍ସ ପକ୍ଷରୁ ମୋ ସ୍କୁଲ ଅଭିଯାନକୁ ୧ଲକ୍ଷ ଦାନ

ଭଦ୍ରକ: ଧାମରା ଠାରେ ଥିବା ମା' ଧାମରାଇ ଉଚ୍ଚ ବିଦ୍ୟାଳୟକୁ ସାହୁ ଆକ୍ୱାଟିକ୍ସ ପକ୍ଷରୁ ୧ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମୋ ସ୍କୁଲ ଅଭିଯାନ ଆରମ୍ଭ ହୋଇଥିଲା । ଏହି ଅଭିଯାନ ର ମୂଳ ଲକ୍ଷ୍ୟ ଥିଲା ଯେ କୌଣସି ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କୁ ପାଠ ପଢାଇବା ସହ ଓ ସମାଜରେ ଆଦର୍ଶ ଓ ପ୍ରତିଷ୍ଠିତ ବ୍ୟକ୍ତି ମାନଙ୍କୁ ବିଦ୍ୟାଳୟ ସହ ଯୋଡିବା ।

# 'ନାଟକ ବାସ୍ତବଧର୍ମୀ ହୋଇ ରଙ୍ଗମଞ୍ଚକୁ ଫେରିଆସୁ', ବିଶ୍ୱ ନାଟ୍ୟ ଦିବସ ପାଳିତ

ଭଦ୍ରକ: ନାଟକ ବାସ୍ତବଧର୍ମୀ ହୋଇ ରଙ୍ଗମଞ୍ଚକୁ ଫେରୁ, ସମାଜର ଭାବାବେଗକୁ ତୋଳିଧରି ଜୀବନ୍ତ ହେଉ ଏବଂ ଦର୍ଶକମାନଙ୍କ ସହିତ ମିତ୍ରତା ସୂତ୍ରରେ ବାନ୍ଧି ରହି ସେମାନଙ୍କ ହୃଦୟରେ ବସାଘର କରୁ ବୋଲି ଭଦ୍ରକ ନୂଆବଜାର ସ୍ଥିତ ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଇଣ୍ଟର ନ୍ୟାସନାଲ ଥିଏଟର, ଭଦ୍ରକ ଶାଖା ଆନୁକୂଲ୍ୟରେ ଆୟୋଜିତ ବିଶ୍ୱ ନାଟ୍ୟଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଏହି ସମାରୋହରେ ଭଦ୍ରକ ଜିଲ୍ଲା ଶାଖା ସଭାପତି ବିଶିଷ୍ଟ ନାଟ୍ୟ ପ୍ରତିଭା ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ପଦ୍ମକାନ୍ତ ଧଳଙ୍କ ପୌରୋହିତ୍ୟ କରିଥିବା ବେଳେ ସ୍ତମ୍ଭକାର ଇଂ ଅଭୟ ସୂତାର ମୁଖ୍ୟଅତିଥି, ଅମୃତ ଦର୍ଶନ ପତ୍ରିକାର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତା, ପଣ୍ଡିତ ଦୈତ୍ୟାରୀ ମହାପାତ୍ର, ଭଦ୍ରକ ପୂଜ୍ୟପୂଜା ସଂସଦର ସମ୍ପାଦକ ରୂପକ ବିହାରୀ ରାୟ, ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ପାଢୀ, ଶିଶୁ ବିଦ୍ୟାମନ୍ଦିର ଗୁରୁଜୀ ଅଭୟ କୁମାର ଦାଶ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ବିଶିଷ୍ଟ ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ପ୍ରଫେସର ଅଟଳ ବିହାରୀ ନାୟକ ଆନୁଷ୍ଠାନିକ ଭାବେ ଏହି ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ସଂଗଠନର ସମ୍ପାଦକ ନାଟ୍ୟଶ୍ରୀ ନିର୍ମଳ ରାଉତ ସମ୍ପାଦକୀୟ ବକ୍ତବ୍ୟ ସହ ବିଶ୍ୱ ନାଟ୍ୟ ଦିବସର ଆଭିମୁଖ୍ୟ ଉପସ୍ଥାପନା କରିଥିଲେ । ସହସମ୍ପାଦକ ଅଧ୍ୟାପକ ନୀହାର ରଞ୍ଜନ କର ସ୍ୱାଗତ ଭାଷଣ ଓ ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷୟିତ୍ରୀ ମନୋରମା ରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଶିଷ୍ଟ ସଂଗୀତଜ୍ଞ ଡ. କେଶବ ଚନ୍ଦ୍ର ଜେନାଙ୍କୁ ମାନପତ୍ର ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ତାଙ୍କ ଉଦ୍ଦେଶ୍ୟରେ ଇଂ ସୀତାଂଶୁ ଷଡଙ୍ଗୀ ମାନପତ୍ର ପାଠ କରିଥିଲେ । କବି ଡ. ଅବନୀ ପ୍ରଧାନ, ଅଧ୍ୟାପକ କିଶୋର ପାଣିଗ୍ରାହୀ, ଅଧ୍ୟାପକ ମାଧବ ଚନ୍ଦ୍ର ଜେନା, ରାମନାରାୟଣ ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିବା ବେଳେ ଅଭିନେତା ସଂଜୀବ ନାୟକ, ଇଂ ଶଶାଙ୍କ ଶେଖର ପଣ୍ଡା, ନୃତ୍ୟଗୁରୁ ନାରାୟଣ ସାହୁ ଓ ଅମିୟ ମହାପାତ୍ର ସଂଳାପ ପରିବେଷଣ କରିଥିଲେ । ଅରୂପାନନ୍ଦ ନାୟକ ଓ ସାମ୍ବାଦିକା ଲିପିକା ରାଉତଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଉତ୍ସବରେ ହେମନ୍ତ ନାୟକ, ମୋହିନୀ ମୋହନ ମହାପାତ୍ର, ଗୌରାଙ୍ଗ ବାରିକ, କବି ବିପ୍ଳବ ହୋତା ପ୍ରମୁଖ ସହଯୋଗ କରିଥିଲେ ।

# ବିଭିନ୍ନ ସ୍ଥାନରେ ମେଲଣ ଉଦଯାପିତ

ଧର୍ମଶାଳା: ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦାର ୮୨ତମ ଶ୍ରୀଶ୍ରୀ ରଘୁନାଥ ଜୀଉ ମେଲଣ ଆଜି ଅପରାହ୍ନରେ ଉଦଯାପିତ ହୋଇଯାଇଛି । ଗତକାଲି ରାତିଠାରୁ ଆରମ୍ଭ ହୋଇଥିବା ଏହି ମେଲଣରେ ସ୍ଥାନୀୟ ଅଂଚଳରୁ ଛୋଟବଡ଼୧୫ରୁ ଉର୍ଦ୍ଧ୍ୱ ବିମାନ ଯୋଗଦେଇଥିଲେ । କୋଭିଡ୍ ନିୟମ ଅନୁଯାୟୀ କେବଳ ଥାନପତି ବିମାନ ସହ ୨ଟି ବଡ ବିମାନ ଓ ୧୦ ଗୋଟି ଛୋଟ ବିମାନ ଯୋଗ ଦେଇଥିଲେ । ମୁଖ୍ୟତଃ ଗୋପିନାଥ ଜୀଉ ଛେନାଖିଆ ପାଟଣା ବ୍ରହ୍ମବରଦା, ମଦନ ମୋହନ ଜୀଉ ପଇ ଓ ରଘୁନାଥ ଜୀଉ ଚାନ୍ଦପୁର ଆଦି ବିମାନ ଯୋଗଦେଇ ଥିଲେ । ରଘୁନାଥ ଜୀଉ ବ୍ରହ୍ମବରଦା ବିମାନ ଥାନପତି ଆସନ ଅଳଙ୍କୃତ କରିଥିଲେ । ଆଜି ସକାଳେ ସମସ୍ତ ବିମାନ ସୁସଜ୍ଜିତ ଓ ନାମସଂକୀର୍ତନ ଆଦି ରାଧାକୃଷ୍ଣ ପ୍ରେମ ଗୀତରେ ଆଧ୍ୟତ୍ମୀକ ପରିବେଶ ମଧ୍ୟରେ ମେଲଣ ପଡିଆରେ ଏକତ୍ର ହୋଇ ଫଗୁ ଖେଳିଥିଲେ । ଫଗୁ ଖେଳିବା ପରେ ବିମାନ ନିକଟରେ ଭୋଗ ଲାଗି କରାଯାଇ ବିମାନ ଗୁଡିକୁ ବିଦାକି ଦିଆଯାଇଥିଲା । ରଘୁନାଥ ଜୀଉ ମେଲଣ କମିଟିର ସଭାପତି ସୁକାନ୍ତ କୁମାର ବିଶ୍ୱାଳ, ସମ୍ପାଦକ ଅତୁଲ୍ୟ ରାଉତ, ଉପ-ସଭାପତି ବିବେକାନନ୍ଦ ଦେଓ, ସହ-ସମ୍ପାଦକ ମହେଶ ବେହେରା, ସଭ୍ୟ ଅମୂଲ୍ୟ ରାଉତ, ରାକେଶ ଦେଓ, ଦୀପକ ସାହୁ, ଧନଞ୍ଜୟ ରାଉତ, ଅଖିଳ ବେହେରା, କାବୁଲି ବାରିକ, ଧିରେନ୍ଦ୍ର ଦାସ ପ୍ରମୁଖ ମେଲଣ ପରିଚାଳନାରେ ସହଯୋଗ କରିଥିଲେ । କୋଭିଡ୍ ନିୟମ ଓ ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଥିବାରୁ ପ୍ରତାପ ଉଦଣ୍ଡରାୟ କମିଟିର ସମସ୍ତ କର୍ମକର୍ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଧର୍ମଶାଳା ଥାନା ଅନ୍ତର୍ଗତ କୁଣ୍ଡପାଟଣାସ୍ଥ ବହୁ ପୁରାତନ କାଳିକାହୁଡା ଦୋଳ ମେଲଣ କୋଭିଡ୍ ନିୟମ ଅନୁଯାୟୀ ଉଦଯାପିତ ହୋଇଯାଇଛି । କେବଳ ବିଧି ରକ୍ଷା ନିମନ୍ତେ ୨ଟି ବିମାନ ଯୋଗଦେଇ ଫଗୁ ଖେଳିଥିଲେ । ଥାନପତି ବିମାନ ଭାବେ ଉତରପ୍ରତାପ ଅଂଚଳର ରଘୁନାଥ ଜୀଉ ବିମାନ ସହ ସ୍ଥାନୀୟ ଅଂଚଳର ଗୋଟିଏ ବିମାନ ଯୋଗ ଦେଇଥିଲେ । ବିମାନ ନିକଟରେ ନାମ ସଂକୀର୍ତନ ସରିବା ପରେ ବିମାନ ନିକଟରେ ଭୋଗ ଲାଗି କରାଯିବା ପରେ ଏହି ମେଲଣ ଉଦଯାପିତ ହୋଇଥିଲା । ମହନ୍ତ ଜଗବନ୍ଧୁ ବାରିକଙ୍କ ପରୋକ୍ଷ ତତ୍ୱବଧାନରେ ଏହି ମେଲଣ ଅନୁଷ୍ଠିତ ହୋଇଥିବା ବେଳେ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ସୁବାଷ ବାରିକ, ବାବୁଲି ପୃଷ୍ଟି, ବଟକୃଷ୍ଣ ବାରିକ ଓ ପ୍ରମୋଦ ସାହୁଙ୍କ ସମେତ ଗ୍ରାମମୁରବୀ ସହଯୋଗ କରିଥିଲେ ।

# ଅକ୍ଷୟ ଶକ୍ତି ଉତ୍ସ ଯୋଗୁ ଉପଭୋକ୍ତାଙ୍କ ବିଦ୍ୟୁତ୍ ବୋଝ କମ୍ ହେବା ସମ୍ଭାବନା

ଭୁବନେଶ୍ୱର,(ପିଏନ): ଅକ୍ଷୟ ଶକ୍ତି ଉତ୍ସ କ୍ଷେତ୍ରରେ ଭାରତ ବେଶ୍ ଅଗ୍ରଗତି କରିବାରେ ଲାଗିଛି । ୨୦୧୦ ଜୁନ୍‌ରେ ଦେଶର ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ କ୍ଷମତା ୧୭.୫ ଗିଗାୱାଟ୍ ଥିବାବେଳେ ୧୦ ବର୍ଷ ପରେ ଏବେ ଏହା ୬୫ ଗିଗାୱାଟ୍‌ରେ ପହଂଚିଛି । ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ ବୃଦ୍ଧି ପାଇବାରୁ ଉପଭୋକ୍ତାଙ୍କ ବିଦ୍ୟୁତ୍ ବୋଝ କମ୍ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ଦେଶରେ କୋଇଲା ଏବଂ ତରଳ ହାଇଡ୍ରୋକାର୍ବନ ଉପରେ ନିର୍ଭରଶୀଳତା କମାଇବା ଲାଗି ସରକାରଙ୍କ ପକ୍ଷରୁ ଉଦ୍ୟମ ଅବ୍ୟାହତ ରହିଛି । ଅନ୍ତର୍ଜାତୀୟ ଶକ୍ତି ସଂସ୍ଥା(ଆଇଇଏ) ଅନୁସାରେ ସମ୍ପ୍ରତି ବିଶ୍ୱସ୍ତରରେ ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ କ୍ଷମତା ମୋଟ ଶକ୍ତି ଉତ୍ସର ୨୬ ପ୍ରତିଶତ ରହିଛି । ୨୦୨୪ ସୁଦ୍ଧା ଏହା ୩୦ ପ୍ରତିଶତକୁ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ ବୃଦ୍ଧି ପାଇଲେ ଏହାର ସିଧାସଳଖ ସକାରାତ୍ମକ ପ୍ରଭାବ ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ପଡ଼ିବ । ଦୀର୍ଘ ୧୦ ବର୍ଷ ଧରି ଉପଭୋକ୍ତାଙ୍କ ବଢୁଥିବା ବିଦ୍ୟୁତ୍ ବୋଝ ହ୍ରାସ ପାଇବାର ଆଶା ରହିଛି । ଏବେ ନୂଆ, ସ୍ୱଚ୍ଛ ଏବଂ ସବୁଜ ଶକ୍ତି ଉତ୍ସ ପ୍ରତି ଧୀରେଧୀରେ ପ୍ରତିଟି କ୍ଷେତ୍ରରେ ଆଗ୍ରହ ସୃଷ୍ଟି ହୋଇଛି । ୨୦୧୮-୧୯ରେ ଅକ୍ଷୟ ଶକ୍ତି ଉତ୍ସ ଭାରତରେ ଗ୍ରୀଡ୍ ଅନୁରୂପତା ମାନ୍ୟତା ହାସଲ କରିବାକୁ ସକ୍ଷମ ହୋଇଥିଲା । ଫଳରେ ଗତ ୧୦ ବର୍ଷ ଧରି ଅକ୍ଷୟ ଶକ୍ତି ଉତ୍ସର ଦାମ କମିବାରେ ଲାଗିଛି । ସମ୍ପ୍ରତି ବିକଳ୍ପ ଶକ୍ତି କ୍ଷେତ୍ରରେ ଡିସକମ୍, କ୍ୟାପ୍ ?ଯିଭ୍ ପାୱାର ପ୍ଲାଂଟ୍‌ର ଆବଶ୍ୟକତା ରହିଛି । ଏହା ଦ୍ୱାରା ସବୁଜ ବିଦ୍ୟୁତ୍ ଶକ୍ତି ଉତ୍ସର ଅକ୍ଷୟ ଶକ୍ତି ସାର୍ଟିଫିକେଟ(ଆର୍‌ଇସି) କିଣାଯାଇ ପାରୁଛି । ଯାହାଦ୍ୱାରା ରେନେୱେବୁଲ୍ ପାୱାର ପର୍ଚେସ୍ ଓବ୍ଲିଗେଶନ (ଆର୍‌ପିଓ) ସମ୍ପନ୍ନ ହୋଇପାରୁଛି । ଆର୍‌ଇସି ଏକ ମାର୍କେଟ୍ ବେସଡ୍ ଇନଷ୍ଟ୍ରୁମେଂଟ୍ ଯାହାକି ସରକାରଙ୍କ ଦ୍ୱାରା ପ୍ରଚଳନ କରାଯାଇଛି । ଯାହାଦ୍ୱାରା ଅକ୍ଷୟ ଶକ୍ତି ଉତ୍ସର ବିକାଶ ସମ୍ଭବ ହୋଇପାରିବ । ଫଳରେ କ୍ୟାପ୍ଟିଭ୍ ପାୱାର ପ୍ଲାଂଟ୍ ଏବଂ ଡିସକମ୍ ଆଦି ରେନେୱେବୁଲ୍ ପାୱାର ପର୍ଚେସ୍ ଓବ୍ଲିଗେଶନ (ଆର୍‌ପିଓ) ଅନ୍ତର୍ଗତ ଅକ୍ଷୟ ଶକ୍ତି ଉତ୍ସ ନ ଥିବା ଅବା ୨୭୦ ଦିନର ସୂର୍ଯ୍ୟାଲୋକ ପଡୁଥିବା ଅଂଚଳ କିମ୍ବା ଉପକୂଳ ଅଂଚଳରେ ମେଘୁଆ ପାଗ ସତ୍ତ୍ୱେ ବିଦ୍ୟୁତ୍ ଉପଲବ୍ଧ ସମ୍ଭବ ହୋଇପାରିବ । ରିନେୱେବୁଲ୍ ପାୱାର ପର୍ଚେସ୍ ଓବ୍ଲିଗେଶନ (ଆର୍‌ପିଓ) ଦ୍ୱାରା ଅକ୍ଷୟ ଶକ୍ତି ଉତ୍ସର ବିକାଶ ସମ୍ଭବ ହୋଇପାରିବ । ସୋଲାର ଆର୍‌ଇସି ଦାମ ୟୁନିଟ୍ ପିଛା ୨.୨୫ ଟଙ୍କା ଥିବାବେଳେ ସୋଲା ପାୱାର ଯାହାକି ପାୱାର ସହିତ ଆର୍‌ଇସି ସାର୍ଟିଫିକେଟ ଯୁକ୍ତ, ତାହାର ଦାମ ୨୦୧୭-୧୮ ଆର୍ଥିକ ବର୍ଷରେ ହାରାହାରି କିଲୋୱାଟ୍‌ଘଂଟା ପ୍ରତି ୨.୫୦ଟଙ୍କାରେ ନିଲାମ କରାଯାଇଛି । ଏସମ୍ପର୍କରେ ରେଗୁଲେଟାରୀ ଏକ୍ସପର୍ଟ ଏବଂ କନସଲଟାଂଟ୍ ମନିଶ୍ ଗର୍ଗ କୁହନ୍ତି, ଭାରତରେ ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ କ୍ଷମତା ବଢ଼ିଲେ ଏହାର ପରୋକ୍ଷ ପ୍ରଭାବ ଉପଭୋକ୍ତାଙ୍କ ଉପରେ ହିଁ ପଡ଼ିବ । ସେମାନେ ବିଦ୍ୟୁତ୍ ପାଇଁ ପୈଠ କରୁଥିବା ଅଧିକ ଦାମ କମିଯିବାର ଆଶା ରହିବ । ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ ମୂଲ୍ୟ କମିଲେ ଉପଭୋକ୍ତାମାନେ ବେଶ୍‌ଉପକୃତ ହୋଇ ପାରିବେ । ଏହାଦ୍ୱାରା ନିବେଶକ ଏବଂ ଉପଭୋକ୍ତା ଲାଭାନ୍ୱିତ ହୋଇପାରିବେ । ଉପଭୋକ୍ତାଙ୍କ ଅନାବଶ୍ୟକ ଖର୍ଚ୍ଚ କମିଯିବାର ସମ୍ଭାବନା ରହିବ । ଆର୍‌ଇସିର ସଂଶୋଧନ ମୂଲ୍ୟ ନିର୍ଦ୍ଧାରଣ କରିବାରେ ବିଳମ୍ବ ହେଲେ ଉପଭୋକ୍ତାଙ୍କ ଉପରେ ଆର୍ଥିକ ବୋଝ ବଢ଼ିଯିବ ।




# ସ୍ୱାଧୀନ ଭାରତ ବନାମ ବିଖଣ୍ଡିତ ଉତ୍କଳ

ଇତିମଧ୍ୟରେ ଭାରତ ସ୍ୱାଧୀନତା ପ୍ରାପ୍ତିର ୬୫ବର୍ଷ ହୋଇଗଲା। ଏବେ ଆମେ ପରବର୍ତ୍ତୀ ସ୍ୱାଧୀନତା ଦିବସ ପାଳନକରିବାକୁ ଯାଉଛୁ। ଏହି ଅବସର ଗଣମାଧ୍ୟମରେ ପତ୍ରପତ୍ରିକାରେ ଖୁବ୍ ବଡ଼ ବଡ଼ ଅକ୍ଷରରେ ବିଭିନ୍ନ ରଂଗର ନାନାବିଧ ଚିତ୍ର ସହ ପ୍ରଗତିର ମାପକାଠିକୁ ଆତ୍ମ ଗୌରବ ସହ ପ୍ରକାଶ କରୁଅଛୁ। ଆମେ ମାନୁଛୁ ଯେ ଆମକୁ ଆଉ କୌଣସି ବାହାର ଶକ୍ତି ଶାସନ କରୁନାହାଁନ୍ତି କି କୋଉ ବାହ୍ୟ ଶକ୍ତି ଦ୍ୱାରା ପରିଚାଳିତ ନୋହୁଁ ଅର୍ଥାତ୍ ଆମର ସାର୍ବଭୌମତ୍ୱ ଅଛି; ଆମର ଗଣତନ୍ତ୍ର ଶାସନ, ଆମେ ଧର୍ମ ନିରପେକ୍ଷ ଇତ୍ୟାଦି ଇତ୍ୟାଦି। ପୁଣି କହୁଛୁ : ଏବେ ଆମେ କୃଷିରେ ଆତ୍ମନିର୍ଭରଶୀଳ, ଶିଳ୍ପରେ ପ୍ରଗତିଶୀଳ, ଦେହକୁ ଉନ୍ନତ ସ୍ୱାସ୍ଥ୍ୟ ସେବା, ଗାଁମାନଙ୍କୁ ବିଜୁଳି ସେବା, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ପ୍ରତି ଗାଁକୁ ପିଚୁରାସ୍ତା, ଶିକ୍ଷାପାଇଁ ସର୍ବଶିକ୍ଷା ଯୋଜନା; ଗରିବ ଲୋକଙ୍କ ବାସଗୃହ ଯୋଗାଣରେ ଇନ୍ଦିରା ଆବାସ; ବି.ପି.ଏଲ୍‌ମାନଙ୍କ ପାଇଁ ରିହାତି ଦରରେ ନିୟନ୍ତ୍ରିତ ସାମଗ୍ରୀ ଯୋଗାଣ ଇତ୍ୟାଦି ବହୁତ କଥା ଦର୍ଶାଇ ବାହାଦୂରୀ ନେଉଛୁ। ସ୍ୱାଧୀନତା ଦିବସ ପାଳନ ଅବସରରେ ରାଷ୍ଟ୍ରମୁଖ୍ୟଙ୍କ ଠାରୁ ଆରମ୍ଭ କରି, ରାଜ୍ୟ ମୁଖ୍ୟଙ୍କୁ ଧରି ଗ୍ରାମ ମୁଖ୍ୟଙ୍କ ପର୍ଯ୍ୟନ୍ତ ବାର୍ତ୍ତା ଓ ଭାଷଣବାଜି ଚାଲିଛି : ଏଷା କଲୁ; ଏହା କରୁଛୁ ଏବଂ ତେଷା କରିବୁ। ଏହି ଭାଷଣ ବାଜି ଭିତରେ ଗୋଟିଏ କଥା ସୁସ୍ପଷ୍ଟ ଯେ ଆମକୁ ସେମିତି ଛିଡ଼ା ହେବାକୁ ଦିଅ। ଆମେ ପ୍ରଭୁଥାଉ, ତୁମେ ସେବକ ଥାଅ। ଏଇଟା ଖଟିଖିଆମାନଙ୍କର ସ୍ୱାଧୀନତା ନୁହେଁ; ଏବେ ସ୍ୱାଧୀନତା ପୂର୍ବରୁ "ଅପର୍ତ୍ତି ଏବଂ ଗୁରେଇ"ଙ୍କ ପରି ଅବହେଳିତମାନଙ୍କ ଠାରୁ ଲୋକେ ଅହୁରି ଦୟନୀୟ ଅବସ୍ଥାରେ ଅଛନ୍ତି। ପେଟକୁ ମୁଠାଏ ଦାନା ବିନା କିଏ କୋଉଠି ମରି ଶୋଉଛି, ଅସହାୟ ଶିଶୁଟିଏ ପଲିଥିନ ଗୋଟାଉଛି ନର୍ଦ୍ଦମା ଓ ଆବର୍ଜନା ପରିବେଶରୁ।






ଚିକିତ୍ସା ନାଁରେ ସେବା ମହଙ୍ଗା ଓ ଦୁର୍ଲ୍ଲଭ। ସେବା ନାଁରେ ଶୋଷଣ; ଶିକ୍ଷା ନାଁରେ ଅକ୍ଷିତଙ୍କ ଚାଟଶାଳୀ, ଇନ୍ଦିରା-ଆବାସରେ ମୁଣ୍ଡ ଗୁଞ୍ଜୁ ନଗୁଞ୍ଜୁ ବହୁଛି ପାଣି; ବିପିଏଲ୍ ନାଁରେ ବେକାର ସୃଷ୍ଟି ଏବଂ ହଡ଼ପୀକରଣ; ନାରୀ ସୁରକ୍ଷା ନାଁରେ ଦିନ ଦ୍ୱି'ପହରେ ଧର୍ଷଣ ଏବଂ ହତ୍ୟା; ମୁଖରେ ବଦାନ୍ୟତାର ସ୍ୱର, ପକେଟ ଭିତରେ ଛୁରୀ, ତଳିପାରୁ ତୂଳିଯାଏଁ ସରକାରୀ ବା ବେସରକାରୀ ଅନୁଷ୍ଠାନ ହେଉ, ସେବା ସଂସ୍ଥା ହେଉ; ଆଗଥୁଅ; ତା'ପରେ କୁହ। କାମକଥା ପରେ ଦେଖାଯିବ।

ଏଇମାନେ ଯିଏ ହାତରେ ରାଜଦଣ୍ଡ ଧରିଛନ୍ତି, ସରକାରଙ୍କର ଗୁମାସ୍ତା ଗିରି କରନ୍ତି; ସରକାରଙ୍କ ତରଫରୁ କାର୍ଯ୍ୟନିର୍ବାହ କରନ୍ତି... ସେଇମାନେ ଯଥାର୍ଥରେ ସ୍ୱାଧୀନ। ସେମାନେ ସ୍ୱାଧୀନତ ଭାରତର ସନ୍ତାନ। ଆମେ ଯୋଉଁଠି ଅଛୁ ସେଇଠି। ଅଯଥାରେ ଖାଲି ସେମାନଙ୍କ କଥାରେ ଭୋଳ ହୋଇ ତାଙ୍କ ପାଳି ଧରୁଛୁ : ସ୍ୱାଧୀନ ଭାରତ କି ଜୟ। ଅମୁଖ ଡ଼ିମିକକି ଜୟ। ଏଗୁଡ଼ାକ ସେହି ଅପର୍ତ୍ତି ଗୁଡ଼େଇଙ୍କର ସ୍ୱପ୍ନ ଯାହା ସ୍ୱପ୍ନରେ ରହିଯାଉଛି। ଆମ ସ୍ୱଦେଶରେ ଆମେ ଏବେ ପରାଧୀନ। ଆଉ ଏକ ଆନ୍ଦୋଳନ ଦରକାର। ଏ ମାଟିର ପରଦେଶୀଙ୍କୁ ମୂଳୋତ୍ପାଡ଼ିତ ପାଇଁ ଭିନ୍ନ ଏକ ବିପ୍ଳବ ଅବଶ୍ୟମ୍ଭାବୀ।

ଏ ହେଲା ଜାତୀୟ ସ୍ତରର କଥା। ଏବେ ଆମେ ଓଡ଼ିଶା ଓ ଓଡ଼ିଆଙ୍କ କଥାକୁ ଆସିବା। ପରାଧୀନ ଭାରତର ଛିନ୍ନ ଅଞ୍ଚଳଗୁଡ଼ିକ ଏକତ୍ର ହୋଇ କଲେ ଅଖଣ୍ଡ ଭାରତ। ଅବଶ୍ୟ ଏହା ଧର୍ମକୁ ଭିତ୍ତିକରି ଇଂରେଜ କୂଟନୀତି ଯୋଗୁଁ ଦୁଇଖଣ୍ଡ ହେଲା। ଏହି ଅଖଣ୍ଡ ଭାରତର ଭାଷାକୁ ଭିତ୍ତିକରି ସ୍ୱାଧୀନତା ପୂର୍ବରୁ ଯେଉଁ ରାଜ୍ୟ ଗଠିତ ହୋଇଥିଲା, ସେମିତି ଏକ ରାଜ୍ୟ ହେଉଛି ଓଡ଼ିଶା ଯାହାକି ସ୍ୱାଧୀନ ଭାରତର ୧୧ତମ ରାଜ୍ୟ।

ଦେଶ ସ୍ୱାଧୀନ ଅର୍ଥାତ୍ ଅଗଷ୍ଟ ୧୫, ୧୯୪୭ ବେଳକୁ ବର୍ତ୍ତମାନ ଭାରତର ସମସ୍ତ ଅଂଶ ଭାରତର ଅଂଶ ବିଶେଷ ନଥିଲେ। ପରବର୍ତ୍ତୀ ସମୟରେ ସରକାରଙ୍କର ପ୍ରଚେଷ୍ଟାରୁ ହେଉ ଅଥବା କୌଣସି ଭୌଗୋଳିକ କାରଣରୁ ବଳପ୍ରୟୋଗ ଜନିତ କାରଣ ହେଉ, ଭାରତର ସଂପୂର୍ଣ୍ଣ ଏକତ୍ରୀକରଣ ହେଲା।

ଆମର ସ୍ୱାଧୀନ ଓଡ଼ିଶା ରାଜ୍ୟ "ଓଡ଼ିଶା', ଉତ୍କଳ ପ୍ରଦେଶ ଗଠନ ହୋଇଛି ୧୯୩୬ ଏପ୍ରିଲ୍ କହିଲାରୁ। ସ୍ୱାଧୀନ ଭାରତ ଗଠନର ସ୍ୱପ୍ନ ଗାନ୍ଧି, ନେହେରୁ... ଗୋପବନ୍ଧୁ ଇତ୍ୟାଦିଙ୍କର ବାସ୍ତବ ହେଲା ଅଥଚ ଏହାର ବହୁ ପୂର୍ବରୁ ଭାଷାକୁ ନେଇ ଗଠିତ ସ୍ୱାଧୀନ ଓଡ଼ିଶାର ନେତା ମଧୁସୂଦନ ଦାସ, ମହାରାଜ କୃଷ୍ଣଚନ୍ଦ୍ର ଦେବ, ଫକୀର ମୋହନ ସେନାପତି... ଇତ୍ୟାଦିଙ୍କର ସ୍ୱପ୍ନ ଏବେ ବି ଅଧୁରା ଅଛି। ଅଖଣ୍ଡ ବା ପୂର୍ଣ୍ଣାଙ୍ଗ ଓଡ଼ିଶା ଏବେ ବି ଅସଂପୂର୍ଣ୍ଣ। ପଲାସା, ଟେକ୍‌ଲି, ଜଳଂତର, ଇଛାପୁର, ବୁଢ଼ାରସିଂ, ତରଳା ଓ ପାରଳାଖେମୁଣ୍ଡିର ଅଧିକାଂଶ ଏବେ ଆନ୍ଧ୍ରରେ; ମଧ୍ୟ ପ୍ରଦେଶର ବସ୍ତର ପୂର୍ବାଂଶ ଫୁଲଝର, ଶରଣାଗଡ଼ ଓ ଯଶିପୁର, ଝାଡ଼ଖଣ୍ଡର ଷଢ଼େଇକଳା, ଖରସୁଆଁ ଏବଂ ସିଂହଭୂମି.... ବଙ୍ଗଳାରେ ଦକ୍ଷିଣ ମେଦିନାପୁର, ଛତିଶଗଡ଼ର ଅନେକ ଅଂଚଳ ଓଡ଼ିଶା ଅଧ୍ୟୁଷିତ।

ସଂପୂର୍ଣ୍ଣ ଉତ୍କଳର ସ୍ୱପ୍ନ କ'ଣ ମରିଯିବ? ଆମର ଭାଇମାନେ ଅନ୍ୟ ଅଞ୍ଚଳରେ ପରାଧୀନ। ଓଡ଼ିଆର ସ୍ୱତନ୍ତ୍ରତା ହରାଇ ବସିଲେଣି ଓଡ଼ିଆମାନେ। ସେମାନେ ଯେ କେତେ ଅବହେଳିତ; ଅନ୍ତତଃ ସେ ଅଞ୍ଚଳ ଯିଏ ନବୁଲିଛି, ସେ ବୁଝିପାରିବ ନାହିଁ ସେମାନଙ୍କ ମନତଳର ଭାଷା। ଜାତି ଭାଇମାନଙ୍କୁ ଧରି ସୁଖ ବା ଦୁଃଖ ବଣ୍ଟାଯାଏ। ଭାଷା ଓ ଜାତିପ୍ରେମ କୌଣସି ଓଡ଼ିଆ କେବେବି ସହିପାରିବ ନାହିଁ ତାଙ୍କ କଥା। ମୁଁ ମୋ ଜାତିଭାଇକୁ ଛାଡ଼ି ମୁକ୍ତ କଣ୍ଠରେ କହିପାରିବି କି (?) ଜୟ ସ୍ୱାଧୀନ ଭାରତ, ଯେ ଯାଏଁ ଓଡ଼ିଶାର ଜୟ ନ ହୋଇଛି।

ଆମେ ଏ ବାବଦରେ ଭାରତ ସରକାରଙ୍କ ପାଖରେ ବାରମ୍ବାର ପ୍ରଶ୍ନ ରଖି ଆସୁଛୁ ଯେ ଆମ ଅଞ୍ଚଳ ଆମକୁ ଫେରାଇ ଦିଅ। ଓଡ଼ିଶା ସରକାରଙ୍କୁ ବାଧ କରୁଛୁ, ତୁମେ ଲଢ଼। ଆମେ ଗୁଡାଏ କାଗଜ କଲମରେ ଚିତ୍କାର କରୁଛ ଛାଡ଼; ଆମ ଜାଗା ଆମକୁ ଛାଡ଼।

ବୋଧହୁଏ ଭାରତ ସରକାର କହୁଛନ୍ତି; ଯାହା ହେବାର ହେଲାଣି, ଛାଡ଼। ଓଡ଼ିଶା ସରକାର ଭାବୁଛନ୍ତି : ଯଦି ନ ହେଉଛି, ଛାଡ଼। ଆମେ କହୁଛୁ : ଛାଡ଼ି ଦେବାକି ?

ଓଡ଼ିଶା ସରକାର (ଯିଏ ଯେତେବେଳେ ଆସନ୍ତୁ) ଖଣି ଯୋଜନା ପରିବେଶ ଯୋଜନା, ଶିକ୍ଷା ଯୋଜନା, କୃଷି ଯୋଜନା .... ଏମିତି ଯେତେ ଯୋଜନା ଅଛି, ସବୁ ଯୋଜନା ପାଇଁ ବ୍ଲୁପ୍ରିଣ୍ଟ କରି ଅର୍ଥ ବ୍ୟବସ୍ଥା ହେଉଛି। ଅଥଚ ଓଡ଼ିଆ ଭାଷା ଓଡ଼ିଆ ବସବାସ ଅଞ୍ଚଳରେ ଏକତ୍ରୀକରଣ ଏବଂ ଓଡ଼ିଆଙ୍କ ଉନ୍ନତି କଣ୍ଢେ କାହାରିବି ବ୍ଲୁପ୍ରିଣ୍ଟ ନାହିଁ। ସେଠି ଅର୍ଥ କଥା ଉଠୁଛି କେଉଁଠି ? କେହିବି କୌଣସି ସ୍ୱାଧୀନତା, ଗଣତନ୍ତ୍ର, ଉତ୍କଳ ବା ଓଡ଼ିଶା ଦିବସରେ ଓଡ଼ିଶା ଓ ଓଡ଼ିଆମାନଙ୍କ ପାଇଁ ଏହା କଲୁ କହି ବା ଦର୍ଶାଇ ଗଣମାଧ୍ୟମକୁ କିଛି ସନ୍ଦେଶ ଛାଡ଼ନ୍ତି ନାହିଁ। ଏ କ'ଣ ଓଡ଼ିଆପ୍ରୀତି ? ଦୁଃଖ ଯେ ଓଡ଼ିଆ ଜାତିର ସକଳ ସାମର୍ଥ୍ୟ ସତ୍ତ୍ୱେ ସେ ଆଜି କେତେ ଦୁର୍ବଳ। ଛିଃ।। ଆମେ ଏବେ ସ୍ୱାର୍ଥାନ୍ଧ ! ଏଇଥିପାଇଁ ମଧୁବାବୁ ଯଥାର୍ଥରେ କହିଥିଲେ : ଜାତି ନନ୍ଦିଘୋଷ ଚଳିବକି ଭାଇ ସ୍ୱାର୍ଥକୁ ସାରଥୀ କଲେ...।। ସଂପୂର୍ଣ୍ଣ ସ୍ୱାଧୀନ ଉତ୍କଳ ଭୂଖଣ୍ଡ ଗଠନ ହେଉ। ଓଡ଼ିଶାର ଜୟ ହେଉ।

**ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮**

## ରାଜ୍ୟ ରେଡ଼କ୍ରସ୍ ଥଇଥାନ କେନ୍ଦ୍ର ନହେଉ



ଭୁବନେଶ୍ୱର (ପିଏନ୍): ଭାରତୀୟ ରେଡ଼କ୍ରସ୍ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ଏବେ କିଛି ଲୋକଙ୍କର ଥଇଥାନ କେନ୍ଦ୍ର ପାଲଟି ଯାଇଛି। କିଛି ବର୍ଷ ତଳେ କଳ୍ପନା ଦାସ ଯୁବ ରେଡ଼କ୍ରସ୍ ଅଧିକାରୀ ଭାବେ ଆସିବା ପରେ ନିଜ ହାତରେ ଯୁଗ୍ମ-ସଚିବ ପଦବି ରଖିଲେ ଓ ଅବସର ପରେ କିଛି ଦିନ ସଚିବ ହେଲେ, ଏବେ ସେ କୋଷାଧକ୍ଷ ଭାବେ ଥଇଥାନ ହୋଇଛନ୍ତି। ସେହିଭଳି ଡ. ବିନାୟକ ପୃଷ୍ଟି ରେଡ଼କ୍ରସ୍ ରାଜ୍ୟ ଶାଖାକୁ ସଚିବ ଭାବେ ଡେପୁଟେସନରେ ଆସିଲେ, ଏବେ ସେ ରେଡ଼କ୍ରସ୍ ରାଜ୍ୟ ଶାଖା ଅଧିନରେ ଥିବା ରକ୍ତଭଣ୍ଡାରରେ ନିର୍ଦ୍ଦେଶକ ଅଛନ୍ତି। ସେହିଭଳି ୨୦୧୯ରେ ଦୁଇବର୍ଷ ପାଇଁ ରେଡ଼କ୍ରସ୍ ରାଜ୍ୟ ସଚିବ ପଦରେ ନିଯୁକ୍ତି ପାଇଥିବା ଅବସର ପ୍ରାପ୍ତ ଆଇ.ଏ.ଏସ୍ ଅଫିସର୍ ସୁଶ୍ରୀ ସି.ଟି.ଏମ୍. ସୁଗୁଣା କାଳେ ଚାକିରୀ ଚାଲିଯିବ ଆଗରୁ ରେଡ଼କ୍ରସ୍ ରକ୍ତ ଭଣ୍ଡାରର ଅଧକ୍ଷ ପଦରେ ନିଯୁକ୍ତି ପାଇ ସାରିଲେଣି। ରେଡ଼କ୍ରସ୍ ଭଳି ଏକ ମହାନସେବା ମୂଳକ ଅନୁଷ୍ଠାନର ରାଜ୍ୟ ସଚିବ ହେବା ପରେ ରାଜ୍ୟ ରେଡ଼କ୍ରସ୍‌ର ସେଭଳି କିଛି କାମ ନକରି ନିଜ ସ୍ୱାଭିମାନକୁ କୁଠାରଘାତ କରି ରାଜ୍ୟ ସଚିବ ଠାରୁ ଛୋଟ ଛୋଟ ପଦବୀ, ଯେମିତିକି କୋଷାଧକ୍ଷ, ରକ୍ତ ଭଣ୍ଡାରର ଅଧକ୍ଷ ଓ ନିର୍ଦ୍ଦେଶକ, ପଦବୀରେ ନିଯୁକ୍ତି ପାଇବା ପାଇଁ ବ୍ୟାକୁଳ ହେଉଛନ୍ତି ରେଡ଼କ୍ରସ୍ ରାଜ୍ୟଶାଖା ସୁରକ୍ଷା ସମିତି, ଓଡ଼ିଶାର ଆବାହକ ଦିଲ୍ଲୀପ ଦାଶଶର୍ମାଙ୍କ ସହିତ ଆଜୀବନ ସଦସ୍ୟମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଏଭଳି ପରମ୍ପରା ବନ୍ଦ କରିବା ପାଇଁ ଶ୍ରୀ ଦାଶଶର୍ମା ନିବେଦନ କରିଛନ୍ତି।

## ସହିଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସ ସହିତ ହୋଲି ପାଳିତ



ଭୁବନେଶ୍ୱର (ପିଏନ୍): ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ମାଲକାନାଗିରିର ଗାନ୍ଧୀ ସହିଦ ଲକ୍ଷ୍ମଣ ନାୟକଙ୍କ ପବିତ୍ର ବଳିଦାନ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଳି ଜଣାଇବା ସହିତ ସମ୍ମିଳନୀର ଶାଖା କାର୍ଯ୍ୟାଳୟରେ ହୋଲି ଉତ୍ସବ ପାଳନ କରାଯାଇଛି। ଉଭୟ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ବିପ୍ଳବୀ ଲକ୍ଷ୍ମଣ ନାୟକଙ୍କ ବଳିଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ହୋଲି ଓ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉପଦେଷ୍ଟା ନିମାଇଁ ଚରଣ ଦାସ, ଯୁଗ୍ମ-ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ, ବାସନ୍ତୀ ତ୍ରିପାଠୀ, ମହେଶ୍ୱର ବିଶ୍ୱାଳ, ପ୍ରତାପ ନନ୍ଦ, ସମରଂଜନ ମହାନ୍ତି, ପ୍ରକାଶ ସାମଲ, ପତିତପାବନ ତ୍ରିପାଠୀ, ନଳିନୀ ମହାନ୍ତି, ପ୍ରସନ୍ନ ରଥ, ଅଜୟ କାନୁନଗୋ, ପ୍ରକାଶ ପଣ୍ଡା ଓ ପୃଥୀରାଜ ତ୍ରିପାଠୀ ଆଦି ଭାଗନେଇ ବରପୁତ୍ରଙ୍କୁ ଶ୍ରଦ୍ଧାଂଜଳି ଜଣାଇବା ସହିତ ହୋଲି ଉତ୍ସବ ପାଳନ କରିଥିଲେ।

# ବିଶ୍ୱବିଖ୍ୟାତ ବୈଜ୍ଞାନିକ







ଯେଉଁ ବିଶ୍ୱବିଖ୍ୟାତ ବୈଜ୍ଞାନିକଗଣ ନିଜର ମହାନ୍ ଅବଦାନ ଦ୍ୱାରା ବିଜ୍ଞାନ ଜଗତକୁ ଋଦ୍ଧିମନ୍ତ କରି ମାନବସମାଜକୁ ବିପୁଳ ଜ୍ଞାନାଲୋକରେ ଉଦ୍ଭାସିତ କରିଯାଇଛନ୍ତି, ସେମାନଙ୍କ ମଧ୍ୟରେ ବାପମା' ଛେଉଣ୍ଡ ନିପଟ ମଫସଲ ଗାଁର ଦରିଦ୍ର ଓଡ଼ିଆ ପିଲା ପ୍ରାଣକୃଷ୍ଣ ପରିଜା ନିଜ ଗୋଡରେ ଠିଆହୋଇ କ୍ରେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ଗବେଷଣା କରି ବିଶ୍ୱବିଖ୍ୟାତ ବୈଜ୍ଞାନିକ ହେବାର ଗୌରବ ଅର୍ଜନ କରିଥିଲେ। ପ୍ରାଣକୃଷ୍ଣ ପରିଜା ଆଦିକବି ଶାରଳା ଦାସଙ୍କ ବଂଶଜ ପରିଡାବଂଶ ସାରୋଳ ଗ୍ରାମରୁ ଯାଇ ଜଗତ୍‌ସିଂହପୁରର ଖେରସ ଓ ବାଲିକୁଦାର ଇଛାପୁର ଗ୍ରାମରେ ବସତିସ୍ଥାପନ କରିଥିଲେ। କ୍ରମେ ପରିଡାବଂଶର ଲୋକେ ପରିଜା ସାଂଖ୍ୟାରେ ପରିଚିତ ହେଲେ।

୧୮୯୧ ମସିହା ଏପ୍ରିଲ ପହିଲା ତାରିଖ ଦିନ ପ୍ରାଣକୃଷ୍ଣ ଇଛାପୁର ଗ୍ରାମର ବିଶ୍ୱନାଥ ପରିଜା ଓ ଜୟନ୍ତୀ ପରିଜାଙ୍କ ପୁତ୍ରରୂପେ ଜନ୍ମଗ୍ରହଣ କରିଥିଲେ। ବିଶ୍ୱନାଥ ପରିଜା ପାଠ ପଢ଼ି ନଥିବାରୁ ମୟୂରଭଂଜରେ ଫରେଷ୍ଟ ଗାର୍ଡରୂପେ କାର୍ଯ୍ୟକରୁଥିଲେ। ତେଣୁ ପ୍ରାଣକୃଷ୍ଣ ଗାଁଚାହାଳିରେ ନିଜର ପଢ଼ା ଆରମ୍ଭ କରିଥିଲେ। ଦିନଯାକ ଚାହାଳିରେ ପ୍ରାଣକୃଷ୍ଣ ପାଠ ପଢ଼ନ୍ତି ଓ ରାତିରେ ଭାଗବତ ଟୁଙ୍ଗୀରୁ ମହାଭାରତ, ରାମାୟଣ ଓ ଭାଗବତ ଶୁଣନ୍ତି। ଏହି ପୁରାଣର କାହାଣୀଗୁଡିକ ପ୍ରାଣକୃଷ୍ଣଙ୍କ ଉପରେ ବହୁତ ପ୍ରଭାବ ପକାଇଥିଲା। ଚାହାଳି ପାଠପଢ଼ା ଶେଷ ହେବାପରେ ତାଙ୍କ ମା' ପ୍ରାଣକୃଷ୍ଣଙ୍କୁ ତାଙ୍କର ଧର୍ମମଉସା ଉଦୟନାଥ ପାଖକୁ ଚାକିରି ପାଇଁ ପଠାଇଦେଲେ। ମଉସା ଉଦୟନାଥ ଜଗତ୍‌ସିଂହପୁରର ଲାଲବଂଶୀୟମାନଙ୍କ ଜମିଦାରୀ ଅଧିନରେ ତହସିଲଦାର ରୂପେ କାର୍ଯ୍ୟ କରୁଥିଲେ। ପ୍ରାଣକୃଷ୍ଣ ଜମିଦାରୀ କାଗଜପତ୍ର କାମ ସାଙ୍ଗକୁ କଚେରୀରେ କାମ ଶିଖନ୍ତି ଓ ନିଜେ ରୋଷେଇ କରି ଖାଆନ୍ତି। ବାପା ମୟୂରଭଂଜରୁ ଘରକୁ ଆସି ପ୍ରାଣକୃଷ୍ଣଙ୍କୁ ୧୯୦୧ ମସିହାରେ ବାଲିକୁଦା ମାଇନର ସ୍କୁଲରେ ନାମ ଲେଖାଇଦେଲେ। ସେଠାରେ ପ୍ରାଣକୃଷ୍ଣ ମନଲଗାଇ ପାଠପଢ଼ିଲେ। ଏହି ସମୟରେ ତାଙ୍କର ପିତା ଆରପାରିକୁ ଚାଲିଗଲେ। ମା' ଜୟନ୍ତୀଦେବୀ ସ୍ୱାମୀଙ୍କୁ ଝୁରିଝୁରି ଆଖି ବୁଜିଦେଲେ। ପ୍ରାଣକୃଷ୍ଣ ହୋଇଗଲେ ଅନାଥ ବାପାମା'ଛେଉଣ୍ଡ ପିଲା। ତାଙ୍କ ବାପାଙ୍କ ଦାଦା ରଘୁନାଥ ପ୍ରାଣକୃଷ୍ଣଙ୍କ ଲାଳନପାଳନ ଓ ପାଠପଢ଼ାର ଦାୟିତ୍ୱ ନେଲେ। ପାଠ ପଢ଼ିବା ପାଇଁ ପ୍ରତିଦିନ ପ୍ରାଣକୃଷ୍ଣଙ୍କୁ ୪ ମାଇଲ ଚାଲିବାକୁ ପଡୁଥିଲା। ୧୯୦୪ ମସିହାରେ ପ୍ରାଣକୃଷ୍ଣ ମଧ୍ୟଇଂରାଜୀ ପାଠ ଶେଷ କରିଥିଲେ। ପରୀକ୍ଷାରେ ସାରା ଓଡିଶାରେ ପ୍ରଥମ ହୋଇ ଚାରିଟଙ୍କା ବୃତି ପାଇଲେ। ଆଖପାଖରେ କେଉଁଠି ହାଇସ୍କୁଲ ନଥିବାରୁ ଜେଜେ ପ୍ରାଣକୃଷ୍ଣ ନାମ କଟକ ରେଭେନ୍‌ସା କଲେଜିଏଟ୍ ସ୍କୁଲରେ ଲେଖାଇଦେଲେ।

ଗାଁରୁ କଟକ ଯିବା ଆସିବା କରିବା ପାଇଁ ସେତେବେଳେ ବିଶେଷକିଛି ସୁବିଧା ନଥିଲା। ବିଦ୍ୟାଳୟ ଛୁଟି ହେଲେ ପ୍ରାଣକୃଷ୍ଣ ପ୍ରାୟ ୩୪ ମାଇଲ ବାଟ ଚାଲିଚାଲି ଆସନ୍ତି ଓ ଯାଆନ୍ତି। ପ୍ରାଣକୃଷ୍ଣ ବାଟୋଇମାନଙ୍କ ସହିତ ରାତ୍ରିଯାପନ କରନ୍ତି ଚଟିଘରେ। ସେ ବାବଦକୁ ମାଲିକକୁ ଛ' ପଇସା ଦିଅନ୍ତି। ଚଟିଘରେ ଯାତ୍ରୀମାନେ ରୋଷେଇ କରନ୍ତି ଓ ଖିଆପିଆ ସାରି ଶୋଇପଡନ୍ତି। ପ୍ରାଣକୃଷ୍ଣଙ୍କ ଘରଠାରୁ ରେଭେନ୍‌ସା କଲେଜିଏଟ୍ ସ୍କୁଲ ପର୍ଯ୍ୟନ୍ତ ୬ଟି ଚଟିଘର ଥାଏ ଯାତ୍ରୀଙ୍କ ବିଶ୍ରାମ ନିମନ୍ତେ। ସ୍କୁଲରେ ପଢ଼ିବା ସମୟରେ ପ୍ରାଣକୃଷ୍ଣ ପ୍ୟାଂଟ୍ ବଦଳରେ ତନ୍ତବୁଣା ଖଦୀ ପିନ୍ଧିଥାନ୍ତି ଓ ଚଦରଟିଏ ବେକରେ ପକାଇ ଥାଆନ୍ତି। ବିଦ୍ୟାଳୟରେ ପ୍ରାଣକୃଷ୍ଣଙ୍କ ଏହିପରି ପରିଧାନ ନେଇ ପଣ୍ଡିତ ମହାଶୟ କହିଲେ ତୁ ଦିନେ ବଡମଣିଷ ହେବୁ। ଭବିଷ୍ୟତରେ ତାଙ୍କ ପଣ୍ଡିତଙ୍କ କଥା ସତରେ ପରିଣତ ହେଲା। ପତ୍ରପତ୍ରିକାରେ ପ୍ରବନ୍ଧ ଲେଖି ସେ ଚାରିଶହ ଟଙ୍କା ପୁରସ୍କାର ପାଇଥିଲେ। ଏହି ଟଙ୍କାର ମୂଲ୍ୟ ସେତେବେଳେ ଖୁବ୍ ବେଶୀ ଥିଲା। ଶେଷରେ ସେ ହାଇସ୍କୁଲ ପରୀକ୍ଷାରେ ଓଡ଼ିଶାରେ ପ୍ରଥମ ହୋଇ ପାସ୍ କଲେ। ତେଣୁ ତାଙ୍କୁ ମାସିକ ୨୦ ଟଙ୍କା ସରକାରୀ ବୃତି ମିଳିଲା। ରେଭେନ୍‌ସା କଲେଜରେ ସେ ଆଇ.ଏସ୍‌ସି ପାସ୍ କଲେ। ରେଭେନ୍‌ସା କଲେଜରେ ବି.ଏସ୍‌ସି. ନଥିବାରୁ କଲିକତାର ପ୍ରେସିଡେନସି କଲେଜରେ ବି.ଏସ୍‌ସି ପାଠ ପଢ଼ିଲେ। ଚଳିବା ପାଇଁ ଅର୍ଥର ଅବଶ୍ୟକତାରୁ ସେ କଲିକତାରେ ଟିଉସନ୍ କଲେ। ବି.ଏସ୍‌ସି ପାସ୍ ପରେ ଏମ.ଏସ୍‌ସି. ପଢ଼ିଲେ। ପ୍ରାଣକୃଷ୍ଣ ଏମ୍.ଏସ୍.ସି.ରେ ପାସ୍ କରିପାରିଲେ ନାହିଁ। ଏହା ଥିଲା ତାଙ୍କ ଜୀବନର ପ୍ରଥମ ବିଫଳତା। ପ୍ରାଣକୃଷ୍ଣ ବିହାର- ଓଡ଼ିଶା ଛାତ୍ରବୃତି ପାଇ ବିଲାତ ପଢ଼ିବାକୁ ଗଲେ। କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ଅଧିନସ୍ଥ କ୍ରାଏଷ୍ଟ କଲେଜରେ ଉଭିଦ ବିଜ୍ଞାନ ପଢ଼ିଲେ। ଉଭିଦ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କରିଥିବାରୁ ତାଙ୍କୁଗବେଷଣା ପାଇଁ ଛାତ୍ରବୃତି ମିଳିଥିଲା।

ପ୍ରାଣକୃଷ୍ଣ ଅଧ୍ୟାପକ ବ୍ଲାକ୍‌ମ୍ୟାନ୍‌ଙ୍କ ଅଧୀନରେ ଚେରିଲ ପତ୍ର ଉପରେ ଗବେଷଣା କଲେ। ଗଛର ଶ୍ୱାସକ୍ରିୟା ଉପରେ ସେ ଯେଉଁ ନୂଆତତ୍ତ୍ୱ ବାହାରକଲେ ତାହା 'ପରିଜା-ବ୍ଲାକ୍‌ମ୍ୟାନ' ଥିଓରିଭାବେ ପରିଚିତ। ଏହାପରେସେ ପୃଥିବୀର ଖ୍ୟାତନାମା ବୈଜ୍ଞାନିକ ହୋଇଗଲେ। ବିଲାତରେ ସାତବର୍ଷକାଳ ସାହେବମାନଙ୍କ ମେଳରେ ରହି ସେମାନଙ୍କଠାରୁ ଭଲଗୁଣ ଗ୍ରହଣ କରିଥିଲେ। ଗାଁର ଶିଖିଥିବା ଦୟା, କ୍ଷମା, ସରଳତା ଓ ସାଧୁତା ସାଙ୍ଗରେ ବିଲାତର ଭଲଗୁଣଗୁଡିକ ମିଶିଯିବାରୁ ସେ ଏକ ନୂଆମଣିଷ ପାଲଟିଗଲେ। ନାମ ହେଲା 'ପରିଜାସାହେବ'।

ପରିଜାସାହେବ ରେଭେନ୍‌ସା କଲେଜରେ ଉଭିଦ ବିଜ୍ଞାନରେ ମୁଖ୍ୟ ଅଧ୍ୟାପକରୂପେ ଯୋଗଦେଲେ। ତାଙ୍କ ଚେଷ୍ଟାରୁ ରେଭେନ୍‌ସା କଲେଜର ଉଭିଦ ବିଜ୍ଞାନ ବିଭାଗ ସମଗ୍ର ଭାରତବର୍ଷରେ ଗବେଷଣାର କେନ୍ଦ୍ରସ୍ଥଳୀ ପାଲଟିଗଲା। ବିଭିନ୍ନପ୍ରକାର ଦଳ ଉପରେ ଗବେଷଣା କରି ସେ ଅନେକ ନୂଆ କଥା ବାହାର କରିଥିଲେ। ମରୁଡି, ବନ୍ୟା ଓ ଲୁଣିପାଣି ଯୋଗୁଁ ବହୁସମୟରେ ଧାନ ଫସଲ ନଷ୍ଟ ହୋଇଯାଇଥାଏ। ଧାନ ଉପରେ ଗବେଷଣା କରି ସେ ବହୁ ନୂଆତତ୍ତ୍ୱ ବାହାରକଲେ। ଅଳ୍ପଦିନ ମଧ୍ୟରେ ସେ ପ୍ରଖ୍ୟାତ ବୈଜ୍ଞାନିକ ହୋଇଗଲେ।

ମହାନ୍ ବୈଜ୍ଞାନିକ ପରିଜାସାହେବ ବାଲିପାଟଣା ଗାଁର ଗୌରାଙ୍ଗଚରଣ କାନୁନ୍‌ଗୋଙ୍କ ବଡ଼ଝିଅ ସୁନ୍ଦରମଣିଙ୍କୁ ବିବାହ କଲେ। ସୁନ୍ଦରମଣି ଅଳ୍ପ ପାଠ ପଢ଼ିଥିବାରୁ ତାଙ୍କୁ ପାଠପଢ଼ାଇ ଠିକ୍ ଓଡ଼ିଆ ଘରର ବୋହୂ ପରି ଗଢ଼ିଦେଲେ। ବାହାରକୁ ଗଲେ ପରିଜାସାହେବ ଯାଆନ୍ତି ଠିକ୍ ସାହେବ ପରିଧାନରେ, କିନ୍ତୁ ସୁନ୍ଦରମଣି ଯାଉଥିଲେ ଖାଂଟି ଓଡ଼ିଆଣୀ ପୋଷାକ ପିନ୍ଧି। ଘରର ଚଳଣି ଓ ଖାଦ୍ୟପେୟ ଠିକ୍ ଓଡିଆର ଦହିପଖାଳ, ଶାଗ, ବଡ଼ି, କାଂଜିପାଣି, ଚକୁଳି ପିଠା। ସେ କେବେ ନିଜ ଗାଁର ପାଣିପବନ ଓ ଓଡ଼ିଆର ସଂସ୍କୃତି ଓ ପରମ୍ପରାକୁ ଭୁଲନ୍ତି ନାହିଁ।

ପରିଜାସାହେବ ରେଭେନ୍‌ସା କଲେଜରେ ଅଧାପକରୁ ଅଧ୍ୟକ୍ଷ ପଦ ଅଳଙ୍କୃତ କରିଥିଲେ। ଅଧ୍ୟକ୍ଷ ପଦରୁ ଯାଇ ଉତ୍କଳବିଶ୍ୱବିଦ୍ୟାଳୟର କୁଳପତି ପଦରେ ବସିଲେ। ବିଭିନ୍ନ ସମୟରେ ସେ କୁଳପତିରୂପେ ଦୀର୍ଘ ୧୮ ବର୍ଷ କାର୍ଯ୍ୟକରିଥିଲେ। ବନାରସ 'ହିନ୍ଦୁ' ବିଶ୍ୱବିଦ୍ୟାଳୟର ଉପ-କୁଳପତି ପଦରେ କିଛିକାଳ କାର୍ଯ୍ୟକରିଥିଲେ। ସେ କୁଳପତି ପାଇଁ ମନୋନିତ ହୋଇ ମଧ ହୋଇପାରିଲେ ନାହିଁ। କାରଣ ସେ ହିନ୍ଦିଭାଷାଭାଷୀ ଅଂଚଳର ଲୋକ ନଥିଲେ। ବନାରସରୁ ଫେରି ପରିଜାସାହେବ ନିଜ ଗାଁ ଇଛାପୁରରେ ରହି ଲୋକମାନଙ୍କର ସୁବିଧା ଓ ଅସୁବିଧା ବୁଝିଲେ। ବାଲିକୁଦାରୁ ସ୍ୱାଧୀନ ପ୍ରାର୍ଥୀରୂପେ ଠିଆହୋଇ ବିଜୟଲାଭକରି ବିଧାୟକ ହେଲେ। ସଭାସମିତି ହେଉ ବା ଘରକାର୍ଯ୍ୟ ହେଉ, ସବୁକାମରେ ସେ ଥିଲେ ସମୟାନୁବର୍ତିତା। ଠିକ୍ ସମୟରେ ଠିକ୍‌କାମ ସର୍ବଦା କରୁଥିଲେ। ସଦାସର୍ବଦା ପରିଜାସାହେବ ନିଜକାମ ନିଜେ କରୁଥିଲେ। ସେ କୌଣସି କାର୍ଯ୍ୟପାଇଁ କାହାଉପରେ ନିର୍ଭର କରୁନଥିଲେ। ଜଣେ ବୈଜ୍ଞାନିକ ହେଲେ ବି ରାମାୟଣ, ମହାଭାରତ, ଭାଗବତ ଆଦି ବିଭିନ୍ନ ପୁରାଣ ଓ ଇତିହାସ ପାଠକରୁଥିଲେ। ସେ ଥିଲେ ଜ୍ଞାନର ପ୍ରତୀକ। ସେ ମେଧାବୀ ଛାତ୍ରମାନଙ୍କୁ ନିଜ ଦରମାରୁ ସାହାଯ୍ୟ କରୁଥିଲେ। କୌଣସି ଛାତ୍ର ଅସୁବିଧାରେ ପଡ଼ିଲେ ପରିଜାସାହେବ ସାହାଯ୍ୟ କରୁଥିଲେ। ନିଜ ଦେହ କଥା ପଛକୁ ରଖି କର୍ତବ୍ୟକୁ ସେ ପ୍ରଥମ ସ୍ଥାନ ଦେଉଥିଲେ। ତାଙ୍କର ସହକର୍ମୀ ତଥା ବନ୍ଧୁମାନେ ସେଥିପାଇଁ ଭାବନ୍ତି ପରିଜାସାହେବ ମଣିଷ ନା ଦେବତା! ସେ କୁଳପତି ପଦବୀଠାରୁ ପଦ୍ମଭୂଷଣ ଉପାଧି ଯାଏଁ ଅନେକ ସମ୍ମାନ ପାଇଛନ୍ତି। ସେଥିରେ ପ୍ରଥମ ଓଡ଼ିଆ ଯେ ଭାରତୀୟ ବିଜ୍ଞାନ କଂଗ୍ରେସର ସଭାପତି ପଦ ମଣ୍ଡନ କରିଥିଲେ।

ଆଗେ ତ' ସୁନ୍ଦରମଣି ଯାଇଥିଲେ, ତା'ପରେ ସେହି ମହାନ୍ ବୈଜ୍ଞାନିକ ୧୯୭୯ ମସିହା ଜୁନ୍ ମାସ ୨ ତାରିଖରେ ଶୁକ୍ରବାର ସକାଳ ୧୧.୫୫ ମିନିଟ୍‌ରେ ଚିରନିଦ୍ରାରେ ଶୋଇଗଲେ।

**ଅକ୍ଷୟ କୁମାର ରାଉତ, ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର, ମୋ-୯୯୩୭୬୯୧୪୭୫**


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ପୁଲିସର ହେଲମେଟ ଚେକିଂ : ଗର୍ଭବତୀ ମହିଳା ୩ କିମି ଚାଲିବା ପ୍ରସଙ୍ଗରେ ଓଆଇସି ନିଲମ୍ବିତ, ୨ କନେଷ୍ଟବଲଙ୍କ ବଦଳି

ବାରିପଦା: ମରିଗଲା ମାନବିକତା ଓ ହଜି ଗଲା ମଣିଷ ପଣିଆ । ଏହିଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା ଶରତ ଥାନା ଅଂଚଳରେ । ମାର୍ଚ୍ଚ ୨୮ ପୂର୍ବାହ୍ନ ପ୍ରାୟ ୯ଟା ସମୟରେ ଶରତ ଥାନା ଅଧୀନ ନୋଟୋ ଅଂଚଳର ଅନୁସୂଚିତ ଜନଜାତି ସମ୍ପ୍ରଦାୟର ବିକ୍ରମ ବିରୁଲି ତାଙ୍କର ୮ ମାସର ଗର୍ଭବତୀ ସ୍ତ୍ରୀ ଗୁରୁବାରୀ ବିରୁଲିଙ୍କୁ ନିଜ ବାଇକରେ ବସାଇ ଉଦଳା ହସପିଟାଲକୁ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ନେଇଯାଉଥିଲେ । ଏହି ସମୟରେ ବିକ୍ରମ ମୁଣ୍ଡରେ ହେଲମେଟ ପିନ୍ଧିଥିବାବେଳେ ମୁହଁରେ ମାସ୍କ ଏବଂ ପାଖରେ ଚଳାଉଥିବା ବାଇକର ସମସ୍ତ କାଗଜପତ୍ର ଓ ଡ୍ରାଇଭିଂ ଲାଇସେନ୍ସ ରହିଥିଲା । ମାତ୍ର ପଛରେ ବସିଥିବା ତାଙ୍କର ଗର୍ଭବତୀ ସ୍ତ୍ରୀ ଗୁରୁବାରୀଙ୍କ ମୁହଁରେ ମାସ୍କ ରହିଥିବାବେଳେ ମୁଣ୍ଡରେ ହେଲମେଟ ନଥିଲା । ରାସ୍ତାରେ ଶରତ ଥାନା ଅଧିକାରୀ ରୀନା ବକ୍ସଲାଙ୍କ ନେତୃତ୍ୱରେ ଅନ୍ୟ ପୁଲିସ କର୍ମଚାରୀ ଗାଡ଼ି ଚେକିଂ ହେଉଥିବାର ଦେଖି ବିକ୍ରମ ବାଇକକୁ ଅଟକାଇଥିଲେ । ପୁଲିସ ପକ୍ଷରୁ ବାଇକରେ ସମସ୍ତ କାଗଜପତ୍ର ଯାଂଚ କରାଯିବା ପରେ ସ୍ତ୍ରୀ ଗୁରୁବାରୀ ବିରୁଲି ମାସ୍କ ପିନ୍ଧି ନ ଥିବାରୁ ଚାଲାଣ କାଟି ଦେଇଥିଲେ । ମାତ୍ର ବିକ୍ରମଙ୍କ ନିକଟରେ ଚାଲାଣ ଭରିବା ନିମନ୍ତେ ଟଙ୍କା ନଥିବାରୁ ଅନ ଲାଇନରେ ଚାଲାଣ ଭରିବେ ବୋଲି କହିବାରୁ ଥାନା ଅଧିକାରିଣୀ ରୀନା ବକ୍ସଲା ରାଜି ହୋଇନଥିଲେ ଏବଂ ସ୍ତ୍ରୀ ଗୁରୁବାରୀଙ୍କୁ ରାସ୍ତାରେ ଏକାକି ଛାଡ଼ିଦେଇ ବିକ୍ରମକୁ ବାଇକ ସହିତ ଶରତ ଥାନାକୁ ନେଇଯାଇଥିଲେ । ମାତ୍ର ଗୁରୁବାରୀ ଥାନା ଅଧିକାରୀଙ୍କୁ ବିକ୍ରମଙ୍କ ସାଥୀରେ ତାଙ୍କୁ ଥାନାକୁ ନେଇ ଯିବାକୁ ଅନୁରୋଧ କରିଥିଲେ ମଧ୍ୟ ଶୁଣି ନଥିଲେ । ଫଳରେ ୮ ମାସର ଗର୍ଭବତୀ ରହିଥିବା ଗୁରୁବାରୀ ନିରୂପାୟ ହୋଇ ପ୍ରାୟ ୩ କିଲୋମିଟରରୁ ଅଧିକ ପାଦରେ ଚାଲି ଚାଲି ଶରତ ଥାନାରେ ପହଂଚିଥିଲେ । ଥାନାରେ ବିକ୍ରମ ଓ ତାଙ୍କ ସ୍ତ୍ରୀ ଗୁରୁବାରୀ ପ୍ରାୟ ସାଢ଼େ ୩ ଘଂଟାରୁ ଅଧିକ ସମୟ ଅଟକି ରହିଥିଲେ । ଏହାକୁ ନେଇ ବିକ୍ରମ ଏସଡ଼ିପିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ପରେ ମାର୍ଚ୍ଚ ୨୮ ରାତିରେ ମୟୂରଭଞ୍ଜ ଆରକ୍ଷୀ ଅଧିକ୍ଷକ ସ୍ମିଥ ପି ପରମାର ଶରତ ଥାନା ଅଧିକାରିଣୀ ରୀନା ବକ୍ସଲାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଇଥିଲେ । ଏଥିସହିତ ପ୍ରଶାସନିକ ଗ୍ରାଉଣ୍ଡରେ କନେଷ୍ଟବଲ ସିଲୁ ମଲ୍ଲିକଙ୍କୁ ମହୁଲଡିହା ଥାନା ଓ ରାଜଲକ୍ଷ୍ମୀ ଲେଙ୍କାଙ୍କୁ ଘାଗରବେଡ଼ା ଥାନାକୁ ବଦଳି କରିଛନ୍ତି ।ଉକ୍ତ ଘଟଣାକୁ ୨୪ ଘଂଟା ନପୁରୁଣୁ କରଞ୍ଜିଆ ଥାନା ଅଂଚଳରେ ହେଲମେଟ ଚେକିଂ ସମୟରେ ପୁଲିସର ଲାଠି ମାଡ଼ରେ ଜଣେ ଯୁବ ବ୍ୟବସାୟୀଙ୍କ ମୁଣ୍ଡ ଫାଟିବା ଘଟଣାକୁ ଜନସାଧାରେ ତୀବ୍ର ଉତେଜନା ଦେଖା ଦେଇଥିଲା । କରଞ୍ଜିଆ ସାହାରପଡ଼ା ବାଇପାସ ଛକ ନିକଟରେ ଗତକାଲି ସନ୍ଧ୍ୟା ୭ଟା ସମୟରେ ହେଲମେଟ ଚେକିଂ ହେଉଥିବା ସମୟରେ ଏକ ଯୁବ ବ୍ୟବସାୟୀ ହେଲମେଟ ନ ପିନ୍ଧି ଆସୁଥିବା ବେଳେ ପୁଲିସ ତାଙ୍କୁ ଅଟକାଇଥିଲେ ଏବଂ ଯୁବକ ଜଣକ ବାଇକକୁ ସାଇଡ଼ କରାଉଥିବାବେଳେ ପୁଲିସର ଲାଠିମାଡ଼ରେ ତାଙ୍କର ମୁଣ୍ଡ ଫାଟି ରକ୍ତସ୍ରାବ ହୋଇଥିଲା । ନେଇ ଜନସାଧାରଣରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇବା ସହ ରାସ୍ତା ରୋକ କରିଥିଲେ । ଖବରପାଇ ଏସଡ଼ିପିଓ ଘଟଣାସ୍ଥଳରେ ପହଂଚି ଆନ୍ଦୋଳନକାରୀମାନଙ୍କୁ ବୁଝାସୁଝା କରାଇବା ସହ ଏସପିଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ ଏବଂ ଏସପିଙ୍କ ନିର୍ଦ୍ଦେଶ କ୍ରମେ ଜଣେ କନେଷ୍ଟବଲଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିବାବେଳେ ଅନ୍ୟ ଜଣେ ହୋମଗାର୍ଡ଼ଙ୍କୁ ହେଡ଼କ୍ୱାରରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ୩ ଦିନରେ ପାରଦ ୫.୮ ଡ଼ିଗ୍ରୀକୁ ବୃଦ୍ଧି, ଜନ ଜୀବନ ପ୍ରଭାବିତ

ବାରିପଦା: ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦା ସହରରେ ତାପମାତ୍ରା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ଅସହ୍ୟ ତାତିରେ ବାରିପଦା ସହର ତତଲା କଡ଼େଇରେ ପରିଣତ ହୋଇଛି । ଗତ ମାର୍ଚ୍ଚ ୨୮ରେ ବାରିପଦା ସହରରେ ତାପମାତ୍ରା ୩୮.୮ ଡ଼ିଗ୍ରୀ ରହିଥିବା ବେଳେ ୨୯ରେ ୩.୨ ଡ଼ିଗ୍ରୀ ବୃଦ୍ଧି ପାଇ ୪୨ ଡ଼ିଗ୍ରୀ ରହିଥିଲା । ଆଜି ୪୪.୬ ଡ଼ିଗ୍ରୀରେ ପହଂଚିଛି । ତେବେ ୩ ଦିନରେ ବାରିପଦାରେ ତାପମାତ୍ରା ୫.୯ ଡ଼ିଗ୍ରୀ ବୃଦ୍ଧି ଘଟିଛି । ଆଜି ପୂର୍ବାହ୍ନ ସାଢ଼େ ୧୦ ପରେ ତତଲା ଝାଞ୍ଜି ପବନ ବା ଲୁ ପ୍ରବାହିତ ହେବା ଆରମ୍ଭ କରିଥିଲା । ମୁଣ୍ଡ ଉପରେ ଅଗ୍ନି ବର୍ଷା ଓ ପାଦ ତଳୁ ନିଆଁ ଝାସ ଜନଜୀବନକୁ ଅସ୍ତବ୍ୟସ୍ତ କରାଇ ଦେଇଥିଲା । ତାତିର ହାଓ୍ୱା ସର୍ବତ୍ର ବାରି ହୋଇପଡ଼ିଥିଲା । ମୁହଁରେ ରୁମାଲ ଅଥବା କପଡ଼ା ନ ଘୋଡ଼ାଇଲେ ମୁହଁ ପୁଡ଼ି ଗଲା ଭଳି ଅନୁଭବ ହେଉଥିଲା । ମଧ୍ୟାହ୍ନରେ ରାସ୍ତାଘାଟରେ ଗାଡ଼ି ମୋଟର ଚଳାଚଳ ସହିତ ଜନସାଧାରଣଙ୍କ ଚଳପ୍ରଚଳ ପୂର୍ବ ତୁଳନାରେ ହ୍ରାସ ପାଇଥିଲା । ତେବେ ମୟୂରଭଞ୍ଜ ଜିଲ୍ଲାରେ ଅଂଶୁଘାତର ମୁକାବିଲା ନିମନ୍ତେ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ବସିଥିଲେ ମଧ୍ୟ ବର୍ତମାନ ସୁଦ୍ଧା ସଦର ମହକୁମା ବାରିପଦାରେ ଜଳଛତ୍ର ଖୋଲା ଯାଇନଥିବାର ପରିଲକ୍ଷିତ ହୋଇଛି । ସେହିପରି ବେସରକାରୀ ଭାବେ ମଧ୍ୟ କୌଣସି ଜଳଛତ୍ର ଖୋଲାଯାଇ ନାହିଁ ।

# ପଶ୍ଚିମ ଓଡିଶା ବିକାଶ ପରିଷଦକୁ ସ୍ୱୟଂଶାସିତ କରାଯାଉ

ଭୁବନେଶ୍ୱର, (ପିଏନ)-ଦୀର୍ଘ ୨୦ ବର୍ଷ ଧରି ଶାସକ ବିଜେଡି ପଶ୍ଚିମ ଓଡିଶା ବିକାଶ ପରିଷଦର ପାଣ୍ଠିକୁ ଦଳୀୟ ପାଣ୍ଠି ଭାବେ ବ୍ୟବହାର କରିଆସୁଛି । ଅନ୍ୟପଟେ ଦଳୀୟ ଲୋକଙ୍କୁ ଥଇଥାନ କରିବା ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ତଥା ସଦସ୍ୟମାନଙ୍କୁ ନିଯୁକ୍ତ କରାଯାଉଛି । ସିଏଜି ରିପୋର୍ଟ ଅନୁଯାୟୀ ପଶ୍ଚିମ ଓଡିଶାର ବିକାଶ ଯେଭଳି ହେବା କଥା ସେପରି ହୋଇନାହିଁ । ବିଜେପୁର ଉପନିର୍ବାଚନ ସମୟରେ ଖୋଦ୍ ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡିଶାର ଦାୟିତ୍ୱ ନେବେ ବୋଲି କହିବା ସହ ଗଙ୍ଗାଧର ମେହେର ଜଳସେଚନର ସ୍ୱପ୍ନ ଦେଖାଇ ଧୋକ୍କା ଦେଇଛନ୍ତି ବୋଲି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଏବଂ ପୂର୍ବତନ ବିଧାୟକ ଶ୍ରୀ ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପୁରୋହିତ କହିଛନ୍ତି ଯେ, ସିଏଜି ରିପୋର୍ଟ ରାଜ୍ୟ ସରକାରଙ୍କ ମୁଖା ଖୋଲିଦେଇଛି । ରାଜ୍ୟସରକାର ଜାଣିଶୁଣି ପଶ୍ଚିମ ଓଡିଶା ବିକାଶରେ ବାଧକ ସାଜିଛନ୍ତି । ୨୦୧୩ରେ ପଶ୍ଚିମ ଓଡିଶାରେ ଜଳସେଚନ କ୍ଷେତ୍ରକୁ ଅଗ୍ରାଧୀକାର ଦେବା ପାଇଁ ନିଷ୍ପତି ହୋଇଥିବାବେଳେ ୨୦୧୫-୧୮ ଭିତରେ ମାତ୍ର ୧୧.୮୦ ପ୍ରତିଶତ ଅର୍ଥ ଜଳସେଚ କ୍ଷେତ୍ରରେ ଖର୍ଚ୍ଚ ହୋଇଛି । ଏମପି ଓ ଏମଏଲଏ ଲ୍ୟାଡ ପାଣ୍ଠିରୁ ଟଙ୍କା ପାଇବାକୁ ଯୋଗ୍ୟଥିବା ୧୯୩ଟି ଘରୋଇ ଶିକ୍ଷାନୁଷ୍ଠାନକୁ ୨୦୧୪-୧୮ ମଧ୍ୟରେ ବିକାଶ ପରିଷଦ ବେନିୟମ ଭାବେ ୯.୧୧ କୋଟି ଟଙ୍କା ପ୍ରଦାନ କରିଛି । ୧୯୯୧ ମସିହା ଘଡେଇ କମିଟି ରିପୋର୍ଟ ଆନୁଯାୟୀ ପଶ୍ଚିମ ଓଡିଶା ବିକାଶ ପରିଷଦ ଅନ୍ତର୍ଗତ ୮୯ଟି ବ୍ଲକ ମଧ୍ୟରୁ ୩୪ଟି ବ୍ଲକ ଅତ୍ୟନ୍ତ ପଛୁଆ ଏବଂ ୨୫ଟି ବ୍ଲକ ପଛୁଆ ରହିଥିଲା । ଏହି ବ୍ଲକ ଗୁଡିକର ବିକାଶ ପାଇଁ ୨୦୧୩ରେ ରାଜ୍ୟସରକାର ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏଗୁଡିକର ବିକାଶ ହୋଇ ପାରିଲା ନାହିଁ । ୨୦୧୬-୧୮ ମସିହା ଭିତରେ ପରିଷଦ ୪୦୯.୭୨ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରିଥିବାବେଳେ ସେଥିମଧ୍ୟରୁ ୪୫ ପ୍ରତିଶତ ଅର୍ଥାତ୍ ୧୮୩.୪୧ କୋଟି ବିକାଶଶୀଳ ଓ ବିକଶିତ ବ୍ଲକଗୁଡିକୁ ପ୍ରଦାନ କରାଯାଇଥିଲା । ଏବେ ସୁଦ୍ଧା ପ୍ରାୟ ୪.୧୩ କୋଟି ଟଙ୍କା ବିନିଯୋଗରେ ସଂପୂର୍ଣ୍ଣ ହୋଇଥିବା ଅନେକ ଅନୁଷ୍ଠାନ ବ୍ୟବହୃତ ହୋଇପାରୁନାହିଁ ।ପଶ୍ଚିମ ଓଡିଶା ବିକାଶ ପରିଷଦ କାର୍ଯ୍ୟ ସଠିକ୍ ଭାବେ ହୋଇପାରୁନଥିବା ଯୋଗୁଁ ରାଜ୍ୟସରକାର ଏହାକୁ ନିଜ ନିୟନ୍ତ୍ରଣରେ ନରଖି ଦାର୍ଜିଲିଂ ଗୋରଖା ହିଲ କାଉନସିଲ ଭଳି ଏହାକୁ ସ୍ୱୟଂଶାସିତ ମାନ୍ୟତା ଦେବା ସହ ଦଳମତ ନିର୍ବିଶେଷରେ ପଶ୍ଚିମ ଓଡିଶାର ଅନୁଦାନକୁ ପ୍ରତିବର୍ଷ ୧ ହଜାର କୋଟିକୁ ବୃଦ୍ଧି କରିବାକୁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି । ପଶ୍ଚିମ ଓଡିଶା ବିକାଶ ପରିଷଦକୁ ଥଇଥାନର କେନ୍ଦ୍ର ନକରି ଯେଉଁମାନେ ପଶ୍ଚିମ ଓଡିଶାର ବିକାଶ ଧାରାକୁ ଆଗକୁ ନେଇପାରିବେ ସେଭଳି ବ୍ୟକ୍ତିବିଶେଷଙ୍କୁ ଅଧ୍ୟକ୍ଷ କରିବା ପାଇଁ ରାଜ୍ୟସରକାର ପଦକ୍ଷେପ ଗ୍ରହଣ କରନ୍ତୁ । ସେହିପରି ପଶ୍ଚିମ ଓଡିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟାଳୟକୁ ପଶ୍ଚିମ ଓଡିଶାର ଯେ କୌଣସି ସ୍ଥାନରେ କରିବା ପାଇଁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଶ୍ରୀ ଠାକୁର ରଂଜିତ ଦାସ ଉପସ୍ଥିତ ଥିଲେ ।

# ୱାଲଡେନ୍‌ଉଡ୍‌ର ପୁରୁଷାର୍ଥ ମହାଯଜ୍ଞ ଉଦ୍‌ଯାପିତ



ଭୁବନେଶ୍ୱର : ଇତିହାସ ପ୍ରସିଦ୍ଧ କପିଳାସ ପାହାଡ଼ର ପାଦଦେଶରେ ଅବସ୍ଥିତ ୱାଲ୍‌ଡେନ୍‌ଉଡ୍ ପରିବେଶ ଗ୍ରାମରେ ତିନି ଦିନ ଧରି ଅନୁଷ୍ଠିତ ପୁରୁଷାର୍ଥ ମହାଯଜ୍ଞ ଏହାମଧ୍ୟରେ ପୂର୍ଣ୍ଣାହୂତି ସହିତ ମହାସମାରୋହରେ ସମ୍ପନ୍ନ ହୋଇଯାଇଥିବା ଜଣାଯାଇଛି । ବିଶ୍ୱ ଶାନ୍ତି ପ୍ରତିଷ୍ଠା, ପରିବେଶ ସୁରକ୍ଷା, ଜଙ୍ଗଲ-ଜନ୍ତୁ ରକ୍ଷା, ବାତାବରଣରେ ସନ୍ତୁଳନ ସ୍ଥାପନ, ଜଳବାୟୁର ଦୂଷିତକରଣକୁ ରୋକାଯିବା, ସାରା ଦୁନିଆକୁ କରୋନା ମହାମାରୀରୁ ମୁକ୍ତି ଦେବା ଏବଂ ସମଗ୍ର ମାନବ ସମାଜର ପୁରୁଷାର୍ଥକୁ ଉଜ୍ଜୀବିତ କରି ସାକାରତ୍ମକ ସେବାରେ ନିୟୋଜିତ କରିବା ସହିତ ସେମାନଙ୍କର ସର୍ବାଙ୍ଗୀନ ମଙ୍ଗଳ ସାଧନ କରିବା ଉଦ୍ଦେଶ୍ୟରେ ୱାଲ୍‌ଡେନଉଡ୍ ତରଫରୁ ଏହି ମହାଯଜ୍ଞ ଆୟୋଜନ କରାଯାଇଥିଲା । ଓଡ଼ିଶାର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ ପ୍ରଥମ ଥର ପାଇଁ ଆୟୋଜିତ ଏହି ନୂତନ ଧର୍ମୀ, ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ମହୋତ୍ସବରେ ଦେଶର ବହୁ ମାନ୍ୟଗଣ୍ୟ ଅତିଥି, ପର୍ଯ୍ୟଟକ, ଧର୍ମ ଗୁରୁ ଏବଂ ସ୍ଥାନୀୟ ବାସୀନ୍ଦା ସହସ୍ରାଧୀକ ସଂଖ୍ୟାରେ ଯୋଗଦେଇଥିବା ଦେଖାଯାଇଥିଲା ।ଭୁବନେଶ୍ୱରଠାରୁ ୬୦ କି.ମି. ଦୂରରେ ଢେଙ୍କାନାଳ ଜିଲ୍ଲାର କଣ୍ଟାମଲିଆ ଗ୍ରାମରେ ୩୦୦ ଏକର ପରିମିତ ଜମିକୁ ନେଇ ୱାଲ୍‌ଡେନଉଡ୍ ଇକୋ ଭିଲେଜ (ୱେଭ) ନାମରେ ଲୋକପ୍ରିୟ ଏହି ପ୍ରାକୃତିକ ରିସର୍ଟକୁ ଯୁବ ଉଦ୍ୟୋଗପତି ଆର.କେ. ଇଣ୍ଡିଆନ୍ ୨୦୦୪ ମସିହାରେ ପ୍ରତିଷ୍ଠା କରିଛନ୍ତି । ସହରର ଗହଳଚହଳଠାରୁ ଦୂରରେ, ପ୍ରକୃତି ମା'ର ପୁରା କୋଳରେ, କପିଳାସ ପାହାଡ଼ମାଳାର ଛତ୍ରଛାୟା ତଳେ ଅବସ୍ଥିତ ଏଡି ଅନନ୍ୟ ଓ ଭିନ୍ନଧର୍ମୀ ପର୍ଯ୍ୟଟନ ଗ୍ରାମରେ ମହାଦ୍ରୁମରାଜିର ପ୍ରାଚୀର, ପ୍ରାକୃତିକ ଝରଣା, ପଶୁପକ୍ଷୀଙ୍କର ଚଲା ରାସ୍ତା, ନାନା କିସମର ଔଷଧୀୟ ବୃକ୍ଷମାନ, ସୁରମ୍ୟ ଉଦ୍ୟାନ, ଅତ୍ୟାଧୁନିକ ସୁବ୍ୟବସ୍ଥା ଥିବା ମାଟି ଓ ଡୋମ୍ ଘର, ଖେଳ ପଡ଼ିଆ, ପୋଖରୀ ଏବଂ ଚଉପାଠୀ ଆଦି ସ୍ୱତନ୍ତ୍ର ଆକର୍ଷଣ ମହଯୁଦ ରହିଛି । ଏଠାକାର ପାକଶାଳାରେ ଦେଶୀ ଖାସି ଓ କୁକୁଡ଼ା ତଥା ଗାଁ ଗହଳର ବିନା ସାରଦିଆ ପନିପରିବାକୁ ବ୍ୟବହାର କରାଯାଇ ଓଡ଼ିଶାର ପାରମ୍ପରିକ ଶୈଳୀରେ ପ୍ରସ୍ତୁତ କରାଯାଉଥିବା ସ୍ୱାଦିଷ୍ଟ ଆମିଷ ଏବଂ ନିରାମିଷ ଭୋଜନ ଅତିଥିମାନଙ୍କୁ ପରଷା ଯାଇଥାଏ । ୱେଭ୍‌ର ଚର୍ତୁପାର୍ଶ୍ୱରେ ମନୋରମ ଦିଗବଳୟର ଅପୂର୍ବ ଶୋଭା, ସୁଲୁସୁଲୁ ସୁଆଦିଆ ପବନର ନିଆରା ସ୍ପର୍ଶ, ଝର ଝରଣାର କଳକଳ ମତୁଆଲା ନାଦ, ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସମୟରେ ହଳଦୀ-ନାଲି ରଙ୍ଗ ଭରା ଆକାଶର ଅଭୂଲା ଦୃଶ୍ୟ, ନାନା କିସମର ବଣ ଫୁଲର ମିଶ୍ରିତ ଅଦ୍ଭୂତ ବାସ୍ନା, ଗୋଧୁଳୀ ବେଳରେ କୋଇଲି ଓ ଅନ୍ୟାନ୍ୟ ପକ୍ଷୀମାନଙ୍କର ଅଜବ କୁହୁତାନ, ଗାଈ-ବାଛୁରୀ, ଛେଳି ପଲ୍ଲଙ୍କର ଗୁହାଳ ଅଭିମୁଖୀ ଭବ୍ୟ ଶୋଭାଯାତ୍ରା, ସକାଳ ଓ ସନ୍ଧ୍ୟାରେ ନିକଟସ୍ଥ ଗାଁ ମନ୍ଦିରରୁ ଶଙ୍ଖ, ମୃଦଙ୍ଗ, ଘଣ୍ଟ, ଘର୍ଘର, କରତାଳ ଓ ଆଳତିର ମଙ୍ଗଳ ଧ୍ୱନୀ ଏବଂ ସର୍ବୋପରି ଏହାର ନିପଟ ଗାଉଁଲୀ ପରିବେଷ୍ଟନୀ ଏହାକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିବା ଧରାଯାଉଛି । ବିଶେଷ କରି ଏହାର ହୃଦୟସ୍ପର୍ଶୀ ଅନାବିସ୍କୃତ ସୌନ୍ଦର୍ଯ୍ୟ, ମନମୁଗ୍ଧକର ପ୍ରାକୃତିକ ପରିବେଶ, ସଦା ରୋମାଞ୍ଚକର ଅନୁଭୂତି, ଅତିଥି ଅଭ୍ୟାଗତଙ୍କୁ ଦେବୋଭବ ଚର୍ଚ୍ଚା ଏବଂ ବାହାର ହେଲେ ମଧ୍ୟ ପୁରାପୁରି ଘରୋଇ ବାତାବରଣ, ମର୍ତ୍ତ୍ୟମଣ୍ଡଳରେ ଆଗନ୍ତୁକମାନଙ୍କୁ ସ୍ୱର୍ଗ ସୁଖ, ଆତ୍ମଭରି ସନ୍ତୁଷ୍ଟି ଏବଂ ମହାନନ୍ଦ ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ ବୋଲି ୱେଭ୍ କର୍ତ୍ତୃପକ୍ଷ ଦର୍ଶାଇଛନ୍ତି । ଖୁବ୍ ଶୀଘ୍ର ୱେଭ୍‌ଠାରେ ଡ୍ରାଗନ ଫ୍ରୁଟ୍‌ସ ଏବଂ ପରମା କଲଚର ଆଦି ଉପଲବ୍ଧ ହେବ ବୋଲି ଏହାର ପ୍ରତିଷ୍ଠାତା ଆର.କେ. ଇଣ୍ଡିଆନ୍ ପ୍ରକାଶ କରିଛନ୍ତି । ଗ୍ରାମ୍ୟ ଉନ୍ନୟନ ଏବଂ ପରିବେଶ ସୁରକ୍ଷା ପାଇଁ ସମର୍ପିତ ୱାଲ୍‌ଡେନ୍‌ଉଡ୍ ସେଣ୍ଟର ଫର୍ ଏକସେଲେନ୍‌ସଠାରେ ଅନୁଷ୍ଠିତ ପୁରୁଷାର୍ଥ ମହାଯଜ୍ଞର ମୁଖ୍ୟ କର୍ତ୍ତା ଓ ସଂକଳ୍ପକାରୀ ଆର.କେ. ଏବଂ ତାଙ୍କର ଧର୍ମପତ୍ନୀ ସୁଜାତା ଦାସ ଥିଲେ । ଆର.କେ.ଙ୍କର ପିତା ରଘୁନାଥ ଦାସ ଏବଂ ମାତା ସାଇବାଣୀ ଦାସ ମଧ୍ୟ ସମ୍ପୂର୍ଣ୍ଣ ତିନିଦିନ କାଳ ଯଜ୍ଞସ୍ଥଳରେ ଉପସ୍ଥିତ ଥିଲେ । ମୁଖ୍ୟ ପୂଜାରୀ ଡକ୍ଟର ଧର୍ମପଦ ମହାନ୍ତି ଏବଂ ତାଙ୍କର ସାଥୀମାନେ କଳସ ସ୍ଥାପନ, ଆଳତି, ହୋମ, ପ୍ରବଚନ ଏବଂ ପୂଜାର୍ଚ୍ଚନା କାର୍ଯ୍ୟ ସଫଳତାର ସହିତ ସମ୍ପନ୍ନ କରିଥିଲେ । ଉପସ୍ଥିତ ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ ବିଶ୍ୱ ଓଡ଼ିଶା ସମାଜର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ, ଆର୍ଯ୍ୟଭଟ୍ଟ ଟ୍ରଷ୍ଟର ପ୍ରତିଷ୍ଠାତା ଚିଦାତ୍ମିକା ଖଟୁଆ, ବିଶିଷ୍ଟ କ୍ରୀଡ଼ା ପ୍ରଶାସକ ଭକ୍ତବଲ୍ଲଭ ଦାସ, ଜାଭିୟର ଗ୍ରୁପର ନିର୍ଦ୍ଦେଶକ ପ୍ରଭୁ ଚରଣ ମହାନ୍ତି, ବରିଷ୍ଠ ଆଇନଜୀବୀ ସିତାଂଶୁ ମୋହନ ଦ୍ୱିବେଦୀ ଓ ନିର୍ମଳ ଦାସ, ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାସ, ଏନ୍‌ଜିଓ ଫେଡେରେସନର ସାଧାରଣ ସମ୍ପାଦକ ରବୀନ୍ଦ୍ର ନାରାୟଣ ବେହେରା, ସମାଜସେବୀ ଅଜୟ ମିଶ୍ର ଓ ଆଇଟି ବିଶେଷଜ୍ଞ ସୁଦୀପ୍ତ ପଟ୍ଟନାୟକ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ । ବାଜିରାଉତ ସ୍ମୃତି ପରିଷଦର ସଂସ୍ଥାପକ ସଭାପତି କୃଷ୍ଣଚନ୍ଦ୍ର ଆଇଚ, କୋଦଣ୍ଡଧର ସାହୁ, ବସନ୍ତ କୁମାର ଖୁଣ୍ଟିଆ, ନନ୍ଦିନୀ ଦାସ, ୱେଭ୍‌ର ଜନସମ୍ପର୍କ ଅଧିକାରୀ ଜାଗି ଦାସ ଏବଂ ମୋନାଲୀ ଡୋଙ୍ଗ୍ରେ ପ୍ରମୁଖ ସମଗ୍ର ଆୟୋଜନର ସୁପରିଚାଳନା କରିଥିଲେ ।

## ଆଇଏସଏଚଡିପି ଯୋଜନାର ହିତାଧିକାରୀଙ୍କ ବକେୟା ଟଙ୍କା ଦେବା ଦାବି

ଜୟପୁର: ଆଇଏସଏଚଡିପି ଯୋଜନାର ହିତାଧିକାରି ଜୟପୁର ପୌରପରିଷଦର ଦ୍ୱାରସ୍ଥ ହୋଇଛନ୍ତି । ଏନେଇ ପୌର କାର୍ଯ୍ୟନିର୍ବାହୀ ଅଧିକାରିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବୀ ପତ୍ରରେ ଉଲ୍ଲେଖ କରାଯାଇଛି ଯେ ପୁରୁଣାଗଡର ରମା ଜାନୀ, ତ୍ରିପତି ଜାନୀ, ଗୁରୁ ଜାନୀ, ଇଶ୍ୱର ହରିଜନ ସିଳୋତମା ଦଳେଇ ପ୍ରମୁଖ ଉକ୍ତ ଯୋଜନାରେ ସାମିଲ ହୋଇ ଘର ବାନ୍ଧିବା ପାଇଁ କାର୍ଯ୍ୟାଦେଶ ପାଇଥିଲେ । ଏହା ପରେ ଗୃହ କାର୍ଯ୍ୟ ଆରମ୍ଭ କରି ଘର କାମ ଶେଷ ହୋଇଯାଇଛି । ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ଦେଢ଼ବର୍ଷରୁ ଅଧିକ ସମୟ ବିତି ଯାଇଥିଲେ ବି ନିର୍ମାଣ ସକାଶେ ସରକାରୀ ଯୋଜନା ଅନୁସାରେ ମିଳିବାକୁ ଥିବା ଟଙ୍କା ବର୍ତମାନ ଯାଏ ପ୍ରଦାନ କରାଯାଇ ନାହିଁ । ତେଣୁ ପୌର ପ୍ରଶାସନ ଆଇଏସଏଚଡିପି ଯୋଜନାର ହିତାଧିକାରିଙ୍କ ବକେୟା ଟଙ୍କା ତୁରନ୍ତ ପ୍ରଦାନ କରିବାକୁ ପୌର କାର୍ଯ୍ୟନିର୍ବାହି ଅଧିକାରିଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

## ଆମ୍ବୁଲାନ୍ସ ଧକ୍କା ରେ ଯୁବକ ମୃତ

ମାଲକାନଗିରି:ମାଲକାନଗିରି ଜିଲ୍ଲା କାଳିମେଳା -ପଡିଆ ରାସ୍ତାର ମାରାନପାଲି ଚକ୍କରେ ଗତକାଲି ରାତ୍ରରେ ଆମ୍ବୁଲାନ୍ସ ଧକ୍କାରେ ଜଣେ ଯୁବକ ମୃତ୍ୟୁ ବରଣ କରିଥିବାବେଳେ ଆଉ ଜଣେ ଗୁରୁତର ଆହତ ହୋଇ କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି ହୋଇଥିବା ଜଣାପଡିଛି।ସୂଚନା ଅନୁଯାୟୀ ପଡିଆ ବ୍ଲକ ଅନ୍ତର୍ଗତ ପାଲମପାଲି ଗ୍ରାମର ରାଜୁ ସୋଡି ଓ ତାଙ୍କ ସାଙ୍ଗ କସା କବାସୀ କାଳିମେଳା କୁ ଏକ ବାହାଘର ଭୋଜିରେ ଯୋଗଦେବାକୁ ନିଜ ବାଇକ ରେ ଆସି ରାତ୍ରରେ ଘରକୁ ଫେରୁଥିଲେ। କାଳିମେଳା ଥାନା ଅନ୍ତର୍ଗତ ମାରାନପାଲି ପାଲି ଛକ ନିକଟରେ ତାଙ୍କ ବାଇକ କୁ ପଛପଟୁ ୧୦୨ ଆମ୍ବୁଲାନ୍ସ ଧକ୍କା ଦେଇ ପଳାଇଯାଇଥିଲା।ଆମ୍ବୁଲାନ୍ସ ଧକ୍କା ରେ ଘଟଣା ସ୍ଥଳରେ ରାଜୁ ସୋଡି ମୃତ୍ୟୁ ବରଣ କରିଥିବାବେଳେ କସା କବାସୀର ମୁଣ୍ଡ ଓ ମୁହଁରେ ଗୁରୁତର ଆଘାତ ଲାଗିଥିଲା।ଦୃଘଟଣା ଘଟାଇ ଆମ୍ବୁଲାନ୍ସ ସେଠାରୁ ଫେରାର ହୋଇଯାଇଥିଲା। ଦୃଘଟଣା ସମ୍ପର୍କରେ କାଳିମେଳା ପୋଲିସ ଖବର ପାଇଁ ଆହତ କୁ ଚିକିତ୍ସା ନିମନ୍ତେ କାଳିମେଳା ମେଡିକାଲକୁ ଆଣି ଘଟଣା ରେ ତଦନ୍ତ ଚଳାଇଛି।

## ଗୋବିନ୍ଦ ଗୋଧାମ ଗୋଶାଳା ପରିଦର୍ଶନ କଲେ ସିଡିଭିଓ

ପୁରୀ, (ପିଏନ)- କିଛି ଦିନ ତଳେ ଗୋରୁ ଚାଲାଣକୁ ଅଟକାଇ ଗାଇଗୁଡିକ ଜବତ କରି ପୁରୀ ସଦର ଥାନା ପୁଲିସ ଗୋବିନ୍ଦ ଗୋଧାମ ଗୋଶାଳାକୁ ପଠାଇଥିଲେ । ଆଜି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ (ସିଡିଭିଓ) ଡା. ପ୍ରସନ୍ନ କୁମାର ପୃଷ୍ଟି , ଭେଟେନାରୀ ଡେପୁଟି ଡାଇରେକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ ପରିଦର୍ଶନରେ ଯାଇ ଗାଇଗୁଡିଙ୍କ ସ୍ୱାସ୍ଥ୍ୟବସ୍ଥା ପରୀକ୍ଷା କରିଥିଲେ । ଗାଇମାନଙ୍କ ରହିବା ସ୍ଥାନ ପରିଷ୍କାର ଓ ପରିଚ୍ଛନ୍ନ ରଖିବା ପାଇଁ ପରାମର୍ଶ ଦେଇଥିଲେ । ଗୋଖାଦ୍ୟ ରଖିବା ସ୍ଥାନ, ପାଣିର ସୁବ୍ୟବସ୍ଥା ଓ ବିଦ୍ୟୁତ୍ ସ୍ଥିତି ନେଇ ଯାଂଚ୍ କରିଥିଲେ । ଏହି ଯାଂଚ୍ ସମୟରେ ଗୋଶାଳାର ପ୍ରତିଷ୍ଠାତା ତଥା ସଂପାଦକ ପଣ୍ଡିତ ବିଷ୍ଣୁଚରଣ ପଣ୍ଡା, ମ୍ୟାନେଜର ଦିଲ୍ଲୀପ କୁମାର ମହାନ୍ତି, ହରପ୍ରସାଦ ମହାପାତ୍ର, କୈଳାସଚନ୍ଦ୍ର ପଣ୍ଡା, ମନୋଜ କୁମାର ପଣ୍ଡା, ବିକାଶ ହୋତା, ସର୍ବେଶ୍ୱର ପଣ୍ଡା, ପୁରୁଷୋତମ ପଣ୍ଡା, ଗଣେଶ୍ୱର ପଣ୍ଡା, ପିତାମ୍ବର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ୩୪୩ ଲିଟର ଦେଶୀମଦ ଜବତ, ଅଭିଯୁକ୍ତ ଚିଲିକା ଭିତରେ ଫେରାର

ପୁରୀ, (ପିଏନ)- ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ବ୍ରାହ୍ମଣଦେଓ କୁମାରପୁର ରିଙ୍ଗରୋଡରେ ଗୋଟିଏ ମାରୁତି ଓମିନି କାର୍ ନଂ ଏପି ୩୧ ଏଲ ୫୩୮୭ କୁ ଜବତ କରିବା ସମୟରେ ସେଥିରେ ଥିବା ମଦ ବ୍ୟବସାୟୀ ଚିଲିକା ଭିତର ଦେଇ ଖସି ଯାଇଥିଲେ । ସେହି ଗାଡିରୁ ୧୪ଟି ଜରି ଅଖାରେ ୩୪୩ ଲିଟର ଦେଶୀମଦ ଥିବା ଜଣାପଡିଥିଲା । ଏହାକୁ ପୁଲିସ୍ ଜବତ କରିଛି । ଏ ସମ୍ପର୍କରେ କୃଷ୍ଣପ୍ରସାଦ ଥାନାରେ ୧୫୪/୨୦ରେ ମାମଲା ରୁଜୁ ହୋଇଛି ।

# ପବିତ୍ର କେଦାର ଗୌରୀ କୁଣ୍ଡର ଜଳ ବିଭିନ୍ନ ବର୍ଜ୍ୟବସ୍ତୁ ଦ୍ୱାରା ଦୂଷିତ



ଭୁବନେଶ୍ୱର:ଭୁବନେଶ୍ୱରସ୍ଥ ପବିତ୍ର କେଦାରଗୌରୀ କୁଣ୍ଡର ଜଳ ବିଭିନ୍ନ ବର୍ଜ୍ୟବସ୍ତୁ ଦ୍ୱାରା ଦିନକୁ ଦିନ ଅପରିଷ୍କାର ଓ ଦୂଷିତ ହେବାରେ ଲାଗିଛି । ଏହି ପବିତ୍ର କୁଣ୍ଡରେ କୁଢ କୁଢ ପିଇବାପାଣିର ପ୍ଲାଷ୍ଟିକ ବୋତଲ, ଥଣ୍ଡା ପାନୀୟ ଫ୍ରୁଟିର କାଗଜ ଖୋଳ ଓ ଅନ୍ୟାନ୍ୟ କାଗଜ ପତ୍ର ପଡି ଏହାର ପବିତ୍ର ପାଣି ଦୂଷିତ ହୋଇଯାଇଛି । ଏହାଛଡା ରକ୍ଷଣାବେକ୍ଷଣ ଅଭାବରୁ ଏହାର ପବିତ୍ର ଜଳରେ ନୀଳ ଶିଉଳୀର ଆସ୍ତରଣ ପଡିଯାଇ ଅପରିଷ୍କାର ହୋଇଯାଇଛି । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଏହି ପବିତ୍ର କୁଣ୍ଡର ଚାରିପାଖରେ ଅନନ୍ତ ବାସୁଦେବ ମନ୍ଦିର, ଗୁଆଝର ପୁଷ୍କରିଣୀ ଓ ପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିର ଅବସ୍ଥିତ । ଏତଦ୍ ବ୍ୟତୀତ ରାତିରେ ଏହି ସ୍ଥାନ ପୁଅ ଓ ଝିଅମାନଙ୍କର ଆଡ୍ଡାସ୍ଥଳୀ ପାଲଟି ଥିଲେ ମଧ୍ୟ ଏଥିପ୍ରତି କାହାର ଦୃଷ୍ଟି ପଡୁନି । ମନ୍ଦିର ପ୍ରଶାସନ କି ଜନସାଧାରଣ କେହି ଏହି ପବିତ୍ର କୁଣ୍ଡପ୍ରତି ନଜର ଦେଉ ନାହାଁନ୍ତି । ମନ୍ଦିର ପ୍ରଶାସନ ଏ ଦିଗରେ ଉଚିତ୍ ପଦକ୍ଷେପ ନିଅନ୍ତୁ ବୋଲି ଜନସାଧାରଣରେ ଦାବୀ ହେଉଛି । ମନ୍ଦିରମାଳିନୀ ସହର ଭୁବନେଶ୍ୱରର ପରିବେଶକୁ ସୁରକ୍ଷା ଯୋଗାଇ ଦେବା ସମସ୍ତଙ୍କ ଗୁରୁ ଦାୟିତ୍ୱ । କିନ୍ତୁ କିଛି ନ୍ୟସ୍ତସ୍ୱାର୍ଥ୍ୟ ବ୍ୟକ୍ତିବିଶେଷଙ୍କ ଯୋଗୁଁ ଏକ ବିଶ୍ୱବିଖ୍ୟାତ ମନ୍ଦିର କେଦାରଗୌରୀର ପରିବେଶ ଦୂଷିତ ହେଉଅଛି, ଏଥିପ୍ରତି କାହାର ନିଘା ନାହିଁ । କରୋନା ମହାମାରୀ ସମସ୍ତଙ୍କୁ ପରିବେଶ ସୁରକ୍ଷା ପାଇଁ ନୀତିଶିକ୍ଷା ଦେଇଥିଲେ ମଧ୍ୟ ଏଭଳି କାର୍ଯ୍ୟ ଅତ୍ୟନ୍ତ ନିନ୍ଦନୀୟ ଓ ଦୁଃଖଦାୟକ । ମନ୍ଦିର କର୍ତୃପକ୍ଷ ଏଥିପାଇଁ ନିତ୍ୟାନ୍ତ ଯତ୍ନବାନ ହେବା ଆବଶ୍ୟକ ବୋଲି ବୁଦ୍ଧିଜିବୀମାନେ ମତ ଦେଇଛନ୍ତି ।

# ଅକରପଡା ଜାତିଆଣା ଉତେଜନା ଘଟଣା, ଏସପିଙ୍କୁ ଭେଟିଲା ଆମ୍ବେଦକର ଲୋହିଆ ବିଚାର ମଂଚ

କୋରେଇ: ଯାଜପୁର ଥାନା ଅକରପଡା ଗ୍ରାମରେ ଗତ ୨୬ ତାରିଖରେ ଘଟିଥିବା ସବର୍ଣ୍ଣ-ଅସବର୍ଣ୍ଣ ଗଣ୍ଡଗୋଳ ଏବେ ଉତେଜନା ବୃଦ୍ଧି ପାଇଛି । ଉଭୟ ଗୋଷ୍ଠୀ ପକ୍ଷରୁ ଗତ ୨୬ ତାରିଖରୁ ଦୁଇଟି ମାମଲା ରୁଜୁ ହୋଇଥିଲେ ମଧ୍ୟ ୫ ଦିନ ବିତିଯାଇଥିଲେ ହେଁ ପୁଲିସ ତଦନ୍ତ ପାଇଁ ନପହଂଚିବା ଯୋଗୁ ସବର୍ଣ୍ଣ ଲୋକମାନେ ଏକ ବଡଧରଣର ଦଙ୍ଗା ପାଇଁ ପ୍ରସ୍ତୁତ ହେବାର ଆଶଙ୍କା କରାଯାଇଛି । ଅଭିଯୁକ୍ତ ମାନଙ୍କୁ ଗିରଫ ଓ ଦଳିତ(କେଳା) ବସ୍ତିକୁ ସୁରକ୍ଷା ପାଇଁ ଆଜି ଯାଜପୁର ଏସପି ରାହୁଲ ପିଆରଙ୍କୁ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆମ୍ବେଦକର ଲୋହିଆ ବିଚାର ମଂଚ ଓ ଗ୍ରାମବାସୀ ଭେଟି ଦାବି ଜଣାଇଛନ୍ତି । ପ୍ରକାଶ ଥାଉକି ଯାଜପୁର ଥାନା ଅନ୍ତର୍ଗତ ଅକରପଡା ଗ୍ରାମରେ ତିନି ମାସ ଧରି ପାଣିପାଇପ ପାଇଁ ରାସ୍ତା କଡ ଖାଲକୁ ପୋତା ଯାଇ ପୁରଣ କରାଯାଇ ନଥିବାରୁ ଏକ ଧାନ ବୋଝେଇ ଟ୍ରକ ରାସ୍ତାରେ ଯାଇନପାରି ଏକ ବିଦ୍ୟୁତ ଖୁଂଟକୁ ଧକ୍କା ଦେଇଥିଲା । ଫଳରେ ବିଦ୍ୟୁତ ଖୁଂଖ ଭାଙ୍ଗିଯିବା ସହ କଂରେଟ ଲାଗିବା ପୂର୍ବରୁ ଏକ ବଡଧରଣର ବିପତି ରକ୍ଷା ମିଳିଥିଲା । ଏନେଇ ଖାଲ ଖୋଳିଥିବା ଠିକାଦାର ସେହି ଗ୍ରାମର ବିକାଶ ନାୟକଙ୍କୁ ଖାଲ ପୂରଣ ନିମନ୍ତେ ଦଳିତ ବସ୍ତିର ଲୋକମାନେ କହିବାରୁ ପାଟିତୁଣ୍ଡ ହୋଇଥିଲା । ଫଳରେ ବିକାଶ ତାର ସହଯୋଗୀ ମନୁ ନାୟକ, ଭାଲୁ ନାୟକ, ନିଲୁ ନାୟକ, ସୌଭାଗ୍ୟ ନାୟକ ମିଳିତ ହୋଇ ଦଳିତ ମାନଙ୍କୁ ଆକ୍ରମଣ କରିଥିଲେ । ଏହି ଘଟଣାରେ ଦଳିତ ବସ୍ତିର ୧୦ଜଣ ମହିଳା ସମେତ ୩ ଜଣ ପୁରୁଷ ଆହତ ହୋଇଥିଲେ । ଘଟଣାର ୫ ଦିନ ବିତିଥିଲେ ମଧ୍ୟ ପୁଲିସ ଗ୍ରାମକୁ ଯାଇ କୌଣସି ତଦନ୍ତ କରିନି କି ଅଭିଯୁକ୍ତମାନଙ୍କୁ ଗିରଫ କରିନି । ଦଳିତ ବସ୍ତିର ଲୋକମାନେ ଭୟ ଓ ଆଶଙ୍କା ରହିଛନ୍ତି । ଦିଳତ ବସ୍ତିକୁ ସୁରକ୍ଷା ଓ କାର୍ଯ୍ୟାନୁଷ୍ଠାନ ଦାବିରେ ଏସପିଙ୍କୁ ମନୋରଂଜନ ଜେନା, ଯଶୋବନ୍ତ ଜେନା, ମନୋଜ ଜେନା, ନାରଣ ଜେନା, ମାମି ଦାସ, ସୁନି ଦାସ, ସତ୍ୟଭାମ ଜେନା, ମିନତୀ ଦାସ ପ୍ରମୁଖ ଭେଟି ଦାବି ଜଣାଇଛନ୍ତି।

# ୩୫୩୯ ଆକ୍ରାନ୍ତ ସୁସ୍ଥ ହେଲେଣି, ସକ୍ରିୟ ମାମଲା ୪୭୩

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାରେ ଆଜି ଆଉ ୨୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏଥିସହ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୦୨୪ କୁ ବୃଦ୍ଧି ପାଇଛି । ରିପୋର୍ଟ ପଜିଟିଭ୍ ଆସିବା ପରେ ଗୁରୁତର ଆକ୍ରାନ୍ତ ମାନଙ୍କୁ କୋଭିଡ୍ ହସ୍ପିଟାଲରେ ଭର୍ତି କରାଯାଇଛି । ସେହିପରି ସାମାନ୍ୟ ଆକ୍ରାନ୍ତ ମାନଙ୍କୁ ହୋମ୍ ଆଇସୋଲେସନରେ ରହିବାକୁ ପରାମର୍ଶ ଦିଆଯାଇଛି । ନୂଆ ଚିହ୍ନଟ ଏହି ଆକ୍ରାନ୍ତ ମାନଙ୍କ ମଧ୍ୟରେ ମାଲକାନଗିରି ପୌରାଚଂଳରୁ ୫ ଜଣ, ମାଲକାନଗିରି ବ୍ଲକରୁ ୭, ମାଥିଲି ବ୍ଲକରୁ ୩ ଜଣ, ଖଇରପୁଟ ବ୍ଲକରୁ ୪ ଜଣ, ଚିତ୍ରକୋଣ୍ଡା ବ୍ଲକରୁ ୪ ଜଣ, ପଡ଼ିଆ ବ୍ଲକରୁ ୨ ଜଣ, ଏବଂ କାଳିମେଳା ବ୍ଲକରୁ ୩ ଜଣ ରହିଛନ୍ତି । ତନ୍ମଧ୍ୟରେ ଦୁଇ ଜଣ କରୋନା ଯୋଦ୍ଧା ରହିଛନ୍ତି । ଆଜି ଚିହ୍ନଟ ୨୮ ଆକ୍ରାନ୍ତଙ୍କ ମଧ୍ୟରୁ ୧୧ ଜଣ ବିଭିନ୍ନ କ୍ଲିନିକରୁ ରେଫର୍ ହୋଇ ଚିକିତ୍ସା ନିମନ୍ତେ ମେଡିକାଲକୁ ଆସି ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେହିପରି ଘରକୁ ଘର ବୁଲି ମେଡ଼ିକାଲ ଟିମ୍ ର ସର୍ଭେଲାନ୍ସ ବେଳେ ୧୪ ଜଣ ବ୍ୟକ୍ତି ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ୩ ଜଣ ସଂକ୍ରମିତ ହୋଇଛନ୍ତି । ଅଦ୍ୟାବଧି ଜିଲ୍ଲାରେ ୩୫୩୯ ଆକ୍ରାନ୍ତ ସୁସ୍ଥ ହେଲେଣି । କରୋନାଜନିତ ସକ୍ରିୟ ମାମଲା ୪୭୩ ରହିଛି । ସେହିପରି ବର୍ତମାନ ସୁଦ୍ଧା ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧୨ ରହିଛି ।

# ହରିଚନ୍ଦନପୁର ବ୍ଲକ ଠାକୁରପଡା ଗ୍ରାମ ପଂଚାୟତରେ ଆବାସ ଓ ପାଇଖାନା ନାମରେ କୋଟି କୋଟି ଟଙ୍କା ହରିଲୁଟ୍ ଅଭିଯୋଗ

ହରିଚନ୍ଦନପୁର,(ପିଏନ)-କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଠାକୁରପଡା ଗ୍ରାମ ପଂଚାୟତ ଅନ୍ତର୍ଗତ ଘଷଣାଟାଙ୍ଗର ଗ୍ରାମରେ ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ, ପାଇଖାନା ଯୋଜନାରେ ଅନ୍ତର୍ଭୁକ୍ତ ଏକାଧିକ ହିତାଧିକାରୀଙ୍କ ଟଙ୍କା ହରିଲୁଟ୍ ହୋଇଛି । ପିଠାଗୋଳା ପଂଚାୟତରେ ଜିଆରଏସ ଭଳି ଘଷଣାଟାଙ୍ଗର ଗ୍ରାମରେ ସମିତି ସଭ୍ୟ ତ୍ରିଲୋଚନ ମହାନ୍ତ ଅନେକ ହିତାଧିକାରୀଙ୍କ ଗୃହ ନିର୍ମାଣ ଦାୟିତ୍ୱ ନେଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରି ଅଧପାନ୍ତରିଆ ଅବସ୍ଥାରେ ଛାଡିଦେଇ ସମ୍ପୂର୍ଣ୍ଣ ଟଙ୍କା ଉଠାଇନେଇ ନିଜର ସମ୍ପତି ବଢାଇ ମାଲେମାଲ ହୋଇଥିବା ଅଭିଯୋଗ ହୋଇଛି । ସରକାରଙ୍କ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀ କୁସୁମୀ ମୁଣ୍ଡା, ଜିତେନ ମୁଣ୍ଡା, ବିକ୍ରମ ମୁଣ୍ଡା, ଭାସ୍କର ମୁଣ୍ଡା, ରୁକ୍ମଣୀ ମୁଣ୍ଡା ନରସିଂ ମୁଣ୍ଡାଙ୍କ ଘର ଗୁଡିକର ନିର୍ମାଣ କାର୍ଯ୍ୟ ଆଜକୁ ଦୀର୍ଘ ଦିନ ହେବ ସଭ୍ୟ ତ୍ରିଲୋଚନ ଆରମ୍ଭ କରିଥିଲେ । ହେଲେ ଆଜକୁ ଅନେକ ବର୍ଷ ବିତିଯାଇଥିଲେ ମଧ୍ୟ ସେହି ଘର ଗୁଡିକର କାର୍ଯ୍ୟ ସମ୍ପୂର୍ଣ୍ଣ ନକରି ସମସ୍ତ ଟଙ୍କା ଉଠାଇ ନେଇଥିବା ଯୋଗ୍ୟ ହିତାଧିକାରୀ ଅଭିଯୋଗ କରିଛନ୍ତି । ଘର ଗୁଡିକ ସମ୍ପୂର୍ଣ୍ଣ ହୋଇନଥିବା ନେଇ ଗରିବ ହିତାଧିକାରୀ ସରକାରୀ ଅନୁଦାନରେ ନିର୍ମିତ ନୂଆ ଘରକୁ ଚାହିଁ ଚାହିଁ ଭଙ୍ଗା ଓ ପର ଘରେ ଦୁର୍ଦ୍ଦିନରେ ଜୀବନ ବିତାଇବାକୁ ବାଧ ହେଉଛନ୍ତି । ସେହି ଭଳି ଗ୍ରାମରେ ସ୍ୱଚ୍ଛ ଭାରତ ଯୋଜନାରେ ୧୨ହଜାର ଟଙ୍କାର ପାଇଖାନା ପାଇଥିବା ଶତାଧିକ ହିତାଧିକାରୀଙ୍କ ପାଇଖାନା ଗୁଡିକ ଅଧନିର୍ମିତ ଅବସ୍ଥାରେ ଛାଡ଼ି ଅବଶିଷ୍ଟାଂଶ ଟଙ୍କାକୁ ହରିଲୁଟ୍ କରିନେଇଥିବା ଅଭିଯୋଗ ହୋଇଛି । ସାଧାରଣତଃ ଅଧିକାଂଶ ପାଇଖାନାର କବାଟ ଲାଗିନଥିବା ସହ ଟାଙ୍କି ନିର୍ମାଣ କରାଯାଇନାହିଁ । ସେହି ଭଳି ଅନେକ ପାଇଖାନା ଗୁଡିକ ଭାଙ୍ଗିବାକୁ ବସିଥିବା ବେଳେ ସେଗୁଡିକ ବର୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ହୋଇପାରିନାହିଁ । ଯାହାକୁ ନେଇ ହିତାଧିକାରୀମାନେ ମଳତ୍ୟାଗ ପାଇଁ ପୂର୍ବ ଭଳି ଖୋଲା ସ୍ଥାନ ବା ଜଙ୍ଗଲ ଉପରେ ନିର୍ଭର କରୁଛନ୍ତି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଉକ୍ତ ଯୋଜନାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଅଧସମ୍ପୂର୍ଣ୍ଣ ଘର ଓ ପାଇଖାନା ଗୁଡିକ ସମ୍ପୂର୍ଣ୍ଣ କରିବାକୁ ଜନସାଧାରଣରେ ଦାବି ହୋଇଛି ।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Thursday April 01, 2021 ଭୁବନେଶ୍ୱର ଗୁରୁବାର, ଅପ୍ରେଲ ୦୧,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


## ଓଡ଼ିଶାରେ ପ୍ରଥମ : କିମ୍ସରେ ୩ ଦିନର ଶିଶୁଠାରେ ବିରଳ ହୃଦ୍-ଅସ୍ତ୍ରୋପଚାର



ଭୁବନେଶ୍ୱର : ମାତ୍ର ୩ ଦିନର ଶିଶୁର ହୃଦ୍ ଅସ୍ତ୍ରୋପଚାର କରି ଶିଶୁକୁ ନୂତନ ଜୀବନ ପ୍ରଦାନ କରିଛନ୍ତି କିମ୍ସର ହୃଦ୍‌ଶଲ୍ୟ ବିଶେଷଜ୍ଞ। ଶିଶୁଟି ରକ୍ତଚାପ ଯୋଗୁଁ ହୃଦ୍‌ପିଣ୍ଡ ଜନିତ ସମସ୍ୟାର ସମ୍ମୁଖୀନ ହେଉଥିବା ଜାଣିବା ପରେ ଶିଶୁର ପିତାମାତା କିମ୍ସ ହୃଦ୍‌ଶଲ୍ୟ ବିଶେଷଜ୍ଞ ଡାକ୍ତର ଅନୁପମ ଜେନାଙ୍କ ସହ ପରାମର୍ଶ କରିଥିଲେ। ଡା. ଜେନା ପରୀକ୍ଷା କରିବା ପରେ ଏହା ହୃତପିଣ୍ଡକୁ ସଂଯୋଗ କରୁଥିବା ରକ୍ତବାହିକା ନଳୀ ଆଓର୍ଟା ଅତି ସଂକୀର୍ଣ୍ଣ ଥିବା ଜାଣିବାକୁ ପାଇଥିଲେ। ରକ୍ତନଳୀଟି ଏତେ ଅଣଓସାରିଆ ଥିଲା ଯେ, ତାହା ଦ୍ୱାରା ରକ୍ତ ସଞ୍ଚାଳନ ସମ୍ଭବ ହୋଇ ପାରୁନଥିଲା। ତୁରନ୍ତ ଶିଶୁର ଅସ୍ତ୍ରୋପଚାର ପାଇଁ ଡା. ଜେନା ପରାମର୍ଶ ଦେଇଥିଲେ। ଦୀର୍ଘ ୨ ଘଣ୍ଟାର ଅସ୍ତ୍ରୋପଚାର ପରେ ଏବେ ଶିଶୁଟି ସୁସ୍ଥ ଅଛି। ଶିଶୁ ରୋଗ ବିଶେଷଜ୍ଞ ଡା. ସନ୍ତୋଷ ପଣ୍ଡାଙ୍କ ସମେତ କିମ୍ସର କ୍ୟାଥ୍‌ଲାବ ଦଳର ସମସ୍ତ ସଦସ୍ୟ ଏଥିରେ ଡା. ଜେନାଙ୍କୁ ସହଯୋଗ କରିଥିଲେ। ଉନ୍ନତ ଓ ଅତ୍ୟାଧୁନିକ ଯନ୍ତ୍ରପାତି ଓ ଭିତ୍ତିଭୂମି ଯୋଗୁଁ ଏଭଳି ଅସ୍ତ୍ରୋପଚାର ସମ୍ଭବ ହୋଇପାରିଛି। ନିଜ ଅଭିଜ୍ଞତାରେ ମାତ୍ର ୩ ଦିନର ଶିଶୁଠାରେ ଅସ୍ତ୍ରୋପଚାର କରିବା ପ୍ରଥମ ବୋଲି ଡା. ଜେନା ପ୍ରକାଶ କରିଛନ୍ତି। ଏଭଳି ବିରଳ ଅସ୍ତ୍ରୋପଚାର ଓଡ଼ିଶାରେ ପ୍ରଥମ ଥର ପାଇଁ ହୋଇଥିବା ବେଳେ ପୂର୍ବ ଭାରତରେ ଏହା ଏକ ଦୃଷ୍ଟାନ୍ତମୂଳକ ଅସ୍ତ୍ରୋପଚାର ବୋଲି ଡା. ଜେନା କହିଛନ୍ତି। ତେବେ କିମ୍ସରେ ବ୍ୟାପକ, ଉନ୍ନତ ଓ ଅତ୍ୟାଧୁନିକ ଯନ୍ତ୍ରପାତି ଓ ଭିତ୍ତିଭୂମି ତଥା ଲାଇଫ୍ ସପୋର୍ଟ ବ୍ୟବସ୍ଥା ଥିବାରୁ ଏହି ଅସ୍ତ୍ରୋପଚାର ସମ୍ଭବ ହୋଇପାରିଲା ବୋଲି ଡା. ଜେନା ସୂଚନା ଦେଇଛନ୍ତି। ଖବରରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ଡା. ଅନୁପମ ଜେନା ଓ ତାଙ୍କ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ଏବଂ ଶିଶୁଟିର ଆରୋଗ୍ୟ କାମନା କରିଛନ୍ତି।

## ଆନନ୍ଦପୁର କଲେଜରେ ଛାତ୍ର ଅଶାନ୍ତି

ଆନନ୍ଦପୁର: ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପରୀକ୍ଷା ନୀତିକୁ କେନ୍ଦ୍ର କରି ଆନନ୍ଦପୁର ମହାବିଦ୍ୟାଳୟରେ ଛାତ୍ର ଅଶାନ୍ତି ଦେଖା ଦେଇଛି। ଛାତ୍ରଛାତ୍ରୀ ମୁଖ୍ୟ ଫାଟକରେ ତାଲା ପକାଇବା ସହିତ ଟାୟାର ଜାଳି ପ୍ରତିବାଦ କରିଛନ୍ତି। ମହାବିଦ୍ୟାଳୟର +୩ ଶେଷବର୍ଷ କଳା, ବିଜ୍ଞାନ, ବାଣିଜ୍ୟର ୩ୟ ସେମିଷ୍ଟାର, ବିଭିନ୍ନ ସମାନ ପରୀକ୍ଷା ହୋଇଥିଲା। ଏହି ପରୀକ୍ଷା ଫଳ ଅଦ୍ୟାବଧି ପ୍ରକାଶ ପାଇନଥିବା ବେଳେ ଛାତ୍ରଛାତ୍ରୀ ମାର୍କସିଟ୍ ମଧ୍ୟ ପାଇ ନାହାଁନ୍ତି। ଏପଟେ ସେହି ପରୀକ୍ଷାର ବ୍ୟାକ୍ ପେପର ପରୀକ୍ଷା ଫର୍ମପୂରଣ ପାଇଁ ଆଜି ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ଏକ ପିଡିଏଫ୍ ଫାଇଲରେ ବିଶ୍ୱବିଦ୍ୟାଳୟରୁ ଆସିଥିବା ତଥ୍ୟ ଅନୁସାରେ ବାଣିଜ୍ୟ ବିଭାଗର ୪୭ଜଣଙ୍କ ମଧ୍ୟରୁ କେବଳ ୧୧ଜଣ ପାସ୍ କରିଛନ୍ତି। ମାର୍କସିଟ୍ ଆସିନଥିବା ବେଳେ କିଭଳି ଛାତ୍ରଛାତ୍ରୀ ଫର୍ମପୂରଣ କରିବେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ବିଶ୍ୱବିଦ୍ୟାଳୟର ଏଭଳି ଅଜବ ନୀତି ବିରୋଧରେ ଛାତ୍ରଛାତ୍ରୀ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇ ଥିଲେ। ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ଦେଖି କଲେଜ ଅଧ୍ୟକ୍ଷ ରାଜେନ୍ଦ୍ର ନାରାୟଣ ଦାଶ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ମାର୍କସିଟ୍ ଆଣିବା ପାଇଁ ସ୍ୱତନ୍ତ୍ର କର୍ମଚାରୀଙ୍କୁ ପଠାଇ ଥିବା ପ୍ରକାଶ କରିଛନ୍ତି। ଖୁବ୍ ଶୀଘ୍ର ଏହାର ସମାଧାନ କରାଯିବ ବୋଲି ଅଧ୍ୟକ୍ଷ ଗଣମାଧ୍ୟମକୁ କହିଛନ୍ତି।

## ଆନନ୍ଦପୁରରେ ନୂତନ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ କୋର୍ଟ ଉଦ୍‌ଘାଟିତ, ଆଇନ୍‌ଜୀବି ଓ ବିଚାରପତିଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ହିଁ ତ୍ୱରିତ ନ୍ୟାୟର ପଥ ପ୍ରଦର୍ଶକ : ମୁଖ୍ୟ ବିଚାରପତି



ଆନନ୍ଦପୁର: ଆଜି ବୁଧବାର ଆନନ୍ଦପୁର ଉପଖଣ୍ଡରେ ନବନିର୍ମିତ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ବରିଷ୍ଠ ଦେୱାନୀ ଅଦାଲତଙ୍କ ଆରର୍ଷଣୀୟ କୋର୍ଟ ଗୃହ ମାନ୍ୟବର ଉଚ୍ଚନ୍ୟାୟାଳୟ ଓଡିଶାର ମୁଖ୍ୟ ବିଚାରପତି ଡଃ ଏସ୍.ମୁରଲୀଧରଙ୍କ ଦ୍ୱାରା (ଭରଚୁଆଲ ମୋଡ୍) ଆଭାସୀ ଚିତ୍ରପଟ ଜରିଆରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନ ଉବସରରେ ଓଡିଶା ଉଚ୍ଚ ନ୍ୟାୟାଳୟର ଭିଡିଓ କନ୍‌ଫରେନ୍ସ ହଲ୍‌ରୁ ସିଧା ପ୍ରସାରଣ ମାଧ୍ୟମରେ ଉଦ୍‌ଘାଟନ ଫଳକ ଉନ୍ମୋଚନ ଅବସରରେ ଉପସ୍ଥିତ ବିଚାରପତି, ଆଇନଜୀବି, ସାମ୍ବାଦିକ, ସାଧାରଣ ଲୋକ ମାନଙ୍କୁ ଉଦ୍‌ବୋଧନ କରି ଆଇନଜୀବି ଓ ବିଚରାଳୟ ଅଧିକାରୀଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ଯୋଗୁଁ ନ୍ୟାୟ ବ୍ୟବସ୍ଥାରେ ତ୍ୱରାନ୍ୱିତ ହୋଇ ପାରିବ। ଏହାଦ୍ୱାରା ଲୋକମାନେ ତ୍ୱରିତ ନ୍ୟାୟ ପାଇପାରିବା ସହିତ ଆଇନ୍ ବ୍ୟବସ୍ଥା ସୁଦୃଢ ହୋଇ ପାରିବ। ସାଂପ୍ରତିକ କରୋନା ସଂକ୍ରମଣ ପରିସ୍ଥିତି ଯୋଗୁଁ ପ୍ରତ୍ୟକ୍ଷ ଭାବେ ଉପସ୍ଥିତ ହୋଇନପାରିବାରୁ ଉଦ୍‌ଘାଟନ ବିଳମ୍ବିତ ହେବା ଯୋଗୁଁ ଭିଡିଓ କନଫରେନ୍ସର ବ୍ୟବସ୍ଥାରେ ଉଦ୍‌ଘାଟନ ହୋଇଥଇବା ଦୃଷ୍ଟିରେ ରଖି ଆଗାମୀ ଦିନରେ ଆନନ୍ଦପୁର ସୁଦୃଶ୍ୟ କୋର୍ଟ ଗୃହକୁ ଅବଲୋକନ କରି ତଦାରଖ କରିବାକୁ ଆନନ୍ଦପୁର ଗସ୍ତରେ ଆସିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏହି ଉତ୍ସବରେ ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ତଥା କେନ୍ଦୁଝର ଜିଲ୍ଲା ପ୍ରୋଟୋକଲ ବିଚାରପତି ବିଭୂପ୍ରସାଦ ରାଉତରାୟ ଯୋଗ ଦେଇଥିଲେ। କେନ୍ଦୁଝର ଜିଲ୍ଲା ଦୌରାଜଜ୍ ବେଣୁଧର ପାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ କେନ୍ଦୁଝର ଜିଲ୍ଲା ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ବିଶ୍ୱଜିତ୍ ମହାନ୍ତି, ରେଜିଷ୍ଟ୍ରାର ଡଃ ମମତା ମହାନ୍ତି, ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ରନ କୁମାର ସୁତାର, ବରିଷ୍ଠ ଦେୱାନ ଅଦାଲତ ବିଚାରପତି ଅଭୟ କୁମାର ଦାଶ, ଏସ.ଡି.ଜେ.ଏମ୍. ରଶ୍ମୀରେଖା ପାତ୍ର, ଜେ.ଏମ୍.ଏଫ୍.ସି. ସୁପ୍ରଭା କୁଣ୍ଡୁ, ହାଟଡିହି ଜେ.ଏମ୍.ଏଫ୍.ସି. ପ୍ରତିମା ସାହୁ, ଜେ.ଏମ୍.ଏଫ୍.ସି. ଆନନ୍ଦପୁର ପ୍ରବୀଣ କୁମାର ହୋତା, କୋର୍ଟ ମ୍ୟାନେଜର ମାନସ ରଂଜନ ପଟ୍ଟନାୟକ, ଓକିଲ ସଂଘ ସଭାପତି ଦୟାନିଧି ଦାଶ, ସମ୍ପାଦକ ରବିନ୍ଦ୍ର କୁମାର ସାହୁ ଓ ସମସ୍ତ ଆଇନଜୀବିଙ୍କ ସହ ଆନନ୍ଦପୁରର ଜନସାଧାରଣ ପ୍ରମୁଖ ଯୋଗଦାନ କରିଥିଲେ।

## ଭଗାମୁଣ୍ଡା ଠାରେ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ଦେବଙ୍କ ୩ୟ ବାର୍ଷିକ ଉତ୍ସବ

ଭଗାମୁଣ୍ଡା:କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଭଗାମୁଣ୍ଡା ଗ୍ରାମ ନିବାସୀ ନାରଙ୍ଗପୁର ଶାଖା ସଂଘ ଭାଇ ବୁଦ୍ଧଦେବ ଓ ମିନତୀ ମା'ଙ୍କ ଗୃହ ଆସନରେ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ଦେବଙ୍କ ୩ୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ କେନ୍ଦ୍ର ସେବକ ଛବିନ୍ଦ୍ର ଭାଇ ସଭାପତିତ୍ୱ କରିଥିବା ବେଳେ ସେବକ ଦିପ୍ତୀକାନ୍ତ ଭାଇ ଠାକୁରଙ୍କ ପଞ୍ଚ ଉପଚାର ସେବା କରିଥିଲେ। ଆଗରପଡା ଶାଖା ସଂଘର ସଭାପତି ପ୍ରଭାତ ଭାଇ, ବାବୁ ଭାଇ, ନୃସିଂହ ଭାଇ, ଭଦ୍ରକ ଶାଖା ସଂଘର ରାମ ଭାଇ ଓ ମା'ମାନେ, ନାରଙ୍ଗପୁର ଶାଖା ସଂଘର ସଭାପତି କୁଳମଣୀ ଭାଇ ଓ ଭଉଣୀମାନେ ଉକ୍ତ ଉତ୍ସବରେ ଉପସ୍ଥିତ ଥିଲେ। ଭଗାମୁଣ୍ଡା ରାମ ଭାଇଙ୍କ ପାରିବାରିକ ସଂଘର ସମସ୍ତ କର୍ମକର୍ତ୍ତା ଉତ୍ସବରେ ଉପସ୍ଥିତ ରହି ଭାବବିନିମୟ କରିଥିଲେ। ବ୍ୟାସନଗର ସଂଘର ବିଷ୍ଣୁ ଭାଇ, ଜ୍ୟୋତି ମା', ନଳିନୀ ଭାଇ, କୁଳମଣୀ ଭାଇ ଠାକୁରଙ୍କ ଉପରେ ଆଲୋକପାତ କରିଥିଲେ।

## ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ପୂର୍ବତନ ରାଜ୍ୟ ସଂଗଠନ ସମ୍ପାଦକ କୁମାର କୃଷ୍ଣଚନ୍ଦ୍ର ରାୟଙ୍କ ଶ୍ରଦ୍ଧାଳି ସଭା

ଆନନ୍ଦପୁର: ଆନନ୍ଦପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭାଗୃହରେ ଗତ ୨୮ତାରିଖ ରବିବାର ଅପରାହ୍ନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ପୂର୍ବତନ ରାଜ୍ୟ ସଂଗଠନ ସମ୍ପାଦକ ୰କୁମାର କୃଷ୍ଣଚନ୍ଦ୍ର ରାୟଙ୍କ ଉଦ୍ଦେଶ୍ୟରେ ଆନ୍ନଦପୁର ଏବିଭିପି ପକ୍ଷରୁ ଏକ ଶ୍ରଦ୍ଧାଳି ସଭା ଅନୁଷ୍ଠିତ ହୋଇଯାଇଛି। ଏବିଭିପିର ପୂର୍ବତନ କାର୍ଯ୍ୟକର୍ତ୍ତା ଶ୍ରୀଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଳୀ ସଭାରେ ଅତିଥି ଭାବେ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ରବୀନ୍ଦର ପ୍ରସାଦ ଚାନ୍ଦ, ଆନନ୍ଦପୁର ମହାବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦର ସଭାପତି ତଥା ଆଇନଜୀବି ବିଚିତ୍ର କୁମାର ଚକ୍ର, ଆଇନଜୀବି ହେମନ୍ତ ମଲ୍ଲିକ, ଅରବିନ୍ଦ ମିଶ୍ର, ହରେକୃଷ୍ଣ ପାତ୍ର, ପଦ୍ମନାଭ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ୰ରାୟଙ୍କ ତୈଳ ଫଟୋଚିତ୍ରରେ ଉପସ୍ଥିତ ସମସ୍ତ କାର୍ଯ୍ୟକର୍ତ୍ତା ଦୀପ ପ୍ରଜ୍ୱଳନ ସହ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଳୀ ଅର୍ପଣ କରିଥିଲେ। ଅତିଥିମାନେ ୰ରାୟଙ୍କ ଜୀବନୀ, ଆଦର୍ଶ ଓ କାର୍ଯ୍ୟ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ କୃପାସିନ୍ଧୁ ଶଙ୍ଖୁଆଳ, ମୁନିନ୍ଦ୍ର ସେଠୀ, ଅକ୍ଷୟ ରାମ, ବିପିନ ସେଠୀ, ପ୍ରଦୀପ ଖୁଣ୍ଟିଆ, ସୁଜିତ୍ କୁମାର ଦଳେଇ, ରାଜେନ୍ଦ୍ର ସାହୁ, ମଦନ ମନୋହନ ସାହୁ, ରତିକାନ୍ତ ସାହୁ, ସରୋଜ କୁମାର ମିଶ୍ର, ରାହାସ ବିହାରୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ କାୟାକଳ୍ପ ପୁରସ୍କାର

ଆନନ୍ଦପୁର: ଘଷିପୁରା ବ୍ଲକ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଇଛି। ସାରା ଓଡିଶାରେ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ୨୪ତମ ସ୍ଥାନ ହାସଲ କରିଛି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କାୟାକଳ୍ପ ଟିର ବରିଷ୍ଠ ପଦାଧିକାରୀ ଗତ ଜାନୁୟାରୀ ମାନସରେ ସାଇଁକୁଳ ଡାକ୍ତରଖାନା ପରିଦର୍ଶନରେ ଆସିଥିଲେ। ସର୍ଭେ କାଳରେ ଡାକ୍ତରଖାନାରେ ରୋଗୀ ସେବା, ପରିଷ୍କାର ପରିଚ୍ଛନ୍ନତା, ପରିମଳ ବ୍ୟବସ୍ଥା ବର୍ଜ୍ୟବସ୍ତୁ ସଂଗ୍ରହ ଓ ପରିଚାଳନା ବ୍ୟବସ୍ଥାର ପରିଚାଳନା ଉତ୍ତମ ଥିବାରୁ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିଲା। ଡାକ୍ତରଖାନାର ପରିଷ୍କାର ପରିଚ୍ଛନ୍ନତା, ସବୁଜିମା, ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଉତ୍ସର୍ଗୀକୃତ ସେବା ମନୋଭାବକୁ ନେଇ ଚୟନ କମିଟି ବିଶେଷଜ୍ଞ ଦ୍ୱାରା ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଚୟନ କରାଯାଇଥିଲା। ଡାକ୍ତର, କର୍ମଚାରୀ, ନର୍ସ, ମେଡିକାଲ ଷ୍ଟାଫ୍ କଠିନ ପରିଶ୍ରମ ଓ ଉତ୍ସର୍ଗୀକୃତ ସେବା ପାଇଁ କାୟାକଳ୍ପ ପୁରସ୍କାର ହାସଲ କରିଥିବାରୁ ସେଥିପାଇଁ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡଃ.ରାବ ରାଉତ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ସଦସ୍ୟଙ୍କୁ ସାଧୁବାଦ ଜଣାଇଛନ୍ତି।

## ଚରମ୍ପା-ବେଲମଳାରେ ଅଗ୍ନିକାଣ୍ଡ : ୫ ପରିବାରର ୧୦ ବଖରା ଘର ଭସ୍ମୀଭୂତ

ଭଦ୍ରକ: ଭଦ୍ରକ ବ୍ଲକ୍‌ର ଚରମ୍ପା ବେଲମଳା ଗ୍ରାମରେ ଅଗ୍ନିକାଣ୍ଡ ଘଟି ୫ ଟି ପରିବାରର ୧୦ ବଖରା ଘର ଓ ଲକ୍ଷାଧିକ ଟଙ୍କାର ଧନସଂପତ୍ତି ଜଳିପୋଡି ପାଉଁଶ ହୋଇଯାଇଛି। ଶୋଇଥିବା ଅବସ୍ଥାରେ ଏହି ଅଗ୍ନିକାଣ୍ଡ ଘଟିଥିବା ବିଷୟ ଜଣାପଡିଛି। ଯାହା ଜଣାଯାଏ ଗତକାଲି ବିଳମ୍ବିତ ରାତିରେ ଏହି ଗ୍ରାମର ଗୌରହରି ବେହେରା, ପ୍ରହ୍ଲାଦ ବେହେରା, ନିର୍ମଳ ବେହେରା ଓ ଦୀନେଶ ବେହେରାଙ୍କ ଘରଲୋକେ ଶୋଇଥିବାବେଳେ ଏହି ଅଗ୍ନିକାଣ୍ଡ ଘଟିଥିଲା। ନିଆଁ ଲାଗିବା ଦେଖି ପରିବାର ଲୋକେ ଘରୁ ବାହାରକୁ ଦୌଡି ପଳାଇଆସି ଜୀବନ ବଂଚାଇଥିଲେ। ପରେ ଅଗ୍ନିଶମ ବାହିନୀର ଦୁଇଟି ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ୫ ଟି ପରିବାରର ଲକ୍ଷାଧିକ ଟଙ୍କାର ଧନସଂପତ୍ତି ଜଳିପୋଡି ପାଉଁଶ ହୋଇଯାଇଥିଲା। ତେବେ ବିଦ୍ୟୁତ୍ ସର୍ଟ ସର୍କିଟ୍ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବାର ଅନୁମାନ କରାଯାଉଛି। ଘଟଣାସ୍ଥଳରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ପହଞ୍ଚି କ୍ଷୟକ୍ଷତିର ଆକଳନ କରି ଅଗ୍ନି ବିପନ୍ନଙ୍କୁ ସରକାରଙ୍କ ତରଫରୁ ସମସ୍ତ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିବାର ଜଣାପଡିଛି।

## ଓସିଏ 'ଭିଜନ-୨୦୨୪' ଆନ୍ତଃ ଜିଲ୍ଲା କ୍ଲବ ସିନିୟର ଲିଗ୍ ଟୁର୍ଣ୍ଣାମେଣ୍ଟ, ବିଜୟଭାନୁ ଗ୍ରୀନ ରେଲୱେ ସ୍ପୋର୍ଟ୍‌ସ ଏକାଡେମୀ ବିଜୟୀ

ଭଦ୍ରକ: ଚରମ୍ପା ରେଲୱେ ଗ୍ରାଉଣ୍ଡ ଓ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡ଼ିଆ ଦୁଇଟି ସ୍ଥାନରେ ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୁଲ୍ୟରେ 'ଭିଜନ-୨୦୨୪' ପରିପ୍ରେକ୍ଷୀରେ ଜିଲ୍ଲା କ୍ରିକେଟ ଆସୋସିସିଏସନ ଦ୍ୱାରା ଆୟୋଜିତ ହୋଇ ଚାଲୁଥିବା ଆନ୍ତଃ ଜିଲ୍ଲା ସିନିୟର କ୍ଲବ ଲିଗ ଟୁର୍ଣ୍ଣାମେଣ୍ଟରେ ଆଜି ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସେଥିମଧ୍ୟରୁ ଗୋଟିଏ ମ୍ୟାଚରେ ବିଜୟଭାନୁ ଗ୍ରୀନ ଦଳ ବିଜୟୀ ହୋଇଥିବା ବେଳେ ଅନ୍ୟ ଏକ ମ୍ୟାଚରେ ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟ୍‌ସ ଏକାଡେମୀ ବିଜୟୀ ହୋଇଛି। ଚରମ୍ପା ରେଲୱେ ପଡ଼ିଆରେ ଅନୁଷ୍ଠିତ ମ୍ୟାଚ ବିଜୟଭାନୁ ମେମୋରିଆଲ କ୍ରିକେଟ ଏକାଡେମୀ (ଗ୍ରୀନ) ଓ ୟୁନାଇଟେଡ ଏକାଡେମୀ ମଧ୍ୟରେ ଖେଳା ଯାଇଥିଲା। ଏହି ମ୍ୟାଚକୁ ଗ୍ରୀନ ଦଳ ୧୯୧ ରନରେ ଜତିଛି। ଗ୍ରୀନ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ୪୭.୧ ଓଭରରେ ୩୪୧ ରନ କରି ଅଲ୍ ଆଉଟ ହୋଇଥିବା ବେଳେ ରୁଦ୍ର ରଂଜନ ବେହେରା ୯୦, ସାହିଲ ଖାନ ୬୫ ଓ ସି. କୁମାର ସ୍ୱାମୀ ୪୬ ରନ କରିଥିଲେ। ୟୁନାଇଟେଡ ଏକାଡେମୀ ପକ୍ଷରୁ ସାହାନଓ୍ୱାଜ କାଦ୍ରୀ ୫ ଉଇକେଟ, ସେକ୍ ଆଲାଉଦ୍ଦିନ ଓ ବିମଳ ଦାସ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ଦ୍ୱିତୀୟାର୍ଦ୍ଧରେ ବ୍ୟାଟିଂ କରି ୟୁନାଇଟେଡ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୩୩.୨ ଓଭରରେ ମାତ୍ର ୧୫୦ ରନ କରି ସମସ୍ତ ଖେଳାଳୀ ଆଉଟ ହୋଇଯାଇଥିଲେ। ତେବେ ଦଳ ପକ୍ଷରୁ ପ୍ରୀତି ରଂଜନ ନାୟକ ୫୨, କମଳାକାନ୍ତ ବେହେରା ୨୦ ଓ ଚିତ୍ତ ରଂଜନ ବେହେରା ୨୭ ରନ କରିଥିଲେ। ଗ୍ରୀନ ପକ୍ଷରୁ ସୌମ୍ୟ ରଂଜନ ବାରିକ ୩ଟି, ସୂର୍ଯ୍ୟ ମହାପାତ୍ର ୨ଟି ଓ ସି. କୁମାର ସ୍ୱାମୀ ଗୋଟିଏ ଉଇକେଟ ନେଇଥିଲେ। ଗ୍ରୀନ ଦଳର ସି. କୁମାର ସ୍ୱାମୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଏହି ମ୍ୟାଚକୁ ଲଲାଟ କେଶରୀ ନନ୍ଦ ଓ ପ୍ରଦିପ୍ତ କୁମାର ନାୟକ ଅମ୍ପାୟାର ଭାବେ ପରିଚାଳନା କରିଥିବା ବେଳେ ଦେବବ୍ରତ ଦାସ ଓ ସସ୍ମିତା ଜୀଉ ସ୍କୋରର ଥିଲେ। ଅନ୍ୟପକ୍ଷରେ ଭଦ୍ରକ କଲେଜ ପଡ଼ିଆରେ ଖେଳା ଯାଇଥିବା ମ୍ୟାଚରେ ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟ୍‌ସ ଏକାଡେମୀ ସୂର୍ଯ୍ୟଶିଖା କ୍ରିକେଟ କ୍ଲବକୁ ୧୬୭ ରନରେ ପରାଜିତ କରି ବିଜୟୀ ହୋଇଛି। ରେଲୱେ ଏକାଡେମୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୪୦ ଓଭରରେ ୪ ଉଇକେଟ ହରାଇ ୨୮୫ ରନ କରିଥିଲା। ଦଳ ପକ୍ଷରୁ ମାନସ କୁମାର ସାହୁ ୧୦୨, ଜ୍ୟୋତିରଂଜନ ମହାରଣା ୮୮, ଓମ୍‌ଶ୍ରୀ ଯାଦବ ୩୧, ନୀହାର ଭୁୟାଁ ୨୫ ରନ କରିଥିଲେ। ସୂର୍ଯ୍ୟଶିଖା ପକ୍ଷରୁ ଚନ୍ଦନ ରାଉତ ଗୋଟିଏ ଉଇକେଟ ନେଇଥିଲେ। ଦ୍ୱିତୀୟ ପାଳିରେ ବ୍ୟାଟିଂ କରିଥିବା ସୂର୍ଯ୍ୟଶିଖା ଦଳ ୩୦ ଓଭରରେ ୧୧୮ରନ କରି ସବୁ ଖେଳାଳୀ ଆଉଟ ହୋଇଥିଲେ। ତେବେ ଦଳ ପକ୍ଷରୁ ଆଲୋକ ବାରିକ ୨୩, ଇମ୍ରାନ ଖାନ୍ ୧୯ ଓ ସରୋଜ ଧଳ ୧୯ ରନ କରିବାକୁ ସକ୍ଷମ ହୋଇଥିଲେ। ରେଲୱେ ଏକାଡେମୀ ପକ୍ଷରୁ ମୃଣ୍ମୟ ତ୍ରିପାଠୀ ୪ଟି ଓ ହରେକୃଷ୍ଣ ବାରିକ ୨ଟି ଉଇକେଟ ନେଇଥିଲେ। ମାନସ କୁମାର ସାହୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଏହି ମ୍ୟାଚରେ ସାର୍ଥକ ରଂଜନ ବିଶ୍ୱାଳ ଓ ରଂଜନ ମହାନ୍ତି ଅମ୍ପାୟାର ଥିବା ବେଳେ ସସ୍ମିତା ସାହୁ ଓ ଅସିତ ଦାସ ସ୍କୋରର ଥିଲେ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM



MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray